


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୧୯ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 19 MARCH 2025
Vol.No. 36 ■ No.73 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ନବ ଦାସ ହତ୍ୟାକାଣ୍ଡ ପଛରେ କିଏ ?
## ସାନି ତଦନ୍ତ ପ୍ରକ୍ରିୟା ଆରମ୍ଭ କଲେ ସରକାର



ଭୁବନେଶ୍ୱର, ୧୮/୩ (ନି.ପ୍ର): ନବ ଦାସ ମର୍ଡର ଫାଇଲ୍ ଖୋଲିଲେ ମୋହନ ସରକାର। ପଦାକୁ ଆସିବ ଷଡ଼ଯନ୍ତ୍ର ଥିଓରି ! ପୁଣି ଘାଣ୍ଟିବ କ୍ରାଇମବ୍ରାଞ୍ଚ। ଫସିବେ ମର୍ଡର ପଛରେ ଥିବା ବଡ଼ବଡ଼ିଆ ! ଆଜିଠୁ ଆରମ୍ଭ ହୋଇଛି ପ୍ରକ୍ରିୟା। ପୁଣି ଥରେ ନବଙ୍କ ପରିବାର ସଦସ୍ୟଙ୍କ ବୟାନ ରେକର୍ଡ କଲା କ୍ରାଇମବ୍ରାଞ୍ଚ। ନବ ଦାସ ହତ୍ୟାକାଣ୍ଡର ପ୍ରକୃତ କାରଣ କଣ। ଅଭିଯୁକ୍ତ ଗୋପାଳ ପଛରେ କିଏ। ମର୍ଡର ପଛରେ ପଲିଟିକାଲ ନା ବ୍ୟାବସାୟିକ ଷଡ଼ଯନ୍ତ୍ର। ଏସବୁ ଖୋଜିବାକୁ ସାନି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି ନୂଆ ସରକାର। ନବଙ୍କ ପତ୍ନୀ ଲିଖିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ପରେ ଆଜି କରାଇବ୍ରାଞ୍ଚର ଦୁଇ ଅଧିକାରୀ ନବଙ୍କ ଘରେ ପହଂଚି ତାଙ୍କ ପରିବାର ସଦସ୍ୟଙ୍କ ପୁଣି ଥରେ ବୟାନ ରେକର୍ଡ କରିଛନ୍ତି। ନବଙ୍କ ଝିଅ ଦୀପାଳି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କଠାରୁ ସାକ୍ଷାତ ପାଇଁ ଅନୁମତି ମିଳିବା ପରେ, ଉଇଓ ତଦନ୍ତ ଲେଟର୍ ଦେବୁ। ତେବେ ଆଗକୁ ତଦନ୍ତ କେଉଁ ମୋଡ଼ ନେଇପାରେ । ନବ ଦାସ ମର୍ଡର ଫାଇଲ୍ ଖୋଲିଲେ ମୋହନ ସରକାର। ପଦାକୁ ଆସିବ ଷଡ଼ଯନ୍ତ୍ର ଥିଓରି ! ପୁଣି ଘାଣ୍ଟିବ କ୍ରାଇମବ୍ରାଞ୍ଚ। ଫସିବେ ମର୍ଡର ପଛରେ ଥିବା ବଡ଼ବଡ଼ିଆ ! ଆଜିଠୁ ଆରମ୍ଭ ହୋଇଛି ପ୍ରକ୍ରିୟା। ପୁଣି ଥରେ ନବଙ୍କ ପରିବାର ସଦସ୍ୟଙ୍କ ବୟାନ ରେକର୍ଡ କଲା କ୍ରାଇମବ୍ରାଞ୍ଚ। ଏହା ଭିତରେ ନବଙ୍କ ପରିବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇବା ପରେ ଆଜି ଝାରସୁଗୁଡାସ୍ଥିତ ନବଙ୍କ ଘରେ ପହଞ୍ଚିଥିଲେ କ୍ରାଇମବ୍ରାଞ୍ଚର ଦୁଇ ଅଧିକାରୀ। ସେଠାରେ ପ୍ରାୟ ୭ ଘଣ୍ଟା ଧରି ରହିବା ସହ ପରିବାର ସଦସ୍ୟଙ୍କ ବୟାନ ରେକର୍ଡ କରିଛି ଏହି ତଦନ୍ତକାରୀ ସଂସ୍ଥା। ଏହାପରେ ନବଙ୍କ ଝିଅ ଦୀପାଳି କହିଛନ୍ତି, ଆମ ପରିବାର ତରଫରୁ ଯାହା ଷ୍ଟେଟମେଣ୍ଟ ଦେବାର ଥିଲା ଦେଇଛୁ। ଆମ ଷ୍ଟେଟମେଣ୍ଟ ଆଧାରରେ ତଦନ୍ତ ଆଗକୁ ଯିବ ବୋଲି ଆଶା। ତାସହ ସିବିଆଇ ତଦନ୍ତ ଦାବି ପ୍ରସଙ୍ଗ କହିଛନ୍ତି, ଆମ ପରିବାର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ଅନୁମତି ମାଗିଛୁ। ଅନୁମତି ମିଳିଲେ ଉଇଓ ତଦନ୍ତ ଲେଟର ଦେବୁ। ଏପଟେ ବିଧାନସଭାରେ ଆଇନ ମନ୍ତ୍ରୀ ସୂଚନା ଦେଇ କହିଛନ୍ତି ନବ ଦାସ ହତ୍ୟା କାଣ୍ଡରେ ସେମାନେ ନ୍ୟାୟ ଦେଇ ପାରି ନଥିଲେ।

▶▶ପୃଷ୍ଠା ୭

## ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ

ଭୁବନେଶ୍ୱର, ୧୮/୩ (ନି.ପ୍ର): ଓଡ଼ିଶା ସରକାର ଆଇଏଏସ୍ ସ୍ତରରେ ଏକ ଛୋଟ ଅଦଳବଦଳ କରିଛନ୍ତି। ୩ ଆଇଏଏସ୍ ଅଧିକାରୀଙ୍କୁ ବଦଳି କରାଯାଇଛି। ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର ପ୍ରକାଶିତ ବିଜ୍ଞପ୍ତିରେ ୨୦୧୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସମର୍ଥ ବର୍ମା, ୨୦୧୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ୨୦୧୩ ବ୍ୟାଚର ଆଇଏଏସ୍ ଅଧିକାରୀ ଶୁଭମ ସାକ୍ସେନାଙ୍କୁ ବଦଳି କରାଯାଇଥିବା ଉଲ୍ଲେଖ କରାଯାଇଛି। ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ଜାରି ଏକ ବିଜ୍ଞପ୍ତି ଅନୁଯାୟୀ, ୨୦୧୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସମର୍ଥ ବର୍ମାଙ୍କୁ ବୈଷୟିକ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶକଙ୍କୁ ଲଘୁ ଖଣିଜ ନିର୍ଦ୍ଦେଶକର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏହା ବ୍ୟତୀତ, ଓଡ଼ିଶା ସରକାରଙ୍କ ୨୦୧୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଓଡ଼ିଶା ରାଜ୍ୟ ନାଗରିକ ଯୋଗାଣ ନିଗମ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇଛି। ଏହା ପୂର୍ବରୁ, ଚକ୍ରବର୍ତ୍ତୀ ରାଜ୍ୟ ଲଘୁ ଖଣିଜ ପଦାର୍ଥ ବିଭାଗର ନିର୍ଦ୍ଦେଶକ ଥିଲେ। ଏହା ସହିତ, ୨୦୧୩ ବ୍ୟାଚର ଆଇଏଏସ୍ ଅଧିକାରୀ ଶୁଭମ ସାକ୍ସେନାଙ୍କୁ ଓଡ଼ିଶା କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇଛି।

## ଗଞ୍ଜାମର ବଡ଼ଗଡ଼ରେ ଗୋଷ୍ଠୀ ସଂଘର୍ଷ: ବାପ, ପୁଅଙ୍କ ସମେତ ଉଭୟ ପକ୍ଷର ୩ ମୃତ

ଗଞ୍ଜାମ, ୧୮/୩ (ନି.ପ୍ର): ଗଞ୍ଜାମର ବଡ଼ଗଡ଼ ଥାନା ଅଞ୍ଚଳରେ ଭୟଙ୍କର ଗୋଷ୍ଠୀ ସଂଘର୍ଷ । ସଂଘର୍ଷରେ ଉଭୟ ଗୋଷ୍ଠୀର ୩ ଜଣ ପ୍ରାଣ ହରାଇଛନ୍ତି। ଗୋଟିଏ ଗୋଷ୍ଠୀର ବାପା ଓ ପୁଅଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଏକ ଗୋଷ୍ଠୀର ଜଣେ ପ୍ରାଣ ହରାଇଛନ୍ତି । ବଡଗଡ ଥାନା ଖାରିପଲ୍ଲୀ ଗାଁରେ ଏହି ଘଟଣା ଘଟିଛି । ଗୋଟିଏ ଗୋଷ୍ଠୀର ଲୋକେ ଅନ୍ୟ ଗୋଷ୍ଠୀର ଦୁଇଜଣଙ୍କୁ ନିର୍ମମ ହତ୍ୟା କରିଛନ୍ତି। ପ୍ରାଣ ହରାଇଥିବା ଦୁଇଜଣ ବାପା ଓ ପୁଅ ବୋଲି ଜଣାପଡିଛି । ଦୁଇ ଜଣ ବାପା ପୁଅ ହେଲେ ଖଦାଲ ବେହେରା ଓ ରତ୍ନାକର ବେହେରା। ଅନ୍ୟ ଏକ ଗୋଷ୍ଠୀର ରମେଶ ବେହେରା ଗୁରୁତର ହୋଇଛନ୍ତି । ଏମାନଙ୍କୁ ଧରାକୋଟ ମେଡିକାଲରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ଦୁଇଟି ମୃତଦେହ ପଡିଛି । ଗୁଣିଗାରେଡିକୁ କେନ୍ଦ୍ରକରି ଗାଁରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି । ଘଟଣା ପରେ ଖାରିପଲ୍ଲୀ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ୫ଟି ଥାନା ଶେରଗଡ, ସୋରଡା, ବଡଗଡ, ଧରାକୋଟ ଓ ଆସ୍କା ଥାନାର ଆଇଆଇସି ଗାଁରେ ପହଞ୍ଚିଛନ୍ତି ।

## ଲଘୁ ଖଣିଜ ଲୁଟ ରୋକିବା ଉପରେ ପ୍ରାଥମିକତା ଦିଆଯାଉଛି : ଖଣି ମନ୍ତ୍ରୀ

ଭୁବନେଶ୍ୱର, ୧୮/୩ (ନି.ପ୍ର): ଲଘୁ ଖଣିଜ ଲୁଟ ଲୁଟ୍ ନେଇ ଯେଉଁମାନେ ଆଜି କହୁଛନ୍ତି ସେମାନେ ଜାଣିଛନ୍ତି ୨୦୨୩ରେ ରାଜସ୍ୱ ବିଭାଗରୁ ଖଣି ବିଭାଗକୁ ଲଘୁ ଖଣିଜ ବିଭାଗ ଆସିଛି। ଏ ଖଣି ଖଦାନ ଚୋରା ଚାଲାଣ ଅଟକେଇବା ମୋ ବିଭାଗର ପ୍ରାଥମିକତା। ଗତ ବର୍ଷ ପେନାଲଟି ବାବଦକୁ ୧୦ କୋଟି ୧୨

▶▶ପୃଷ୍ଠା ୭

## ତାତିରୁ ମିଳିବ ଆଶ୍ୱସ୍ତି: ଆଜିଠୁ ପାଗରେ ପରିବର୍ତ୍ତନ

ଭୁବନେଶ୍ୱର, ୧୮/୩ (ନି.ପ୍ର): ରାଜ୍ୟରେ ଉପରମୁହାଁ ପାରଦ। ଜଳୁଛି ପଶ୍ଚିମ ଓଡ଼ିଶା। ପଶ୍ଚିମ ଓଡ଼ିଶାରେ ଆସନ୍ତାକାଲି ଯାଏ ହିଟୱେଭ୍ କଣ୍ଡିସନ ଜାରି ରହିବ ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ, ଆଜି ପାଇଁ ଝାରସୁଗୁଡ଼ା ଓ ବୌଦ୍ଧକୁ ଅରେଞ୍ଜ ଏବଂ ୪ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଉପକୂଳ ଓଡ଼ିଶାରେ କାଲିଠୁ ପାଗରେ ପରିବର୍ତ୍ତନ ଦେଖାଦେବ। ୨୨ ତାରିଖ ଯାଏଁ କାଳବୈଶାଖୀ ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି କିଛି ସ୍ଥାନରେ କୁଆପଥର ବର୍ଷା ହୋଇପାରେ। ଗତକାଲି ବି ରାଜ୍ୟରେ ସବୁଠୁ ତତଲା ସହର ପାଲଟିଥିଲା ବୌଦ୍ଧ। ବୌଦ୍ଧରେ ଗତକାଲି ସର୍ବାଧିକ ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ ହୋଇଥିଲା। । ତା'ପଛକୁ ବରଗଡରେ ୪୨ ଡିଗ୍ରୀ, ଅନୁଗୋଳ ୪୦.୭, ଟିଟିଲାଗଡ ୪୦.୫ ଏବଂ ମାଲକାନଗିରି ୪୦.୨ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିଲା। ଭୁବନେଶ୍ୱରରେ ଗତକାଲି ତାପମାତ୍ରା ସାମାନ୍ୟ ଖସି ୩୬.୭ ଡିଗ୍ରୀ ରହିଥିଲା।

## ୬ ବର୍ଷ ପୂର୍ବରୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇ ହେବନି: ଶିକ୍ଷା ବିଭାଗର ବଡ ନିଷ୍ପତ୍ତି



ଭୁବନେଶ୍ୱର, ୧୮/୩ (ନି.ପ୍ର): ପ୍ରଥମ ଶ୍ରେଣୀ ନାମଲେଖା ନେଇ ବୟସ ଦ୍ୱନ୍ଦ୍ୱ ଦୂର କଲା ଶିକ୍ଷା ବିଭାଗ। ପ୍ରଥମ ଶ୍ରେଣୀ ନାମଲେଖା ପାଇଁ ପିଲାର ବୟସ ୬ କିମ୍ବା ଏହାଠାରୁ ଅଧିକ ହୋଇଥିବା ଆବଶ୍ୟକ ବୋଲି କୁହାଯାଇଛି। ୨୦୨୫-୨୬ ଶିକ୍ଷା ବର୍ଷରୁ ଏହି ନିୟମ କାର୍ଯ୍ୟକାରୀ ନେଇ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ନିୟମ ଲାଗୁ କରାଯାଇଛି। ୬ ବର୍ଷ ବୟସ ଗଣନା ନେଇ ମଧ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ମାର୍ଚ୍ଚ ୩୧ ପରିବର୍ତ୍ତେ ସେପ୍ଟେମ୍ବର ୧ ତାରିଖକୁ ବୟସ ସୀମା ଧରାଯିବ। ସେପ୍ଟେମ୍ବର ୧ ସୁଦ୍ଧା ଯେଉଁ ଶିଶୁ ମାନଙ୍କ ବୟସ ୬ କିମ୍ବା ତଦୁର୍ଦ୍ଧ ସେମାନେ ନାମ ଲେଖାଇବେ । ସ୍କୁଲ ସ୍ତରରେ ଜାତୀୟ ଶିକ୍ଷା ନୀତି ଲାଗୁ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗଠନ ହୋଇଥିବା ଷ୍ଟିୟରିଂ କମିଟିର ସୁପାରିସ ଅନୁଯାୟୀ ଏହି ତାଲିକା ପ୍ରସ୍ତୁତ ହୋଇଛି। ଜାତୀୟ ଶିକ୍ଷା ନୀତି ବା ଘରଚ ୨୦୨୦ ଲାଗୁ ହେବା ପରେ ଶିଶୁଙ୍କୁ ୩ ବର୍ଷ ବୟସରୁ ଶିକ୍ଷା ପରିଧିକୁ ଅଣାଯିବ। ଅଙ୍ଗନବାଡି, ପ୍ରାକ୍ ସ୍କୁଲ, ବାଲ ବାଟିକା ସହିତ ପ୍ରଥମ ଓ

▶▶ପୃଷ୍ଠା ୭

## ନାଗପୁର ହିଂସା : କଠୋର କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଲେ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ, ୧୮/୩ : ମହାରାଷ୍ଟ୍ରର ଔରଙ୍ଗଜେବଙ୍କ କବରକୁ ନେଇ ନାଗପୁରର ମହଲ ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ହିଂସାତ୍ମକ ସଂଘର୍ଷ ଘଟିଛି । ଏହି ସମୟରେ ଦୁର୍ବୃତ୍ତମାନେ ଅନେକ ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ । ପୋଲିସ୍ ଉପରକୁ ପଥର ମାଡ଼ କରିବା ସହ ସରକାରୀ ସମ୍ପତ୍ତିକୁ ନଷ୍ଟ କରିଥିଲେ । ପଥର ମାଡ଼ରେ ଡିସିପିଙ୍କ ସମେତ ଅନେକ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ କର୍ତ୍ତୃପକ୍ଷ କର୍ଫ୍ୟୁ ଲାଗୁ କରିବା ସହ ହିଂସାପ୍ରବଣ ଅଞ୍ଚଳରେ ଅତିରିକ୍ତ ପୁଲିସ ଫୋର୍ସ ମୁତୟନ କରିଛନ୍ତି । ଏହି ଘଟଣାରେ ପୋଲିସ ୪୦ ଜଣ ଦୁର୍ବୃତ୍ତଙ୍କୁ ଅଟକ ରଖିଛି । କେନ୍ଦ୍ରୀୟ ନାଗପୁରର ଚିଟ୍‌ନିସ୍ ପାର୍କ ଅଞ୍ଚଳରେ ସୋମବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ବେଳେ ଏହି ହିଂସାକାଣ୍ଡ ଘଟିଥିଲା ଏବଂ ପୋଲିସ ଉପରକୁ ପଥର ମାଡ଼ କରାଯାଇଥିଲା । ଜାତୀୟ ଗଣମାଧ୍ୟମର ସୂଚନା ଅନୁଯାୟୀ, ଔରଙ୍ଗଜେବଙ୍କ ସମାଧି ହଟାଇବା ପାଇଁ ଭିଏଚ୍‌ପି-ବଜରଙ୍ଗ ଦଳ ପକ୍ଷରୁ ଆନ୍ଦୋଳନ ଚାଲିଥିବା ବେଳେ ମୁସଲମାନ ସମ୍ପ୍ରଦାୟର ପବିତ୍ର ପୁସ୍ତକ ପୋଡ଼ି ଦିଆଯାଇଥିଲା ବୋଲି ଗୁଜବ ପ୍ରଚାର ହୋଇଥିଲା।

## ଯୁଦ୍ଧ ବିରାମ ହଟୁ ହଟୁ ରକ୍ତମୁଖା ଇସ୍ରାଏଲ : ୪ ଶହରୁ ଅଧିକ ମୃତ

ନୂଆଦିଲ୍ଲୀ, ୧୮/୩ : ଯୁଦ୍ଧ ବିରାମ ପରେ ଗାଜା ଉପରେ ଅତର୍କିତ ଆକ୍ରମଣ କରିଛି ଇସ୍ରାଏଲ । ଘଟଣାରେ ୩ଶହରୁ ଅଧିକଙ୍କ ପ୍ରାଣହାନି ହେବା ସହ ହଜାର ସଂଖ୍ୟକ ଲୋକ ଆହତ ହୋଇଛନ୍ତି । ସେପଟେ ଆକ୍ରମଣ ପୂର୍ବରୁ ଗାଜାକୁ ସମସ୍ତ ଅତ୍ୟାବଶକୀୟ ସାମଗ୍ରୀ ଆସିବା ଉପରେ ରୋକ ଲଗାଇଥିଲା ଇସ୍ରାଏଲ । ଯାହାଫଳରେ ଆଗକୁ କ୍ଷୁଧା ଜନିତ ଓ ସ୍ୱାସ୍ଥ୍ୟ ସମସ୍ୟାରେ ମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା ଦେଖାଯାଇପାରେ । ଗାଜାର ବୁରେଜୀ ଅଞ୍ଚଳ ଏବେ ଇସ୍ରାଏଲର ଆକ୍ରମଣରେ ଛାରଖାର ହୋଇପଡିଛି । ଏଠାକାର ଏକ ସ୍କୁଲରେ ଆଶ୍ରୟ ନେଇଥିବା ଶରଣାର୍ଥୀଙ୍କ ଉପରେ ଆକ୍ରମଣ କରିଛି ଆଇଡିଏଫ । ଯେଉଁଠି ଆଖି ପଡୁଛି ସେଠି ଖାଲି ଶବ ଓ କ୍ଷତବିକ୍ଷତ ଶରୀର । ଯୁଦ୍ଧ ବିରାମ ସରିବା ପରେ ବଡ ଧରଣର ଆକ୍ରମଣ କରି ପୁଣି ଶକ୍ତି ପ୍ରଦର୍ଶନ କରିଛି ଇସ୍ରାଏଲ ସେନା । ଘଟଣାରେ ଏବେ ସୁଦ୍ଧା ୩୫୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ସେପଟେ ଗାଜାପଟ୍ଟିକୁ ଖାଲି କରିବାକୁ କହିଛି ଆଇଡିଏଫ । ଇସ୍ରାଏଲର ଆକ୍ରମଣରେ ରକ୍ତମୁଖା ହମାସ ଧମକ ପରେ ଧମକ ଦେଇ ଚାଲିଛି । ଅସ୍ତ୍ରବିରତି ଉଲ୍ଲଂଘନର କଡ଼ା ଜବାବ ଦିଆଯିବ କହିଛି ହମାସ । ଇସ୍ରାଏଲର ଏହି ଭୁଲ, ପଣବନ୍ଦୀଙ୍କ ଜୀବନକୁ ବିପଦରେ ପକାଉଥିବା କହି ହମାସ ଧମକ ଦେଇଛି । ସେପଟେ ଇସ୍ରାଏଲ ମଧ୍ୟ ପଛଘୁଞ୍ଚା ଦେବାକୁ ଚାହୁଁନି । ଆଗକୁ ହମାସ ବିରୋଧରେ ବଡ ସୈନ୍ୟ ଅଭିଯାନ ଚାଲିବ ବୋଲି କହିଛନ୍ତି

▶▶ପୃଷ୍ଠା ୭

## ଯଶସ୍ୱୀ କବି ରମାକାନ୍ତ ରଥଙ୍କ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର, ୧୮/୩ (ନି.ପ୍ର): ଆଜି ସ୍ଥାନୀୟ ଏପିସିଏଲ ପ୍ରେକ୍ଷାଳୟରେ ଯଶସ୍ୱୀ କବି ରମାକାନ୍ତ ରଥଙ୍କ ଶ୍ରଦ୍ଧାଂଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କବି ଶ୍ରୀଦେବୀ ପୌରୋହିତ୍ୟ କରିଥିବାବେଳେ କବି ଉତ୍ପଳ ମହାନ୍ତି ଏହାକୁ ସଂଚାଳନ କରିଥିଲେ। ବାଲେଶ୍ୱର ଜିଲ୍ଲାର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ କବି ଏହି ଶ୍ରଦ୍ଧାଂଜଳି ସଭାରେ ଶ୍ରଦ୍ଧା ଅର୍ପଣ କରିବା ସହ ତାଙ୍କ ସହ ବ୍ୟକ୍ତିଗତ ଜୀବନ ଓ କବିଙ୍କ ସହ ବିତାଇଥିବା ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। କିଭଳି ତାଙ୍କର କବିତାରେ ଶବ୍ଦର ଯାଦୁକରୀ ସ୍ୱର୍ଶ କବିମାନଙ୍କୁ ବିମୋହିତ କରେ ଓ ପାଠକ/ପାଠିକା ନିକଟରେ ପ୍ରିୟଭାଜନ ହୋଇପାରେ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଯଶସ୍ୱୀ କବି ରମାକାନ୍ତ ରଥ ଏକ ବତିଘର ସଦୃଶ। ଯାହାଙ୍କ କବିତା କବି ବନ୍ଧୁମାନଙ୍କୁ ବତିଘର ସଦୃଶ ନୂତନ ପଥ ଦେଖାଇବା ସହ ପାଠକ/ପାଠିକାଙ୍କୁ ନୂଆ ସକାଳର ସ୍ୱପ୍ନ ଦେଖାଇବ ବୋଲି କବିମାନେ ନିଜ ନିଜ ବକ୍ତବ୍ୟରେ ମତପ୍ରକାଶ କରିଥିଲେ। ଏହି ଶ୍ରଦ୍ଧାଂଜଳି ସଭାରେ କବି ବିମଳ ଜେନା, କବି ଅଭୟ ଦାସ, କବି ସୀତାଂଶୁ ଜେନା, କବି ରଂଜନ ବାଗ, ଶଶୀରଂଜନ ମଲ୍ଲିକ, ସତ୍ୟଶିବ ସୁନ୍ଦର ଦାସ, ଗୋପାମୁଦ୍ରା ମହାପାତ୍ର, ସୁବାଷ ପାତ୍ର, ଶୁଭେନ୍ଦୁ ଦାସ, ପ୍ରଶାନ୍ତ ଦାସ, ସନ୍ତୋଷ କୁମାର ନାଏକ, ରମାକାନ୍ତ ନାୟକ, ସୃଷ୍ଟିଧର ପରିଡ଼ା, ଗଙ୍ଗାଧର ବିଶ୍ୱାଳ, ସଂଜୟ କୁମାର ପଣ୍ଡା, ସତ୍ୟ ସାହୁ ପ୍ରମୁଖ କବି ଶ୍ରଦ୍ଧାଂଜଳି ସଭାରେ ଉପସ୍ଥିତ ଥିଲେ। ଅସୁସ୍ଥତା ଯୋଗୁଁ କବି କୃଷ୍ଣ କୁମାର ମହାନ୍ତି ଆସିନଥିବାରୁ ପଠାଇଥିବା ତାଙ୍କର ବାର୍ତ୍ତାକୁ ପାଠ କରାଯାଇଥିଲା।

## ଆଜି ପୃଥିବୀରେ ପହଂଚିବେ ସୁନୀତା ୱିଲିୟମ୍ସ



ନୂଆଦିଲ୍ଲୀ, ୧୮/୩ : ନାସାର ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ବୁଚ ୱିଲମୋର ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ମହାକାଶରେ ୯ ମାସ ବିତାଇବା ପରେ ଶେଷରେ ପୃଥିବୀକୁ ଫେରିବାକୁ ଯାଉଛନ୍ତି । ସୁନୀତା ୱିଲିୟମ୍ସ ଏବଂ ବୁଚ ୱିଲମୋର କ୍ରୁ-୯ ସଦସ୍ୟ ମହାକାଶଚାରୀ ନିକ ହେଗ ଏବଂ ମହାକାଶଚାରୀ ଆଲେକଜାଣ୍ଡର ଗୋର୍ବୁନୋଭଙ୍କ ସହିତ ପୃଥିବୀକୁ ଫେରିବେ । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସ୍ପେସଏକ୍ସର କ୍ୟାପସୁଲ କ୍ରୁ-୯ ଆନ୍ତର୍ଜାତୀୟ ମହାକାଶ ଷ୍ଟେଶନରେ ଫସି ରହିଥିବା ମହାକାଶଚାରୀମାନଙ୍କୁ ନେଇ ପ୍ରସ୍ଥାନ କରିଛି । ନାସା ସୁନୀତା ୱିଲିୟମ୍ସ ଏବଂ ବୁଚ ୱିଲମୋରଙ୍କ ପୃଥିବୀରେ ଅବତରଣ ତାରିଖ, ସମୟ ଏବଂ ସ୍ଥାନ ନିଶ୍ଚିତ କରିଛି। ନାସା ମହାକାଶଚାରୀଙ୍କ ପୃଥିବୀକୁ ଫେରିବାର ସିଧା ପ୍ରସାରଣ ମଧ କରୁଛି । ଭାରତୀୟ ସମୟ ବୁଧବାର ଭୋର ୩ଟା ୨୭ମିନିଟରେ ଫ୍ଲୋରିଡା ଉପକୂଳରେ ଅବତରଣ କରିବାର ଯୋଜନା ରହିଛି । ଲ୍ୟାଣ୍ଡ କରିସାରିବା ପରେ ସ୍ପେସ ଏକ୍ସ ଟିମ୍ ମହାକାଶ ଟିମକୁ ବାହାରକୁ ଆଣିବ। ତେବେ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା ବେଳକୁ ଏହାର ସ୍ପିଡ୍ ଥିବ ଘଣ୍ଟା ପ୍ରତି ୨୭ ହଜାର କିଲୋମିଟର । ବାୟୁମଣ୍ଡଳରେ ପ୍ରବେଶ କରିବା ମାତ୍ରେ ଆରମ୍ଭ ହେବ ଅଗ୍ନିପରୀକ୍ଷା । ବାୟୁ ସହ ଘର୍ଷଣ ହୋଇ ବାହାରୁ ଏହା ଏକ ଅଗ୍ନିପିଣ୍ଡୁଳା ପାଲଟିଯିବ,

▶▶ପୃଷ୍ଠା ୭

# ଭଦ୍ରକରେ ନୂତନ ଏ.ଡି.ଏମ୍. ଓ ନୂତନ ସି.ଡି.ଓ.ଙ୍କ ଯୋଗଦାନ

ଭଦ୍ରକ,୧୮/୩ (ନି.ପ୍ର): ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି ବଦଳି ଆଦେଶ ବିଜ୍ଞପ୍ତି ଅନୁଯାୟୀ ଭଦ୍ରକ ଜିଲ୍ଲାପରିଷଦରେ କାର୍ଯ୍ୟରତ ଥିବା ମୁଖ୍ୟ ଉନ୍ନୟନ ଏବଂ ନିର୍ବାହୀ ଅଧିକାରୀ ସରୋଜ କୁମାର ଦତ୍ତ ଭଦ୍ରକର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ଭଦ୍ରକର ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଠାରେ କାର୍ଯ୍ୟରେ ଯୋଗଦେଇଛନ୍ତି। ଜିଲ୍ଲାପରିଷଦର ନୂତନ ମୁଖ୍ୟ ଉନ୍ନୟନ ଅଧିକାରୀଭାବେ ଶୁଭେନ୍ଦ୍ର କୁମାର ସାମଲ ଯୋଗ ଦେବା ପରେ ଶ୍ରୀଯୁକ୍ତ ଦତ୍ତ ଉକ୍ତ ପଦବୀର ଦାୟିତ୍ୱ ହସ୍ତାନ୍ତର କରି ନିଜର ନୂତନ ପଦବୀରେ ଯୋଗ ଦେଇଛନ୍ତି। ସୂଚନାଯୋଗ୍ୟକି ଶ୍ରୀଯୁକ୍ତ ଦତ୍ତ ମୁଖ୍ୟ ଉନ୍ନୟନ ଅଧିକାରୀଭାବେ ଭଦ୍ରକରେ ୨୨-୦୮-୨୩ରୁ ଜଣେ ବରିଷ୍ଠ ଦକ୍ଷ ପ୍ରଶାସକ ଭାବେ ନିଜର ଦାୟିତ୍ୱ ତୁଲାଇ ଆସିଛନ୍ତି । ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଜଣେ ଦକ୍ଷ ପ୍ରଶାସକ ଶୁଭେନ୍ଦ୍ର କୁମାର ସାମଲ ଭଦ୍ରକ ଜିଲ୍ଲାପରିଷଦର ନୂତନ ମୁଖ୍ୟ ଉନ୍ନୟନ ଏବଂ ନିର୍ବାହୀ ଅଧିକାରୀଭାବେ କାର୍ଯ୍ୟରେ ଯୋଗଦେଇ ଉକ୍ତ ପଦବୀରେ କାର୍ଯ୍ୟରତ ଥିବା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଶ୍ରୀଯୁକ୍ତ ସାମଲ ଯାଜପୁର ଜିଲ୍ଲାରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଭାବେ ଦକ୍ଷତାର ସହିତ ନିଜର ଦାୟିତ୍ୱ ନିର୍ବାହ କରିଛନ୍ତି । କାର୍ଯ୍ୟରେ ଯୋଗଦାନ ପରେ ଜିଲ୍ଲାପରିଷଦ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଅଭିନନ୍ଦନ ଜଣାଇଥିଲେ ।

# ନୂତନ ଡାକ୍ତରଖାନା ନିର୍ମାଣ ପାଇଁ ବେଆଇନ ଜବରଦଖଲ ଉଚ୍ଛେଦ

ଖୋର୍ଦ୍ଧା,୧୮/୩ (ନି.ପ୍ର): ନୂତନ ଡାକ୍ତରଖାନା ନିର୍ମାଣ ପାଇଁ ଜାଗା ଚିହ୍ନଟ ପରେ ସୋମବାର ବେଆଇନ ଜବରଦଖଲକୁ ଚିଲିକା ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇଛି । ସୂଚନା ମୁତାବକ ସୋରଣ ପଂଚାୟତ ଭଗବତୀପୁର ମୌଜାଠାରେ ସରକାରୀ ଜମିରେ ଏକ ଡାକ୍ତରଖାନା ନିର୍ମାଣ ପାଇଁ ଜାଗା ଚିହ୍ନଟ କରାଯାଇଥିଲା । ତେବେ ଡାକ୍ତରଖାନା ନିର୍ମାଣ ହେଲେ ଆଖପାଖ ଅଂଚଳର ୭ ରୁ ଉର୍ଦ୍ଧ୍ୱ ପଂଚାୟତବାସୀ ଉପକୃତ ହୋଇପାରିବେ। ଉକ୍ତ ଜାଗାରେ ବେଆଇନ ଭାବେ ଘର ନିର୍ମାଣ କରାଯାଇଥିବା ବେଳେ ଏହାକୁ ଉଚ୍ଛେଦ ନେଇ ଚିଲିକା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସମ୍ପୃକ୍ତ ଘର ମାଲିକଙ୍କୁ ବାରମ୍ବାର ନୋଟିସ ଜାରି କରାଯାଇଥିଲା ।

# ଚାନ୍ଦା ଆଦାୟକୁ ନେଇ ସଙ୍ଘବଦ୍ଧ ଆକ୍ରମଣ: ୮ ଦିନ ପରେ ବି ଗିରଫ ହେଲେନି ଅଭିଯୁକ୍ତ : ୩ ଜଣ ଆହତ

ଘଟଗାଁ ,୧୮/୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ବିଦ୍ୟାଧରପୁର ବଜାରରେ ଚାନ୍ଦା ଆଦାୟକୁ କେନ୍ଦ୍ର କରି ବିଦ୍ୟାଧରପୁର ଗ୍ରାମର ଜଣେ ଗାଡି ଚାଳକ ଓ ତାଙ୍କ ପରିବାର ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି । ଘଟଣାକୁ ନେଇ ସୋସୋ ଥାନାରେ ଆହତ ପିତାମ୍ବର ଯେନା ଏକ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ କେସ ନଂ ୪୯/ ୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରାଯାଉ ନଥିବାରୁ ଅଭିଯାଗକାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାଇ ବିଦ୍ୟାଧରପୁର ଗ୍ରାମର ପିତାମ୍ବର ଯେନା ଜଣେ ଗାଡି ଚାଳକ ଗତ ୧୧ତାରିଖ ଦିନ ମଧ୍ୟାହ୍ନରେ ଟ୍ରକ୍ ଧରି ଯାଉଥିବା ସମୟରେ ଲୋକ ଗହଳି ଥିବା ଯୋଗୁଁ ହର୍ଣ୍ଣ ବଜାଇଥିଲେ। ଠିକ ଏହି ସମୟରେ ସ୍ଥାନୀୟ ଠାକୁରପାଟଣା ଗ୍ରାମର ଚିନ୍ତାମଣି ପାତ୍ର ନାମକ ଜଣେ ବ୍ୟକ୍ତି ଆସି ପିତାମ୍ବରଙ୍କୁ କାହିଁକି ହର୍ଣ୍ଣ ମାରିଲୁ ବୋଲି କହି ଅସଭ୍ୟ ଭାଷାରେ ଗାଳି କରିଥିଲା। ଭିଡ଼ ଥିବାରୁ ହର୍ଣ୍ଣ ମାରିଲି ଅସୁବିଧା କେଉଁଠି ରହିଲା ବୋଲି କହିବାରୁ ସେ ପିତାମ୍ବରକୁ ଗାଡିରୁ ଘୋଷାରି ଆଣି ଜାତିଆଣ ଆପେକ୍ଷ କରି କରି ଗାଳି ଗୁଲଜ କରିବା ସହିତ ପିତାମ୍ବରଙ୍କୁ ମାଡ଼ ମରିଲେ। ପରେ ଗାଡି ନେଇ ଟିକେ ଦୂରରେ ରଖିବା ପରେ ଚିନ୍ତାମଣି ପାତ୍ର, ମାନସ ପାତ୍ର, ଶତ୍ରୁଘ୍ନ ପାତ୍ର, ଶୁଭେନ୍ଦୁ ପାତ୍ରଙ୍କ ସମେତ ତାଙ୍କ ପରିବାର ଲୋକେ ଆସି ପିତାମ୍ବରକୁ ପୁନର୍ବାର ଲୁହା ଛଡ଼ ଏବଂ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ । ପିତାମ୍ବରର ପାଟି ଶୁଣି ନିକଟରେ ମେଳା ଦେଖିବାକୁ ଆସିଥିବା ତାଙ୍କ ଭାଇ ଉତମ ଯେନା ଓ ପୁତୁରା ନୀଳାଂଚଳ ଯେନା ଦୌଡି ଆସିବାରୁ ସେମାନଙ୍କୁ ମଧ ଆକ୍ରମଣ କରି ଗୁରୁତର କରିଥିଲେ। ପରେ ପରିବାରଲୋକେ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଡାକ୍ତରଖାନା ନେଇଥିଲେ। ଏନେଇ ପିତାମ୍ବର ସୋସୋ ଥାନାରେ ଅଭିଯୋଗ କରିବା ପରେ ସୋସୋ ପୋଲିସ କେସ୍ ନଂ ୪୯/ ୨୦୨୫ରେ ବିଭିନ୍ନ ଦଫାରେ ୧୦ଜଣଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଆଜି ପର୍ଯ୍ୟନ୍ତ ଅଭିଯୁକ୍ତମାନେ ଗିରଫ ହୋଇନଥିବା ବେଳେ ସେମାନେ ଭୟଭୀତ ଅବସ୍ଥାରେ ଅଛନ୍ତି ବୋଲି ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିମାନେ ଅଭିଯୋଗ କରିଛନ୍ତି। ଯଦି ପୋଲିସ ଟାଳଟୁଳ ନୀତି ଅବଲମ୍ବନ କରେ ତେବେ ଆମ୍ଭେ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଟରେ ଗୁହାରୀ କରିବାରୁ ଯିବୁ ବୋଲି ପିତାମ୍ବର କହିଛନ୍ତି। ଏ ସମ୍ପର୍କରେ ସୋସୋ ଥାନା ଆଇଆଇସିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆନନ୍ଦପୁର ଏଡିପିଓ ପ୍ରଶାନ୍ତ କୁମାର ବେହେରା ଘଟଣାର ତଦନ୍ତ କରୁଛନ୍ତି ବୋଲି କହିଛନ୍ତି।

# ପାରାଦୀପ ବନ୍ଦର ପକ୍ଷରୁ ମକ୍ ଡ୍ରିଲ୍ ଆୟୋଜିତ



ପାରାଦୀପ,୧୮/୩ (ନି.ପ୍ର): ପାରାଦୀପ ବନ୍ଦର ପକ୍ଷରୁ ମିଳିତ ମକ୍ ଡ୍ରିଲ୍ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ମକ୍ ଡ୍ରିଲ୍‌ରେ ମୁଣ୍ଡୁଳିସ୍ଥିତ ୩ୟ ବାଟାଲିୟନ୍ ଏନଡିଆରଏଫ ଟିମ୍ ସାମିଲ୍ ହୋଇଥିଲେ । ବାତ୍ୟା ପରେ କିଭଳି ଭାବେ ଜନସାଧାରଣଙ୍କୁ ଉଦ୍ଧାର ଓ ଥଇଥାନ କରାଯିବ ସେ ନେଇ ଡ୍ରିଲ୍ ପ୍ରଦର୍ଶିତ ହୋଇଥିଲା । ବିଭିନ୍ନ କୋଠାବାଡି, ରାସ୍ତା ଅବରୋଧ, ବିଭିନ୍ନ ସ୍ଥାନରେ ରହିଯାଇଥିବା ଲୋକମାନଙ୍କୁ ଉଦ୍ଧାର କରିବା ଆଦି ଉପରେ ଗୁରୁତ୍ୱ ଦିଆଯାଇଥିଲା । ପାରାଦୀପ ବନ୍ଦରର ବିଭିନ୍ନ ସହଯୋଗୀ ସଂସ୍ଥାର ପ୍ରତିନିଧିମାନେ ଏକ ଆଲୋଚନାରେ ସାମିଲ ହୋଇଥିଲେ । ଅଗ୍ନି ନିର୍ବାପନ ସମ୍ପର୍କରେ ସିଆଇଏସଏଫ୍‌ର କମାଣ୍ଡା ଅକ୍ଷତ ପଟେଲ୍ ବିବରଣୀ ଉପସ୍ଥାପନ କରିବା ସହିତ ନମୁନା ପ୍ରଦର୍ଶନ କରିଥିଲେ । ସିଆଇଏସଏଫର ଅଗ୍ନି ନିର୍ବାପନ ବିଭାଗର କମାଣ୍ଡର ଅମରେଶ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଚୋରା ମଦ କାରବାରକୁ ବିରୋଧ କରିବାରୁ ପରିବାରକୁ ଆକ୍ରମଣ : ଥାନାରେ ଏତଲା

ଧର୍ମଶାଳା,୧୮/୩ (ନି.ପ୍ର): ଗ୍ରାମାଂଚଳରେ ଚୋରାରେ ଦେଶୀ ମଦ କାରବାର ବୃଦ୍ଧି ପାଉଛି । ହାତ ପାହାନ୍ତାରେ ଛକ ବଜାର ଓ ଗାଁ ଗଣ୍ଡାରେ ମିଳି ଯାଉଥିବାରୁ ଏହି କାରବାର ବହୁ ବୃଦ୍ଧି ପାଉଛି । ଫଳରେ ମଦ୍ୟପଙ୍କ ସଂଖ୍ୟା ବୃଦ୍ଧି ପାଇବା ଫଳରେ ସ୍ଥାନୀୟ ଲୋକେ ଏହାର ଶିକାର ହେଉଛନ୍ତି । ଖାଲି ସେତିକି ନୁହେଁ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରରେ ଏହି ଚୋରା ମଦ କାରବାର ବୃଦ୍ଧି ପାଉଥିବାରୁ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏପରିକି ବିରୋଧ କଲେ ଆକ୍ରମଣର ଶିକାର ହେବାକୁ ପଡୁଛି । ବିରୋଧ କରିବାରୁ ଜଣେ ମହିଳାଙ୍କ ପରିବାର ଉପରେ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଆକ୍ରମଣ ଫଳରେ ରଶ୍ମିତା ମଳିକଙ୍କ ପରିବାର ଏବେ ଭୟଭିତ ହୋଇପଡିଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟିସ୍ଥ ବେତଣ୍ଡା ଗ୍ରାମରେ । ଏହି ଗ୍ରାମ ନିକଟରେ ରହିଛି ସରକାରୀ ବିଦ୍ୟାଳୟ ସହ କୋମଳମତି ଶିଶୁ ପାଇଁ ଏକ ଅଙ୍ଗନବାଡି କେନ୍ଦ୍ର ରହିଛି । ଏବଂ ନିକଟରେ ମନ୍ଦିର ଓ ଜନବସତି ରହିଛି । ବିଦ୍ୟାଳୟ ଓ ଅଙ୍ଗନବାଡି ପାଚେରୀ ନିକଟରେ ଚୋରାରେ ଦେଶୀ ମଦ ଆଣି ଏକ କୁଡିଆ ଓ ଗଛ ମୂଳରେ ବେଧଡକ ବିକ୍ରୀ କରୁଛନ୍ତି । ଫଳରେ ମଦ୍ୟପଙ୍କ ଅକଥନୀୟ କଥା ଶୁଣିବାକୁ ପଡୁଛି । ଫଳରେ ସେମାନେ ବାଧ ହୋଇ ମଦ ବିକ୍ରୀ କରିବାକୁ ବିରୋଧ କରିବାରୁ ଘରେ କେହି ନ ଥିବାରୁ ସୁଯୋଗ ନେଇ ମହିଳାମାନଙ୍କୁ ବ୍ୟବସାୟୀ ସୁକାନ୍ତ ମଳିକ, ରବିନ୍ଦ୍ର ମଳିକ ଓ ମଦନ ମଳିକ ଆକ୍ରମଣ କରିଛନ୍ତି । ଫଳରେ ସମାନେ ବାଧ ହୋଇ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି । ଥାନାରେ ଅଭିଯୋଗ ହେବା ପରେ ବ୍ୟବସାୟୀ ଉତ୍ୟକ୍ତ ହୋଇ ଥାନାରେ କାହିଁ ଅଭିଯୋଗ କଲ ବୋଲି କହି ରଶ୍ମିତାଙ୍କ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ।

# ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ହୁଣ୍ଡିରୁ ୫ ଲକ୍ଷ ୩୬ ହଜାର ଆୟ

କେନ୍ଦ୍ରାପଡ଼ା,୧୮/୩ (ନି.ପ୍ର): କେନ୍ଦ୍ରାପଡାର ଆରାଧ ଦେବତା ଶ୍ରୀ ବଳଦେବଜୀଉ ମନ୍ଦିର ହୁଣ୍ଡିରୁ ୫ ଲକ୍ଷ ୩୬ ହଜାର ୮୮୫ ଟଙ୍କା ଆୟ କରାଯାଇଛି । ଟ୍ରଷ୍ଟ ବୋର୍ଡ ସଭ୍ୟ ଶ୍ରୀ ରଂଜନ କୁମାର ପୃଷ୍ଟି ଏବଂ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀଙ୍କ ଉପସ୍ଥିତି ରେ ହୁଣ୍ଡି ଖୋଲାଯାଇ ଦେବୋତର କାର୍ଯ୍ୟାଳୟ ପରିସର ରେ ଗଣତି କରାଯାଇ ମୋଟ୍ ୫ ଲକ୍ଷ ୩୬ ହଜାର ୮୮୫ ଟଙ୍କା ମିଳିଥିବା ଜଣାପଡିଛି । କାର୍ଯ୍ୟକ୍ରମ ରେ ଦେବେତର ସଂସ୍ଥା କର୍ମଚାରୀ, ଅବସର ପ୍ରାପ୍ତ ପୌର କର୍ମଚାରୀ, ଇଂ ପ୍ରବେଧ କୁମାର ପଣ୍ଡା, ପତିତ ପାବନ ଲେଙ୍କ, ଶ୍ରୀଧର ବେହେରା ସହାୟତା କରିଥିଲେ ।

# ବିଏସ୍‌ପିର କାନ୍‌ସୀରାମ ଜୀଙ୍କ ଜୟନ୍ତୀ ପାଳିତ



ବାଲେଶ୍ୱର,୧୮/୩ (ନି.ପ୍ର): ବହୁଜନ ସମାଜ ପାର୍ଟିର ପ୍ରତିଷ୍ଠାତା ବୈଜ୍ଞାନିକ କାନ୍‌ସୀରାମଙ୍କ ଜୟନ୍ତୀ ମାର୍ଚ୍ଚ ୧୫ ତାରିଖ ସନ୍ଧ୍ୟା ୬ଟାରେ ବାଲେଶ୍ୱରର ଆମ୍ବେଦକର ଭବନଠାରେ ବିଏସ୍‌ପି ଜିଲ୍ଲା ସଭାପତି ଡାକ୍ତର ମନୋଜ କିଶୋର ମାଝୀଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି । ନାରୀନେତ୍ରୀ ଆରତୀ ମାଝୀ କାନ୍‌ସୀରାମଙ୍କ ଉଦ୍ଦେଶ୍ୟରେ କେକ୍ କାଟିଥିଲେ। ଏଥିରେ ବିଏସ୍‌ପିର ବହୁ କର୍ମକର୍ତ୍ତା ଯୋଗ ଦେଇ ନିଜନିଜର ବକ୍ତବ୍ୟ ରଖିଥିଲେ। ବରିଷ୍ଠ ନେତା ପ୍ରଫୁଲ୍ଲ ଜେନା ନିଜ ବକ୍ତବ୍ୟରେ କହିଥିଲେ ଯେ, ବିଏସ୍‌ପି କ୍ଷମତାକୁ ଆସିଲେ ଭାରତରେ ସୁବର୍ଣ୍ଣ ଯୁଗର ଅଧ୍ୟାୟ ଆରମ୍ଭ ହେବ। ଭୋଗରାଇ ନିର୍ବାଚନ ମଣ୍ଡଳୀର ନେତା ସୁବୋଧ ମାଝୀ କହିଥିଲେ ବହୁଜନ ଶାସନ ଆଣିବା ପାଇଁ ଭୋଟ୍ ଆମର ବିକିବା ନାହିଁ। ଜିଲ୍ଲା ସଭାପତି କହିଥିଲେ କାନ୍‌ସୀରାମଜୀ ସର୍ବଜନ ସମାଜକୁ ପ୍ରତ୍ୟେକେ ଗୋଟିଏ ନୋଟ୍ ଗୋଟିଏ ଭୋଟ୍ ଦେଇ ବିଏସ୍‌ପିକୁ କେନ୍ଦ୍ରରେ କ୍ଷମତାସୀନ କରିବା ପାଇଁ କହିଯାଇଛନ୍ତି ଓ ଏହାର ନୀତି ସର୍ବଜନ ହିତାୟ, ସର୍ବଜନ ସୁଖାୟ ଉପରେ ଆଧାରିତ। ତେଣୁ ଦେଶରେ ମହାତ୍ମା ବୁଦ୍ଧ, ବାବାସାହେବ ଡ. ଆମ୍ବେଦକର ଓ କାନ୍‌ସୀରାମ ଜୀଙ୍କ ପରେ ବିଏସ୍‌ପି ସାମାଜିକ ନ୍ୟାୟ ଆନ୍ଦୋଳନ ମାଧ୍ୟମରେ ଭଉଣୀ ମାୟାବତୀଙ୍କ ନେତୃତ୍ୱରେ ସାମାଜିକ ପରିବର୍ତ୍ତନ ଓ ଆର୍ଥିକ ମୁକ୍ତିର ଲଢ଼େଇ ଜାରି ରଖିଛି। ଉକ୍ତ ଜୟନ୍ତୀ କାର୍ଯ୍ୟକ୍ରମକୁ ସଫଳ କରିଥିବା କର୍ମକର୍ତ୍ତାମାନଙ୍କ ମଧ୍ୟରୁ ସର୍ବଶ୍ରୀ ସାଧୁଚରଣ ମଲ୍ଲିକ୍, ଭାଇ ରାଜେନ୍ଦ୍ର ମାରାଣ୍ଡି, ଭୋଳାନାଥ ବେହେରା, ପ୍ରହଲ୍ଲାଦ ଦାସ, ମନୋଜ ଦାସ, ମନୋରଞ୍ଜନ ମହାଳିକ, କୈଳାସ ଦାସ, ଗଗନ ପାତ୍ର, ଗଂଗାଧର ସେଠୀ, କମଳାକାନ୍ତ ସିଂ, ପ୍ରଶାନ୍ତ ବେହେରା, ଦିଲ୍ଲୀପ ମାଝୀ, ଅଜୟ ଦାସ, ନିରଞ୍ଜନ ମହାଳିକ ଓ ନେତ୍ରୀ କୁଞ୍ଜଲତା ଜେନା ଅନ୍ୟତମ। ଏହି ଉପଲକ୍ଷେ ଏକ ବସ୍ତି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭା ଶେଷରେ ନେତ୍ରୀ ମିନତୀ ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଖୋର୍ଦ୍ଧା ଜିଲ୍ଲା ଗାଁ ସାଥୀ ସଙ୍ଘ ପକ୍ଷରୁ ବିଭିନ୍ନ ଦାବି ପୂରଣ ନେଇ ବୈଠକ



ଖୋର୍ଦ୍ଧା,୧୮/୩ (ନି.ପ୍ର): ଖୋର୍ଦ୍ଧା ଗୀତା ଭବନ ପରିସରରେ ଖୋର୍ଦ୍ଧା ଜିଲ୍ଲା ଗାଁ ସାଥି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଜରୁରୀକାଳୀନ ବୈଠକ ରାଜ୍ୟ ସଙ୍ଘ ର ସଂଗଠକ ତଥା ଜିଲ୍ଲା ଆବାହକ ଧଡୁ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ରାଜ୍ୟ ସଙ୍ଘ ର ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ଯୋଗଦେଇ ଉପସ୍ଥିତ ଖୋର୍ଦ୍ଧା ଜିଲ୍ଲାର ୧୦ ଟି ବ୍ଲକର ୨୦୦ ରୁ ଉର୍ଦ୍ଧ୍ୱ ଗାଁ ସାଥି ଭାଇ, ଭଉଣୀ ମାନଙ୍କୁ ସଂଗ୍ରାମୀ ଅଭିଭାଷଣ ପ୍ରଦାନ କରିଥିଲେ। ବିଶେଷ କରି ୨୦୦୮ ମସିହାରୁ ସରକାର ଙ୍କ ନୀତି ନିୟମ ଅନୁଯାୟୀ ବିଜ୍ଞାପନ ବାହାର କରାଯାଇ ଶିକ୍ଷାଗତ ଯୋଗ୍ୟତା ଅନୁସାର ରେ ପ୍ରତି ରାଜସ୍ୱ ଗାଁ ରେ ଦୁଇଜଣ ଗାଁ ସାଥି ନିଯୁକ୍ତି ପାଇଥିଲେ ମଧ ଆଜି ପର୍ଯ୍ୟନ୍ତ ସେମାନଙ୍କୁ କୌଣସି ନ୍ୟାୟ ମିଳିପାରିନାହିଁ। ତେଣୁ ଆଜିର ଏହି ବୈଠକରେ ସଂଘର ନିଷ୍ପତ୍ତି କ୍ରମେ ମୋହନ ସରକାର ଙ୍କୁ ଖୋର୍ଦ୍ଧା ଜିଲ୍ଲା ଗାଁ ସାଥି ସଙ୍ଘ ପକ୍ଷରୁ କେତେକ ଦାବି ପୂରଣ ପାଇଁ ଅନୁରୋଧ କରିଥିଲେ। ଦାବି ଅନୁସାରେ ୨୦୦୮ ମସିହାରେ ନିଯୁକ୍ତି ପାଇଥିବା ଗାଁ ସାଥି ତାଲିକାକୁ ବ୍ଲକ ଓ ପଞ୍ଚାୟତ ରେ ଅଗ୍ରାଧିକାର ଦିଆଯିବା, ସ୍ଥାୟୀ ନିଯୁକ୍ତି,ମାସିକ ଦରମା ପ୍ରଦାନ,ଗାଁ ସାଥୀଙ୍କୁ ପରିଚୟ ପ୍ରଦାନ, ଗାଁ ସାଥୀଙ୍କୁ ୩ ମାସିଆ ପ୍ରଶିକ୍ଷଣ ପ୍ରଦାନ, ଅନିୟମିତତା ମାଧ୍ୟମରେ ହୋଇଥିବା ଘଗଗଝ ହଟାଯାଉ, ଗ୍ରାମ ସଭା, ପଲ୍ଲୀ ସଭା ଓ ବ୍ଲକ ସ୍ତରରେ ହେଉଥିବା ଜନଶୁଣାଣୀ ବୈଠକ ରେ ସାମିଲ କରିବା,ସମସ୍ତ ଲାଇନି ଡିପାର୍ଟମେଂଟ କାର୍ଯ୍ୟ ରେ ଗାଁ ସାଥିଙ୍କୁ ଅଗ୍ରାଧିକାର ଦେବା, ଆଦି ଦାବି ଉପରେ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖିଥିଲେ। ଏହି ବୈଠକରେ ରାଜ୍ୟ ସଙ୍ଘ ର ତପନ କୁମାର ବେବର୍ତ୍ତା ପଟ୍ଟନାୟକ, ଧଡୁ ସେଠି,ଜିଲ୍ଲା ସଭାପତି ମାୟାଧର ବେହେରା, କ୍ଷୀରୋଧ ପରିଡା, ସାଗର ଚାନ୍ଦ ପଲାଇ, ସନ୍ତୋଷ ମାଣିଆ, ଗୋପାଳକୃଷ୍ଣ ପ୍ରଧାନ, ଅଜୟ ଭୋଇ, ବିଜୟ ଭୋଇ, ଦୀନବନ୍ଧୁ ଭୋଇ, ସୁକାନ୍ତ ରାଉତରାୟ, ପ୍ରମୁଖ ଉପସ୍ଥିତ ରହି ନେତୃତ୍ୱ ନେଇଥିଲେ।

# ରାସ୍ତା ଅବରୋଧକାରୀଙ୍କ ନାମରେ ମାମଲା ରୁଜୁ କଲା ପୋଲିସ

ଜୟପୁର,୧୮/୩ (ନି.ପ୍ର): ଜୟପୁର ଖ୍ରୀଷ୍ଟିଆନପେଟା ଛକରେ କ୍ଷତିପୂରଣ ଦାବିରେ ଆଜି ରାସ୍ତା ରୋକ କରାଯାଇଥିଲା । ରାସ୍ତା ରୋକ ଯୋଗୁଁ ଉଭୟ ପଟେ ଶହ ଶହ ଗାଡି ଅଟକି ରହିଥିଲା । ସାଧାରଣ ଜୀବନଯାପନରେ ବାଧା ସୃଷ୍ଟି କରିଥିବା ଅଭିଯୋଗରେ ଟାଉନ ପୋଲିସ ମାମଲା ରୁଜୁ କରିଛି । ରାସ୍ତା ଅବରୋଧ କରିଥିବା ୫୦ ରୁ ଉର୍ଦ୍ଧ୍ୱ ଲୋକଙ୍କ ନାମରେ ମାମଲା ରୁଜୁ କରିଥିବା ବିଷୟ ଟାଉନ ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# କୋଶଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ପିଏମ୍ ଶ୍ରୀ ସ୍ୱଚ୍ଛତା ପକ୍ଷ ପାଳିତ

ସୁବର୍ଣ୍ଣପୁର,୧୮/୩ (ନି.ପ୍ର): ସୋନପୁର ବ୍ଲକ୍ ସ୍ଥିତ ପିଏମ୍ ଶ୍ରୀ କୋଶଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ଆଜି ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବାବୁଲାଲ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍ ଯାପନୀ ଉତ୍ସବରେ ସମାଜ ସେବୀ ତଥା ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଶ୍ରୀ କରମ୍ ଚାନ୍ଦ ମହାନ୍ତି ମୁଖ୍ୟ ଅତିଥି, ଐତିହାସିକ ତଥା ଗବେଷକ ସୁଦାମ୍ ନାଏକ୍ ମୁଖ୍ୟ ବକ୍ତା, ନାଏବ ସରପଂଚ ଗୀତାଞ୍ଜଳି ପଲିଆ, ପରିଚାଳନା କମିଟିର ସଭାପତି ଈଶ୍ୱରଚନ୍ଦ୍ର ପଲିଆ, ସଭ୍ୟ ଗିରିଶ ଚନ୍ଦ୍ର ଭରାସାଗର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷକ ଚକ୍ରାନୟନ ମେହେରଙ୍କ ସଂଯୋଜନାରେ ହୋଇଥିବା ବିଭିନ୍ନ କାର୍ଯକ୍ରମରେ ସଭ୍ୟ ମନୋଜ ପଲିଆ, ଅର୍ଜୁନ କୁଶଲ, ଶିକ୍ଷୟତ୍ରୀ ନନ୍ଦିନୀ ମହାନା, ଜୟନାରାୟଣ ମିଶ୍ର, ଏକାଦଶ ବର୍ଗେଇ, ସ୍ନେହଲତା ଖେତି, ସଞ୍ଜୟ ପଧାନ, ମାନସ ରଞ୍ଜନ ଭୋଇ, ସଂଯୁକ୍ତା ଦାସ୍, ପୁଷ୍ପାଞ୍ଜଳି ନାୟକ୍,ମାନସୀ ରାଣୀ, ନୀବେଦିତା ମିଶ୍ର, ନୀହାରିକା ମିଶ୍ର, ନର୍ମଦା ପାତ୍ର, ସଂଯୁକ୍ତା ଗାଇଗୋରିଆ ଏବଂ ଆଦିତ୍ୟ କିଶୋର ପାଢ଼ୀ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ କ୍ରିଡ଼ା ଶିକ୍ଷକ ଚୌଧୁରୀ ବିଭାର ଧନ୍ୟବାଦ୍ ଅର୍ପଣ କରିଥିଲେ । ବାଳ ମୁକୁନ୍ଦ ସେଠୀ,ଚମାର୍ ବାଘ, ୱାଡ଼ ମେମ୍ବର ତଥା ଜନ ପ୍ରତିନିଧି ଏଥିରେ ସହଯୋଗ କରିଥିଲେ । ନିକଟସ୍ଥ ଗ୍ରାମକୁ ଯାଇ ଏକ ସ୍ୱଚ୍ଛତା ସଚେତନତା ରାଲି ମଧ ଆୟୋଜନ କରାଯାଇଥିଲା । ଏହି ଅବସରରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ସଚେତନତା ସୃଷ୍ଟି ପାଇଁ କମିଟି ସଭ୍ୟ/ସଭ୍ୟା, ଲୋକପ୍ରତିନିଧି ଏବଂ ଛାତ୍ରଛାତ୍ରୀଙ୍କୁ ପରିଷ୍କାର ଭାବେ ହାତ ଧୋଇବା, ରାସ୍ତା ଘାଟ ରେ ମଳ ତ୍ୟାଗ ନ କରି ପାଇଖାନା ବ୍ୟବହାର କରିବା ତଥା ରାସ୍ତା ଘାଟ ଓ ଗାଁ ପରିବେଶକୁ ସ୍ୱଚ୍ଛ ନିର୍ମଳ ରଖିବାକୁ ନିବେଦନ କରାଗଲା ।

# ବିରଳା ଟାୟାର୍ସ ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଟିୟୁଏସିସି ପକ୍ଷରୁ ଗଣଧାରଣା ମାର୍ଚ୍ଚ ୨୦ରେ




ବାଲେଶ୍ୱର,୧୮/୩ (ନି.ପ୍ର): ବିରଳା ଟାୟାର୍ସ ଶ୍ରମିକମାନଙ୍କର ଗଣତାନ୍ତ୍ରିକ ଶାନ୍ତିପୂର୍ଣ୍ଣ ଗଣଧାରଣା ଉପରେ ପ୍ରଶାସନପକ୍ଷରୁ ଆକ୍ରମଣକୁ ବିରୋଧ କରି ଓ ସେମାନଙ୍କୁ ଆଇନଗତ ପ୍ରାପ୍ୟ ପ୍ରଦାନ ସହ ନ୍ୟାୟ ପ୍ରଦାନ ଦାବିରେ ଆସନ୍ତା ୨୦ ତାରିଖ ଗୁରୁବାର ଦିନ ଟ୍ରେଡ୍ ୟୁନିୟନ୍ ଆସୋସିଏସନ୍ କୋଡ଼ିନେସନ୍ କମିଟି (ଟିୟୁଏସିସି) ପକ୍ଷରୁ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣା ପାଇଁ ନିଷ୍ପତ୍ତି ନିଆଯାଇଛି। ସୋମବାର ସନ୍ଧ୍ୟାରେ ଉଠାଜଳସେଚନ କର୍ମଚାରୀ ଭବନରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧକ୍ଷତାରେ ଟିୟୁଏସିସିର ପ୍ରସ୍ତୁତ ବୈଠକରେ ଏଥିପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି। ସାଧାରଣ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଓ ଉପସଭାପତି ଶାନ୍ତନୁ ଦାସ ଗତକାଲି ବିରଳା ଟାୟାର୍ସ କର୍ମଚାରୀମାନଙ୍କ ବୈଠକରେ ପୂର୍ବତନ ଶ୍ରମମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ସୁଧାଂଶୁ ଶେଖର ପରିଡ଼ା ଓ ସ୍ୱରୂପ କୁମାର ଦାସଙ୍କ ସମେତ ବହୁ ସାମାଜିକ ସଂଗଠନର କର୍ମକର୍ତ୍ତା ଯୋଗଦେଇ ଟିୟୁଏସିସି ପକ୍ଷରୁ ପ୍ରସ୍ତାବିତ ଶାନ୍ତିପୂର୍ଣ୍ଣ ଗଣଧାରଣାକୁ ଦୃଢ଼ ସମର୍ଥନ ଜଣାଇଥିବାର ବୈଠକରେ ପ୍ରକାଶ କରିଥିଲେ। ଜିଲ୍ଲାପାଳଙ୍କୁ ରାଜ୍ୟ ସରକାର ଗତ ଜାନୁଆରୀ ୪ ତାରିଖ ଦିନ ଏକ ଉଚ୍ଚସ୍ତରୀୟ ବୈଠକରେ ଶ୍ରମିକମାନଙ୍କ ଆଇନଗତ ପ୍ରାପ୍ୟ ପ୍ରଦାନ ସଂପର୍କରେ ନିଷ୍ପତ୍ତି ନେବାକୁ ଦାୟିତ୍ୱ ଦେଇଥିଲେ। କିନ୍ତୁ ଜିଲ୍ଲା ପ୍ରଶାସନ ସମସ୍ୟାର ସମାଧାନ ନକରି ଗତ ଚାରିମାସ ଧରି ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ପକ୍ଷରୁ କାରଖାନା ଫାଟକ ନିକଟରେ ଚାଲିଥିବା ଶାନ୍ତିପୂର୍ଣ୍ଣ ଗଣଧାରଣାକୁ ପୋଲିସ୍ ଦ୍ୱାରା ବଳପୂର୍ବକ ଉଠାଇଦେବା ଓ ଶ୍ରମିକନେତାମାନଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରିବା ଘଟଣାକୁ ଟିୟୁଏସିସିର ଗତ ବୈଠକରେ ନିନ୍ଦା କରାଯାଇଥିଲା। ପୁନଶ୍ଚ ଆଗାମୀ ୨୦ ତାରିଖରେ ଟିୟୁଏସିସି ସହ ବିଭିନ୍ନ ସାମାଜିକ ସଂଗଠନ ଓ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଶାନ୍ତିପୂର୍ଣ୍ଣ ଗଣଧାରଣା ଜରିଆରେ ବିବାଦର ସୁସମାଧାନ ପାଇଁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ ପାଇଁ ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ଏହି ଗଣଧାରଣାରେ ସମସ୍ତ ଗଣତନ୍ତ୍ରପ୍ରେମୀ ବ୍ୟକ୍ତିବିଶେଷ ଓ ସଂଗଠନମାନେ ଯୋଗଦେବାକୁ ବୈଠକରେ ନିବେଦନ କରାଯାଇଛି। ଏହି ବୈଠକରେ ଟିୟୁଏସିସିର କର୍ମକର୍ତ୍ତାମାନଙ୍କ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ସର୍ବଶ୍ରୀ ନିରଞ୍ଜନ ରାଉତ, ରାଜକିଶୋର ଲେଙ୍କା, ବିଷ୍ଣୁପ୍ରସାଦ ମହାନ୍ତି, ଶ୍ୟାମସୁନ୍ଦର ଜେନା, ଦୁକୁଲ ଘଡ଼ାଇ, ହରେକୃଷ୍ଣ ଚାନ୍ଦ, ଶରତ ଚନ୍ଦ୍ର ଦଳାଇ, ଭରତ ଚନ୍ଦ୍ର ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପୁରୀ,୧୮/୩ (ନି.ପ୍ର): ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ପୂର୍ବାହ୍ନ ୧୦ଟା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୋଟ ୬୪ ଗୋଟି ଅଭିଯୋଗ ମିଳିଥିଲା। ଏଥିରେ ବ୍ୟକ୍ତିଗତ ଅଭିଯୋଗ ୪୮, ଗ୍ରାମ ଅଭିଯୋଗ ୧୫, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧ ଗୋଟି ସହୟତା ରହିଥିଲା। ତନ୍ମଧ୍ୟରୁ ୧୪ ଗୋଟି କେସ୍ ତୁରନ୍ତ ସମାଧାନ କରାଯାଇଥିଲା । ଅଭିଯୋଗ ଗୁଡିକ ଆଇନ୍ ଅନୁସାରେ ଅନୁଧ୍ୟାନ କରି ଯଥାଶିଘ୍ର ସମାଧାନ କରିବା ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା ବୋଲି ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଏସପି ବିନୀତ ଅଗ୍ରୱାଲ, ଅତିରିକ୍ତ ଏସପି ଦେବବ୍ରତ ଚକ୍ର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ଅଧିକାରୀ ଅଭିମନ୍ୟୁ ବେହେରା, ଜିଲ୍ଲା ମୁଖ୍ୟଚିକିତ୍ସକ ଅଧିକାରୀ ରୂପଭାନୁ ମିଶ୍ର, ଡେପୁଟି କଲେକ୍ଟର ମନୀଷା ଷଡଙ୍ଗୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶନୀ ମଲ୍ଲିକ, ଅଭିଯୋଗ ଶୁଣାଣି ଅଧିକାରୀ ଆଶୁତୋଷ ଦେ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତିଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ ।

# ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ

## ଡାକ୍ତର ସମ୍ରାଟ କର

ଅନୁଜ ପ୍ରତୀମ ଶ୍ରୀକାନ୍ତ ସେ ଦିନ ବ୍ୟସ୍ତ ହୋଇପଡ଼ି ମୋତେ ପଚାରିଲେ ଯେ ଘରେ ମୋର ଦୁଇଟା ଯାକ ପିଲା କିଛି ନା କିଛି ହାତ ଅଙ୍କାରେ ନିଜକୁ ବ୍ୟସ୍ତ ରଖିବା ପାଇଁ ଭଲ ପାଉଛନ୍ତି । ଯଦି ତାଙ୍କୁ ମୁଁ କୌଣସି କଲରିଂ ସାମଗ୍ରୀ ନ ଆଣି ଦେଉଛି ତେବେ ଘରେ ଥିବା କୌଣସି ରଙ୍ଗ ପଦାର୍ଥର ଜିନିଷ ବା ସେହିପରି ସାମଗ୍ରୀକୁ ନେଇ ସେମାନେ କାଗଜରେ ହେଉ କିମ୍ବା ସିଲଟରେ, ଭୂମି ତଳରେ ହେଉ ଏପରିକି ଖୋଲା ପଡ଼ିଆର ପ୍ରଶସ୍ତ ସ୍ଥାନ ମାନଙ୍କରେ । ସାର୍, ମୋତେ ଲାଗୁଛି ମୋର ଏ ପିଲା ଦିଟାଙ୍କର ବୋଧେ ମୁଣ୍ଡ ଖରାପ ହୋଇଗଲାଣି ନା କ'ଣ ? ଏ ଦୁଇଜଣ ବଡ଼ ହେଲେ ଦୁଇଟା ଯାକ ମସ୍ତବଡ଼ ପାଗଳ ହେବେ ! ଶ୍ରୀକାନ୍ତର କଥାଟି ଶୁଣି ମୁଁ ଟିକେ ହସିଲି । ଆଉ ତାଙ୍କୁ ସବିଶେଷ ବୁଝାଇ କହିଲି ଯେ ସାଧାରଣତଃ ଛୋଟ ବେଳେ ସମସ୍ତଙ୍କୁ ଚିତ୍ରରେ ରଙ୍ଗ ଭରିବାକୁ ଭଲ ଲାଗେ । ବଡ଼ ହେବା ପରେ ଏଥିରୁ ନିଜକୁ ଦୂରେଇ ରଖନ୍ତି । ତେବେ ଆଜିର ସମୟରେ ଏ କାମ କେବଳ ଛୋଟ ପିଲାଙ୍କ ମଧ୍ୟରେ ସୀମିତ ନାହିଁ, ଏହି କାର୍ଯ୍ୟକଳାପ ବଡ଼ ମାନଙ୍କ ପାଇଁ ବି ଉତ୍ତମ । ଏବେ ବଡ଼ ପିଲାଙ୍କ ପାଇଁ କଲରିଂ ବହି ମିଳୁଛି । ଯାହାକି ମାନସିକ ସ୍ୱାସ୍ଥ୍ୟ ଉପରେ ଆଧାରିତ । କଲରିଂ ବହିର ପ୍ୟାଟର୍ଣ୍ଣ ଅବସାଦ କମ କରି ସୃଜନଶୀଳତା ବୃଦ୍ଧିରେ ସାହାଯ୍ୟ କରେ ।

ଆମେ ନିତିଦିନିଆ ସମୟକୁ ଦେଖିଲେ ଜାଣୁ କେବଳ ଛୋଟ ପିଲା ନୁହଁନ୍ତି ବଡ଼ ବଡ଼ ଲୋକମାନେ ମଧ୍ୟ ଏପରିକି ସମାଜରେ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ଓ ଅତ୍ୟନ୍ତ ବ୍ୟସ୍ତ ବହୁଳ ସମୟ ବିତାଉଥିବା ଲୋକମାନଙ୍କ ଭିତରେ ଏହି ଅନ୍ତର୍ନିହିତ ସୃଜନ କଳା ପ୍ରତି ଆଗ୍ରହ ଓ ଆବେଗ ରହିଛି । ଧାଁ ଧଉଡ ଓ ଗୁରୁତ୍ୱପୂର୍ଣ୍ଣ କର୍ମବ୍ୟସ୍ତ ସମୟରୁ କିଛି କାଢ଼ି ସେମାନେ ଏଥି ନିମିତ୍ତ ସମୟ ଦିଅନ୍ତି ଓ ଚମତ୍କାର ଚିତ୍ର କଳା ମଧ୍ୟ ଆଙ୍କି ଥାଆନ୍ତି । ଚଳିତ ନିର୍ବାଚନରେ ତୃଣମୂଳ କଂଗ୍ରେସରେ ସୁପ୍ରିମ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାସ୍ତା କଡ଼ରେ ଜଣେ ଚିତ୍ରଶିଳ୍ପ ସହିତ କଥା ହୋଇ ସେ ତୁଳୀରେ ଆଙ୍କୁଥିବା ଛବିକୁ ଦେଖି ନିଜେ ତାଙ୍କ ସହ ରଙ୍ଗ ତୁଳୀରେ କିଛି ସମୟ ବିତାଇଥିଲେ । ସେହିପରି ଓଡ଼ିଆ ପୁଅ ତଥା ବିଶ୍ୱପ୍ରସିଦ୍ଧ ଚିତ୍ରଶିଳ୍ପୀ ଭାବେ ପ୍ରତିଷ୍ଠିତ ହୋଇଥିବା ବର୍ତ୍ତମାନର ସ୍ୱିଡ଼େନର ଅଧିବାସୀ ପି.କେ. ମହାନନ୍ଦୀୟାଙ୍କ କଥା ଟିକେ ମନେ ପକାନ୍ତୁ । ସେ ମଧ୍ୟ ଜଣେ ଚମତ୍କାର ଓ ସୁନାମଧନ୍ୟ ଚିତ୍ର ଶିଳ୍ପୀ । ତେବେ ବର୍ତ୍ତମାନ ସୁଦ୍ଧା ପର୍ଯ୍ୟନ୍ତ ଆମ ମାନଙ୍କ ଭିତରେ କଲରିଂ କରୁଥିବା ପିଲା ବା ଲୋକମାନଙ୍କ ଉପରେ ସେତେଟା ଏକ ଭଲ ଧାରଣା ତିଆରି ହୋଇପାରିନାହିଁ । ଏହା ଯେ ଏକ ଚମତ୍କାର ଓ ଭଗବାନଙ୍କ ପ୍ରଦତ୍ତ ସୃଜନଶକ୍ତିର ବିକଶିତ ରୂପରେଖ ତାହା ଆମକୁ ବୁଝିବାରେ ସେତେଟା ସହଜ ହୋଇପାରିନାହିଁ । ଅବସର ବିନୋଦନ ହେଉ ବା ଅସ୍ଥିର, ବିଚଳିତ ମନକୁ ଏକାଗ୍ର ରାସ୍ତାରେ ଆଗେଇ ନେବା ପାଇଁ କଲରିଂ ଏକ ଚମତ୍କାର ମାଧ୍ୟମ । ବର୍ତ୍ତମାନ ଏହି କଲରିଂକୁ ନେଇ ଅନେକ ପାଠ୍ୟକ୍ରମ ମଧ୍ୟ ତିଆରି ହେଲାଣି । ବୃତ୍ତିଗତ କ୍ଷେତ୍ର ଭାବେ ଏହା ମଧ୍ୟ ଜଣକୁ ଯଥାର୍ଥ ପରିଚୟ ଦେବା ସହ ଗୁଜୁରାଣ ମେଣ୍ଟାଇବା ପାଇଁ ଅର୍ଥ ରୋଜଗାରର ଏକ ସମ୍ମାନଜନକ ମାଧ୍ୟମ ପାଲଟି ସାରିଲାଣି । ତଥାପି କେତେକ ଅଭିଭାବକ ସେମାନଙ୍କ ପିଲାମାନଙ୍କର ଛୋଟ ବେଳର କଲରିଂରେ ବ୍ୟସ୍ତତାକୁ ସେପରି ବେଶ ସହଜରେ ଗ୍ରହଣ କରିପାରିନଥାନ୍ତି ।

ଗମ୍ଭୀର ଚିନ୍ତାରୁ ଧ୍ୟାନ ହଟାଇବା ପାଇଁ କଲରିଂ ବୁକ ସାହାଯ୍ୟ କରେ । ଏଭଳି ମଜାଦାର ଗତିବିଧି ମାଧ୍ୟମରେ ଶାନ୍ତି ଏବଂ ବିଶ୍ରାମ ଭାବନା ବୃଦ୍ଧି ପାଏ । ସେହିପରି ଚିତ୍ରରେ ରଙ୍ଗ ଭରିବା ହେଉଛି ଏକ ସୃଜନାତ୍ମକ ଏବଂ ମଜାଦାର କାମ । ଏହା ଦ୍ୱାରା ମନକୁ ଶାନ୍ତ କରିବା ସମ୍ଭବ । ଜଟିଳ ଚିତ୍ରରେ ରଙ୍ଗ ଭରିବା ଦ୍ୱାରା ଧ୍ୟାନ ସେଥିରେ ରହେ ଏବଂ ମନ ବିଚଳିତ ହୁଏନାହିଁ । କଲରିଂ ସୃଜନାତ୍ମକ ଜ୍ଞାନ କୌଶଳ ବୁଦ୍ଧିରେ ସାହାଯ୍ୟ କରେ । ନିଜର କଳାତ୍ମକ ଅଭିବ୍ୟକ୍ତିକୁ ଜାଣିବାର ଏହା ଏକ ସହଜ ଉପାୟ । କାରଣ ଦୁଇ ଜଣଙ୍କୁ ଗୋଟିଏ ଚିତ୍ରରେ ରଙ୍ଗ କରିବାକୁ ଦେଲେ ଦୁଇଜଣ ଭିନ୍ନ ଭିନ୍ନ ରଙ୍ଗକୁ ଚୟନ କରନ୍ତି । ଏଥିରୁ ଜଣାପଡ଼େ ଯେ ସମସ୍ତଙ୍କ ଚିନ୍ତାଧାରା ଭିନ୍ନ । କଲରିଂ ନକାରାତ୍ମକ ଚିନ୍ତାରୁ ଦୂରେଇ ରଖିବାରେ ସାହାଯ୍ୟ କରେ । ନିତିଦିନିଆ ମୋ ମାନସିକ ଚିକିତ୍ସା, ନିଦାନ ଓ ପରାମର୍ଶ କେନ୍ଦ୍ରରେ ଅନେକ ପୀଡ଼ିତ ମାନଙ୍କୁ ସାମ୍ନା କରିଥାଏ ଯେଉଁମାନେ ମାନସିକଭାବେ ଅସୁସ୍ଥ ହେବା ପୂର୍ବରୁ ବେଶ ଭଲ ଭାବେ କଲରିଂରେ ନିଜକୁ କିଛି ସମୟ ବିତାଇ ସମୟ କାଟୁଥିଲେ । କଲରିଂ ଏକ ଏପରି ଅନ୍ତର୍ନିହିତ ସୃଜନଶକ୍ତି ଯାହା ନିଜ ଆଖପାଖର ପରିବେଶ, କାର୍ଯ୍ୟକଳାପ ଓ ଜୀବନ ଚରିତ୍ରର ଲୋକମାନଙ୍କ ସମ୍ବନ୍ଧରେ କିଛି ଜଣାଇଥାଏ ସେମାନଙ୍କୁ ଅନେକ ମାନସିକ ଶାନ୍ତି ଦେଇଥାଏ । ଯଦିଓ କଲରିଂ କେତେକ ନିର୍ଦ୍ଦିଷ୍ଟ ମାନସିକ ପୀଡ଼ିତ ମାନଙ୍କ ପାଇଁ ଏକ ପ୍ରକାର ଯନ୍ତ୍ରଣାର କାରଣ ହୋଇଥାଏ ତାହା ତ ଅଲଗା କଥା ତେବେ ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ ଏକ ଏପରି ଶକ୍ତିଶାଳି ଭିଟାମିନ ପରି କାର୍ଯ୍ୟ କରିଥାଏ ଯେ ଅନେକ ଏହା ବିନା ବଞ୍ଚି ନପାରିବା ପରି ଅନୁଭବ କରନ୍ତି । ସତେଯେପରି ମାଛ ବିନା ଜଳ । ତେବେ କେଉଁ ମାନଙ୍କୁ କେଉଁ କେଉଁ ରଙ୍ଗ ପସନ୍ଦ ଆସିଥାଏ ତାହା ସେମାନଙ୍କ ବ୍ୟକ୍ତିଗତ ଆଗ୍ରହ । ମୁଁ କେତେକ ନିର୍ଦ୍ଦିଷ୍ଟ ମାନସିକ ଅସହାୟ ଓ ପୀଡ଼ିତ ମାନଙ୍କ ପାଇଁ ସେମାନଙ୍କ ପୂର୍ବ ଜୀବନର ଜୀବନ ରେଖା, କାର୍ଯ୍ୟକଳାପ ଓ ବ୍ୟକ୍ତିଗତ ରୁଟିନ ବୁଝିବା ସମୟରେ ଯେତେବେଳେ ଜାଣେ ଯେ ସେମାନେ ପୂର୍ବରୁ ଜଣେ ଜଣେ ରଙ୍ଗ ତୁଳୀର ନାୟକ ଥିଲେ, ସେମାନଙ୍କ ନିକଟ ଲୋକମାନଙ୍କୁ ସେହି ରଙ୍ଗତୁଳୀ ଜୀବନକୁ କିଛି ମାତ୍ରାରେ ଫେରାଇବା ପାଇଁ ପରାମର୍ଶ ଦେଇଥାଏ । ତେଣୁ କଲରିଂ ଯେ ଜୀବନ ଅବସାଦ ନୁହେଁ ବରଂ ଜୀବନ ବଞ୍ଚିବାର ଅମୃତ ମହୌଷଧି ଏବଂ ସର୍ବୋପରି ଏହା ଏକ ରଙ୍ଗୀନ ମାନସିକତାର ଜୀବନ ଅଭିବୃଦ୍ଧି ଏହାକୁ ବୁଝନ୍ତୁ ଆଉ ଗ୍ରହଣ କରନ୍ତୁ । ଏ ସଂକ୍ରାନ୍ତରେ ଆପଣ କୌଣସି ଅଧିକ ପରାମର୍ଶ ବା ସହଯୋଗ ଚାହୁଁଥିଲେ ମୁଁ ଆପଣଙ୍କୁ ନିଶ୍ଚିନ୍ତ ସହାୟତାର ହାତ ବଢ଼ାଇବି । ଆମ ଜୀବନ ରଙ୍ଗମଞ୍ଚରେ ରଙ୍ଗତୁଳୀ ବା କଲରିଂ ସମସ୍ତଙ୍କ ଖୁସି, ଆନନ୍ଦ ଓ ସୁସ୍ଥ ମାନସିକତାର ପରିଧିକୁ ଆହୁରି ରଙ୍ଗୀନ କରୁ । ଆଜି ପାଇଁ ଏହି ଶୁଭକାମନା ।

+ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ,
ମୋ : ୯୧୩୨୪୩୩୩୩୩

# "ତମେ ଆଉ ନାହଁ ବୋଲି ଖବର ଆସିଛି"

## ଇନ୍ଦୁ ଭୂଷଣ ଭୂୟାଁ

ସମକାଳୀନ ଓଡ଼ିଆ କବିତାର ଶିଖର ପୁରୁଷ ତଥା ଭାରତୀୟ ଆଧୁନିକ କବିତାର ପଥିକୃତ କବି ପଦ୍ମଭୂଷଣ ରମାକାନ୍ତ ରଥ ଓଡ଼ିଆ କବିତା ରାଇଜର ପୂର୍ଣ୍ୟତମ ଉଚ୍ଚାରଣ । ଓଡ଼ିଆ କବିତା ତଥା ଭାରତୀୟ କବିତାକୁ ନୂଆ ରୂପ, ଭାଷା, ଭଙ୍ଗୀ ଓ ସର୍ବୋପରି ନୂଆ ଦୃଷ୍ଟି ଦେବାରେ ତାଙ୍କର ଅବଦାନ ଅନନ୍ୟ ସାଧାରଣ ଓ ଅନସ୍ୱୀକାର୍ଯ୍ୟ । ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଓଡ଼ିଆ ଭାଷା ସାହିତ୍ୟକୁ ସେ ସମୃଦ୍ଧ କରି ରଖିଥିଲେ । କୌଣସି ବାଦ, କୌଣସି ପ୍ରଚାରରେ ବିଶ୍ୱାସ ରଖୁନଥିବା ଏହି ମୌନ ସାଧକ ଓଡ଼ିଆ କାବ୍ୟ ଜଗତର ଭାଷା ଓ ଶୈଳୀରେ ନିର୍ମାଣ କରିଥିଲେ ନବଯୁଗ । ତାଙ୍କ କବିତାର ଉଦାହରଣ ସ୍ୱୟଂ ତାଙ୍କର କବିତା । ସ୍ଥୂଳଗଦ୍ୟ ଓ ହାତ ପାହାନ୍ତାର ଶବ୍ଦକୁ ବ୍ୟଞ୍ଜନାତ୍ମକ ଓ ରୂପଦେବାରେ ସେ ସିଦ୍ଧ ହସ୍ତ । ଆମେ ଶୀର୍ଷକ ରଖିଥିବା 'ତମେ ଆଉ ନାହଁ ବୋଲି ଖବର ଆସିଛି' ହେଉଛି ତାଙ୍କ ପ୍ରଖ୍ୟାତ ଓ ପ୍ରଚୁର ପାଠକୀୟ ଆଦୃତି ପାଇଥିବା 'ଶ୍ରୀରାଧା' କବିତାର ପ୍ରଥମ ଧାଡ଼ି ଯାହାର ଅର୍ଥ ହେଉଛି 'ଶ୍ରୀକୃଷ୍ଣଙ୍କର ଦେହ ତ୍ୟାଗର ଖବର ପାଇ ତାହାକୁ ଗ୍ରହଣ କରିନଥିବା ଶ୍ରୀରାଧାଙ୍କ ଭାବନାର ପରିପ୍ରକାଶ ଇଏ' । ଏହି ସୌମ୍ୟ ସୁକୋମଳ କବିଙ୍କ ପରଲୋକ ଖବର ପାଇ ପୃଥିବୀର ବିଭିନ୍ନ କୋଣ ଅନୁକୋଣରେ ଥିବା ତାଙ୍କ ବିମୁଗ୍ଧ ପାଠକଙ୍କ ସମାନ ପ୍ରତିକ୍ରିୟ ଏହିପରି ହିଁ ସୃଷ୍ଟି ହୋଇଥିବ । ଏକାଧାରାରେ ସେ ଥିଲେ ବିଶିଷ୍ଟ କବି ଓ ଜଣେ ସୁନାମଧନ୍ୟ ପ୍ରଶାସକ । ତେବେ ଶ୍ରୀରାଧାର କବି ଭାବେ ପ୍ରସିଦ୍ଧି ଅର୍ଜନ କରିଥିବା ସ୍ୱର୍ଗତଃ ରଥ ପାଠକଙ୍କ ମହଲରେ ବେଶ ଲୋକପ୍ରିୟ ଥିଲେ । ତାଙ୍କର ପ୍ରତ୍ୟେକଟି ସୃଷ୍ଟି ଓଡ଼ିଶାର କାବ୍ୟ ଜଗତକୁ ଋଦ୍ଧିମନ୍ତ କରିଛି ।

୧୯୩୪ ମସିହା ଡିସେମ୍ବର ୧୩ ତାରିଖରେ କଟକର ବିଶ୍ୱନାଥପୁର ଗ୍ରାମରେ ପିତା ଲୋକନାଥ ମହାପାତ୍ର ଓ ମାଆ ପାର୍ବତୀ ଦେବୀଙ୍କ କୋଳମଣ୍ଡନ କରିଥିଲେ । ତେବେ ଅଜା ଜଣେ ସଂସ୍କୃତ ବିଦ୍ୱାନ ଥିବାରୁ ତାଙ୍କୁ ପୁଅ କରିବାରୁ ସେ ମହାପାତ୍ରରୁ ରଥ ହୋଇଥିଲେ । ଅନେକ ସାହିତ୍ୟ ଆଲୋଚନାରେ ସେ ନିଜେ ମଧ୍ୟ ସ୍ୱୀକାର କରିଥିଲେ ଯେ ବାସ୍ତବରେ ସେ କବିତା ଲେଖିବେ ବୋଲି ଭାବିନଥିଲେ । ପରିସ୍ଥିତିରେ ପଡ଼ି ପିଲାଦିନରେ ଦୁଇଟି କବିତା ଲେଖିଥିଲେ । ଏହା ସମ୍ଭବତଃ ତାଙ୍କୁ ଆଗକୁ ନେବା ପାଇଁ ବାଟ ଦେଖାଇଥିଲା । କବିତା ପାଇଁ ସେ ଥରେ ସୁନା ମୁଦିଟିଏ ପୁରସ୍କାର ପାଇଥିଲେ କିନ୍ତୁ ଆଇଏଏସ୍ ପରୀକ୍ଷା ପାଇଁ ସେ ଏହାକୁ ବିକିବା ପାଇଁ ବାଧ ହୋଇଥିଲେ । ରେଭେନ୍ସାରେ ପିଜି କରୁଥିବାବେଳେ ତାଙ୍କୁ କବି ଗୋଦାବରୀଶ ମହାପାତ୍ର, ନାଟ୍ୟକାର ଗୋପାଳ ଛୋଟରାୟ ଓ ଅନନ୍ତ ପଟ୍ଟନାୟକଙ୍କ ଠାରୁ ଉତ୍ସାହ ମିଳିଥିଲା । ସେ ଥିଲେ ସ୍ଥୂଳଗଦ୍ୟ ଓ ହାତପାହାନ୍ତାର ଶବ୍ଦକୁ ବେଶ ବ୍ୟଞ୍ଜନାତ୍ମକ ଓ ଅର୍ଥପୂର୍ଣ୍ଣ ରୂପ ଦେବାରେ ସିଦ୍ଧହସ୍ତ । ଉଚ୍ଚାରଣରେ ମୁକ୍ତ, ସ୍ୱଷ୍ଟ, ଅବାଦ୍ଧ ତାଙ୍କ କବିତାର ନିର୍ଝରଣୀ କେତେ ଯେ ତୃଷିତ ହୃଦୟର ଶୋଷକୁ ମେଣ୍ଟାଇଛି ତାର ହିସାବ ନାହିଁ । ଓଡ଼ିଆଙ୍କର ପ୍ରିୟ କବି ପୁଣ୍ୟଶ୍ଳୋକ ରମାକାନ୍ତ ରଥଙ୍କ ନାମ ସାହିତ୍ୟ ନକ୍ଷତ୍ରର ଏକ ପ୍ରାତଃ ସ୍ମରଣୀୟ ଜ୍ୟୋତି । କବିତାର ତପସ୍ୟାରେ ତଲ୍ଲୀନ ଏହି ଜୀବନବୋଧର କବିଙ୍କ ଅନୁଭବ ଯୁଗେ ଯୁଗେ ଭାରତୀୟ କବିତା ପରମ୍ପରାକୁ ଆଚ୍ଛନ୍ନ ଓ ବିଭୋର କରି ରଖିବ ଏଥିରେ ସନ୍ଦେହ ନାହିଁ ।

୧୯୮୫ ମସିହାରେ ପ୍ରକାଶିତ ତାଙ୍କ ଶ୍ରେଷ୍ଠ କୃତୀ ଥିଲା ଶ୍ରୀରାଧା ଯାହାକି ଲୋକପ୍ରିୟତାର ଏତେ ଶୀର୍ଷରେ ରହିଛି ଯେ ଏହା ଭାରତର ବିଭିନ୍ନ ଭାଷାରେ ଅନୁବାଦ ହୋଇ ପ୍ରଚୁର ପାଠକୀୟ ଆଦୃତି ପାଇଛି । ତାଙ୍କ ପ୍ରମୁଖ ସାରସ୍ୱତ ସୃଷ୍ଟି ଗୁଡ଼ିକ ହେଉଛି 'ଅନେକ କୋଠରୀ', 'ସନ୍ଦିଗ୍ଧ ମୃଗୟା', 'କେତେ ଦିନର', 'ସପ୍ତମ ଋତୁ', 'ସଚିତ୍ର ଅନ୍ଧାର', 'ଶ୍ରୀପଳାତକ', 'ସୀମାନ୍ତ ବାସ', 'ଫେରି ଚାହିଁଲେ' ପ୍ରମୁଖ । ସେ ପ୍ରଥମ ଓ ଏକମାତ୍ର ଓଡ଼ିଆ ଭାବେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସଭାପତି ଦାୟିତ୍ୱ ତୁଲାଇ ଥିଲେ । ୧୯୭୭ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ, ୧୯୮୪ରେ ଶାରଳା ପୁରସ୍କାର, ୧୯୯୨ରେ ସରସ୍ୱତୀ ସମ୍ମାନ, ୧୯୯୪ରେ କବୀର ସମ୍ମାନ, ପ୍ରଜାତନ୍ତ୍ର ବିଷୁବ ସମ୍ମାନ ଓ ୨୦୧୮ରେ ଓଡ଼ିଆ ସାହିତ୍ୟ ଏକାଡ଼େମୀ ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନରେ ସମ୍ମାନିତ ହୋଇଥିଲେ । ସାରସ୍ୱତ ଜଗତର ଏହି ଅମୂଲ୍ୟ ରତ୍ନଙ୍କ ସହିତ ରାଜଧାନୀ ପୁସ୍ତକ ମେଳାର ଏକ ପୁସ୍ତକ ଉନ୍ମୋଚନ ସଭାରେ ପ୍ରଖ୍ୟାତ ଲେଖକ ବିଭୂତି ପଟ୍ଟନାୟକ ଓ ଫନି ମହାନ୍ତିଙ୍କ ସହିତ ଏହି ଲେଖକ ସାନ୍ନିଧ ପାଇବାର ସୁଯୋଗ ପାଇଥିଲା । କେବଳ ଓଡ଼ିଆ ସାହିତ୍ୟ ନୁହେଁ ସମଗ୍ର ଭାରତୀୟ ସାହିତ୍ୟରେ ସେ ଥିଲେ ଜଣେ ସ୍ମରଣୀୟ ବ୍ୟକ୍ତିତ୍ୱ । ଭାରତୀୟ କାବ୍ୟ ସାହିତ୍ୟର ଅନ୍ୟତମ ଶିଖର ସ୍ୱାକ୍ଷର ଓ ଶ୍ରୀରାଧାର କବି ଯୁବ ମାନସ ପରିପକ୍ୱ ମାନସର କବି ଅମର ଧାମକୁ ଯାତ୍ରା କରିଛନ୍ତି । ସେ ଚିରଦିନ ପାଇଁ ସଭିଁଙ୍କ ମନରେ ହୃଦୟର କବି ଭାବେ ରହିଥିବେ ।

୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-
ଏକ୍ସଟେନସନ ରୋଡ଼,
ପୁରୁଣା ସୋନାରୀ,
ଜାମସେଦପୁର,
ମୋ : ୯୨୦୪୬୫୨୦୬୫

# ଭାରତ ପାଇଁ ମରିସସ୍‌ର ଗୁରୁତ୍ୱ

## ସୌମେନ୍ଦ୍ର ଜେନା

ମାର୍ଚ୍ଚ ମାସର ଦ୍ୱିତୀୟ ସପ୍ତାହରେ ଅର୍ଥାତ୍ ୧୧-୧୨ମାର୍ଚ୍ଚ ୨୦୨୫ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଦିନିଆ ମରିସସ୍ ଗସ୍ତରେ ଯାଇଥିଲେ। ପ୍ରଧାନମନ୍ତ୍ରୀ ମରିସସ୍‌ର ୫୭ତମ ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ନିମନ୍ତ୍ରିତ ହୋଇ ସେଠାକାର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ମରିସସ୍ ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମଗୁଲାମଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦି ମରିସସ୍ ଗସ୍ତରେ ଯାଇଥିଲେ ହେଁ ତାଙ୍କ ଗସ୍ତକୁ କେନ୍ଦ୍ରକରି ଅନେକ ଚର୍ଚ୍ଚା ଗଣମାଧ୍ୟମରେ ହୋଇଛି । ଏହାର କାରଣ ହେଲା ସମୟର ଆହ୍ୱାନ ଓ ପରିବର୍ତ୍ତିତ ବିଶ୍ୱ ରାଜନୀତି ।

ପୂର୍ବ ଆଫ୍ରିକାର ଏକ ଛୋଟ ଦ୍ୱୀପ ରାଷ୍ଟ୍ର ମରିସସ୍‌ର ଜନସଂଖ୍ୟା ଭାରତର କୌଣସି ଏକ ଛୋଟ ମହାନଗରୀରୁ ମଧ୍ୟ କମ୍, ମାତ୍ର ୧୩ଲକ୍ଷ । ଭାରତଠାରୁ ୫୧୧୦ କିମି ଦୂରରେ ଥିବା ଏହି ରାଷ୍ଟ୍ରର ମୋଟ ଜନସଂଖ୍ୟାର ୭୦ପ୍ରତିଶତ ଭାରତୀୟ ମୂଳର ହୋଇଥିବା ସ୍ଥଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବିହାର ଏବଂ ପୂର୍ବ ଉତ୍ତର ପ୍ରଦେଶରୁ ଯାଇ ସେଠାରେ ବସବାସ କରୁଥିବା ବ୍ରିଟିସକାଳୀନ ଶ୍ରମିକ ପରିବାରର ଲୋକ,ଯେଉଁମାନେ କି ପରବର୍ତ୍ତୀ ସମୟରେ ଆଧୁନିକ ମରିସସ୍‌ର ନିର୍ମାଣରେ କର୍ତ୍ତା ହୋଇଛନ୍ତି । ୧୮୩୪ରୁ ୧୯୧୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ମରିସସ୍‌ରେ ଆଖୁଋଷ କରିବାକୁ ୪ଲକ୍ଷ ୫୦ହଜାରେ ଶ୍ରମିକ ଭାରତରୁ ମରିସସ୍ ଯାଇଥିଲେ । ମରିସସ୍‌ର ଉର୍ବର ଜମି , ଭଲ ପାଣିପାଗ ଏବଂ ଅନ୍ୟାନ୍ୟ ସୁବିଧା ଦେଖି ସେମାନେ ସେଠାରେ ସ୍ଥାୟୀ ଭାବେ ବସବାସ କରିବାକୁ ଲାଗିଲେ । ୧୯୬୮ରେ ମରିସସ ଇଂରେଜ ଶାସନରୁ ମୁକ୍ତ ହୋଇ ସ୍ୱାଧୀନ ରାଷ୍ଟ୍ର ହୋଇଥିଲା । ଏବେ ମରିସସ୍‌ରେ ୮ଲକ୍ଷ ୫୦ହଜାର ସଂଖ୍ୟାରେ ଭାରତୀୟ ମୂଳର ଲୋକେ ଥିଲାବେଳେ ମୋଟ ଜନସଂଖ୍ୟାର ୫୨ପ୍ରତିଶତ ହିନ୍ଦୁ ରହିଛନ୍ତି । ସେଠାରେ ଭୋଜପୁରୀ ଭାଷା, ସାହିତ୍ୟ, ସଂସ୍କୃତି, ପର୍ବପର୍ବାଣୀ ବିହାର ପରି କାଏମ ରହିଛି ।

ଭାରତ-ମରିସସ୍‌ର ସଂପର୍କ କେବଳ ବାଣିଜ୍ୟିକ କିମ୍ବା କୂଟନୀତିକ ସ୍ତରରେ ସୀମିତ ନୁହେଁ । ଭାରତର ଗଙ୍ଗାନଦୀ ପରି ସେଠାରେ ଗଙ୍ଗା ତଳାବ ବା ଗଙ୍ଗା ପୋଖରୀ ରହିଛି । ଲୋକେ ଭାରତୀୟଙ୍କ ପରି ସଂସ୍କୃତି ପ୍ରାଣ, ହିନ୍ଦୁଧର୍ମ ପ୍ରତି ଶ୍ରଦ୍ଧା ରଖିଥାନ୍ତି । ସେଥିପାଇଁ ଗତବର୍ଷ ଅଯୋଧାରେ ରାମନ୍ଦିରରର ପ୍ରାଣପ୍ରତିଷ୍ଠା ଦିନ ମରିସସ୍ ସରକାର ଦେଶରେ ଅଧାଦିନ ଛୁଟି ଘୋଷଣା କରିଥିଲେ । ରାମାୟଣ ପାରାୟଣ ପରି କାର୍ଯ୍ୟକ୍ରମ ସେଠାରେ ସବୁବର୍ଷ ହୋଇଥାଏ । ହୋଲି, ଦୀପାବଳୀ, ମହାଶିବରାତ୍ରୀ ମରିସସ୍‌ରେ ଧୂମଧାମରେ ପାଳିତ ହୋଇଥାଏ । ତାମିଲ, ତେଲୁଗୁ, ହିନ୍ଦୀ, ଭୋଜପୁରୀ, ଗୁଜୁରାଟୀ, ଉର୍ଦ୍ଧୁ, ମରାଠୀ ଆଦି ଭାରତୀୟ ଭାଷା ମରିସସ୍ ଲୋକେ କହିଥାନ୍ତି ।

ବାଣିଜ୍ୟିକ ଦୃଷ୍ଟିରୁ ଦେଖିଲେ ଭାରତର ପୁଞ୍ଜିବଜାରରେ ମରସିସରୁ ସର୍ବାଧିକ ବୈଦେଶିକ ପୁଞ୍ଜିନିବେଶ ଆସିଥାଏ । ସେଥିପାଇଁ ୨୨ ଫେବୃଆରୀ ୨୦୨୫ରେ ଭାରତ-ମରିସସ୍ ମୁକ୍ତ ବାଣିଜ୍ୟ ବୁଝାମଣା କରିଛନ୍ତି । କୌଣସି ଆଫ୍ରିକୀୟ ଦେଶ କ୍ଷେତ୍ରରେ ଏହା ଭାରତ ସହ ପ୍ରଥମ । ଏହା ଆର୍ଥିକ ସହଯୋଗ ଓ ଅଂଶୀଦାରୀ ବୁଝାମଣା (ସେକ୍‌ପା) ଭାବେ ପରିଚିତ । ଏଥିରେ ମରିସସ୍ ପାଇଁ ୬୧୫ ତାରିଫ ଲାଇନ ଥିଲାବେଳେ ଭାରତ ପାଇଁ ୩୧୦ ତାରିଫ ଲାଇନ ରହିବ । ଏଥିରେ ଶିକ୍ଷା, ଯୋଗାଯୋଗ, ନିର୍ମାଣ, ପରିବେଶସେବା, ଯୋଗାଣ ସେବା, ଆର୍ଥିକ ସେବା, ସ୍ୱାସ୍ଥ୍ୟ ଓ ସମାଜସେବା, ସାଂସ୍କୃତିକ, କ୍ରୀଡା, ପରିବହନ, ଯାତ୍ରା ଓ ପର୍ଯ୍ୟଟନ ସେବା ଅନ୍ତର୍ଭୁକ୍ତ । ଏହି ବୁଝାମଣା ଯୋଗୁ ଆଫ୍ରିକୀୟ ମହାଦେଶରେ ପ୍ରବେଶ ପାଇଁ ଭାରତର ବ୍ୟବସାୟୀ ବାଟ ପାଇବେ । ମରିସସ୍ ମଧ୍ୟ ବୁଝାମଣା ଯୋଗୁ ଭାରତରେ ମାଛ, ବିସ୍କୁଟ, ଫଳ, ଜୁସ୍, ଚିନି, ସାବୁନ, ଚିକିତ୍ସା ଉପକରଣ କ୍ଷେତ୍ରରେ ସୁବିଧା ଉଠାଇବ । ଫଳରେ ବର୍ଷକୁ ୪୦ହଜାର ଟନ୍ ଚିନି,୭.୫ ମିଲିଅନ ଗହଣା, ୧.୫ମିଲିଅନ ଲିଟର ମଦ ଏବଂ ୨୦ଲକ୍ଷ ଲିଟର ମଦ ଭାରତକୁ ରପ୍ତାନୀ କରିବାର ସୁବିଧା ମରିସସ୍ ଲାଭ କରିବ । ୧୧ଟି ସେବା କ୍ଷେତ୍ରର ୯୫ଟି ଉପକ୍ଷେତ୍ରରେ ମରିସସ୍‌କୁ ଭାରତ ସେବା ସୁବିଧା ଯୋଗାଇ ଦେବ । ୨୦୧୧ ପରେ ଏହା ମରିସସ୍ ସହ ଭାରତର ବଡ ବାଣିଜ୍ୟିକ ବୁଝାମଣା । ମରିସସ୍‌ର ଜିଡିପିରେ ୭୪ପ୍ରତିଶତ ସେବା କ୍ଷେତ୍ର ରହିଥିବା ହେତୁ ଭାରତ ପୁଞ୍ଜିନିବେଶ କରିବାର ସୁବିଧା ପାଇବ ।

ପ୍ରଧାନମନ୍ତ୍ରୀ ମୋଦି ମରିସସ୍‌ର ରାଜଧାନୀ ପୋର୍ଟଲୁଇସର ବିମାନ ବନ୍ଦରରେ ୧୧ ତାରିଖ ସକାଳ ୬ଟାରେ ପହଞ୍ଚିଥିଲେ । ତାଙ୍କୁ ରେଡ କାର୍ପେଟ ସହ ପ୍ରାୟ ୨୦୦ପ୍ରମୁଖ ବ୍ୟକ୍ତି ଏବଂ ମରିସସ୍‌ର ପୂରା ମନ୍ତ୍ରିମଣ୍ଡଳର ସଦସ୍ୟ ସ୍ୱାଗତ କରିବାକୁ ଉପସ୍ଥିତ ଥିଲେ । ବିମାନ ବନ୍ଦରଠାରେ ମହିଳାମାନଙ୍କ ଦ୍ୱାରା ଭୋଜପୁରୀ 'ଗୀତ ଗବାଇଁ' ପରିବେଷଣ କରାଯାଇ ମୋଦିଙ୍କ ସ୍ୱାଗତ କରାଯାଇଥିଲା । ବିମାନ ବନ୍ଦରରୁ ସହରକୁ ପ୍ରବେଶ କରିବା ପଥରେ ମହିଳା, ଶିଶୁଙ୍କ ସମେତ ଅନେକ ମରିସସ୍ ଜନତା ମୋଦିଙ୍କୁ ନିକଟରେ ପାଇ ଭାବ ବିହ୍ୱଳିତ ହୋଇ ଉଠିଥିଲେ । ମୋଦିଙ୍କ ପାଇଁ ଏକ ଭୋଜି ହୋଇଥିଲା । ମରିସସ୍‌ର ସର୍ବୋଚ୍ଚ ସମ୍ମାନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ମୋଦି ଗ୍ରହଣ କରିଥିଲେ । ଏହା ମୋଦିଙ୍କ ପାଇଁ ୨୨ତମ ବିଦେଶୀ ରାଷ୍ଟ୍ରର ସମ୍ମାନ ଥିଲା । ମୋଦି ତାଙ୍କ ଭାଷଣରେ ଦୁଇଦେଶର ସଂପର୍କ, ୧୯୯୮ରେ ସାଧାରଣ କର୍ମୀ ଭାବେ ମରିସସ୍‌କୁ ଆସିଥିବା ବେଳର ସ୍ମୃତି ବଖାଣି ଥିଲେ । ଭୋଜପୁରୀ ଭାଷାରେ ମରିସସ୍ ଲୋକଙ୍କୁ ସମ୍ବୋଧନ କରି ଦୁଇ ଦେଶ ମଧ୍ୟରେ ଶହଶହ ବର୍ଷର ସଂପର୍କର ବିଷୟ, ଖାଦ୍ୟ, ପୋଷାକ, ରୀତିନୀତି, ଭାଷା,ସଂସ୍କୃତି ମଧ୍ୟରେ ଥିବା ସଂପର୍କର କଥା କହିଥିଲେ । ମରିସସ୍ ରାଷ୍ଟ୍ରପତି ଧରମବୀର ଗୋକୁଲଙ୍କୁ ସାକ୍ଷାତ କରି ପ୍ରୟାଗର ତ୍ରିବେଣୀ ଜଳଥିବା ଏକ କଳସ ଯାହା କୁମ୍ଭକାଳରେ ସଂଗ୍ରହ କରାଯାଇଥିଲା ତାକୁ ପ୍ରଦାନ କରିଥିଲେ । ରାଷ୍ଟ୍ରପତିଙ୍କ ପତ୍ନୀଙ୍କୁ ବନାରସୀ ଶାଢୀ ଉପହାର ଦେଇଥିଲେ । ଏହାଛଡା ବିହାରର ପ୍ରସିଦ୍ଧ ମାଖନାଥିବା ଏକ ଜାର ମଧ୍ୟ ଶ୍ରୀ ମୋଦି ଦେଇଥିଲେ । ପ୍ରତ୍ୟୁତ୍ତରରେ ମରିସସ୍ ପ୍ରଧାନମନ୍ତ୍ରୀ କହିଥିଲେ ଯେ ୨୦୧୪ରେ ତାଙ୍କୁ ମୋଦିଜୀ ପ୍ରଥମେ ଶପଥ ଗ୍ରହଣ କରିବା ସମୟରେ ନିମନ୍ତ୍ରଣ କରିଥିଲେ । ସେ ଆଶା କରିଥିଲେ ଯେ ୨୦୨୯ରେ ମଧ୍ୟ ମୋଦି ୪ର୍ଥ ଥର ପାଇଁ ଭାରତର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରନ୍ତୁ । ମରିସସ୍‌ର ଗଙ୍ଗା ପୋଖରୀରେ ମୋଦି ପ୍ରୟାଗର ସଂଗମରୁ ନେଇଥିବା କଳସର ଜଳ ପ୍ରବାହିତ କରିଥିଲେ । ମରିସସ୍‌ର ଅନେକ ଲୋକ ମହାକୁମ୍ଭ ସ୍ନାନକୁ ଯାଇପାରି ନଥିବା ହେତୁ ସେ ତ୍ରିବେଣୀର ଜଳକୁ ପ୍ରବାହିତ କରିବା କଥା ପ୍ରକାଶ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାଳରେ ଦୁଇଦେଶ ମଧ୍ୟରେ ୮ଟି ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ସ୍ଥାନୀୟ ମୁଦ୍ରାରେ ବାଣିଜ୍ୟ ପାନୀୟ ଜଳଯୋଗାଣ ପାଇଁ ୧୦୦ କି.ମି ପାଇପ୍ ଲାଇନ ବିଛାଇବା, କୂଟନୀତିଜ୍ଞ ପ୍ରଶିକ୍ଷଣ, ସାମୁଦ୍ରିକ ସୁରକ୍ଷା, କ୍ଷୁଦ୍ର ଓ ଲଘୁ ଉଦ୍ୟୋଗର ସହଯୋଗ, ସାମୁଦ୍ରିକ ଗବେଷଣା ଓ ସୂଚନାର ଆଦାନ ପ୍ରଦାନ ସେଥିରେ ଅନ୍ତର୍ଭୁକ୍ତ ।

ଆଫ୍ରିକୀୟ ସାମୁଦ୍ରିକ ମାର୍ଗରେ ଥିବା ମରିସସ୍ ଛୋଟ ଦ୍ୱୀପ ରାଷ୍ଟ୍ର ହୋଇଥିଲେ ମଧ୍ୟ ଭାରତର ସାମୁଦ୍ରିକ ସୁରକ୍ଷା, ଦକ୍ଷିଣ ବିଶ୍ୱ ରାଜନୀତି, ଆଫ୍ରିକୀୟ ମହାଦେଶ ସଂପର୍କ ଦୃଷ୍ଟିରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଭାରତ ବାହାରେ ନେପାଳ ପରେ ମରିସସ୍ ହେଉଛି ଦ୍ୱିତୀୟ ସଂଖ୍ୟାଧିକ ହିନ୍ଦୁବହୁଳ ରାଷ୍ଟ୍ର । ୨୦୧୫ରୁ ସାଗର ଯୋଜନାରେ ଭାରତ ମରିସସ୍‌କୁ ସଂପୃକ୍ତ କରିଛି । ଜି ୨୦ ବୈଠକରେ ମଧ୍ୟ ମରିସସ୍‌କୁ ସ୍ୱତନ୍ତ୍ର ଅତିଥି ରାଷ୍ଟ୍ର ଭାବେ ସ୍ଥାନ ଦେଇଥିଲା । କୋରୋନା କାଳରେ ରୋଗଗ୍ରସ୍ତ ହୋଇଥିବା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ରଙ୍କୁ ଭାରତକୁ ଅଣାଯାଇ ଚିକିତ୍ସା କରାଯାଇଥିଲା । ୧୯୬୮ରୁ ଋଗୋସ ଦ୍ୱୀପକୁ ଛାଡିବାକୁ ପ୍ରସ୍ତୁତ ନ ଥିବା ବ୍ରିଟେନ ପରିଶେଷରେ ଭାରତରେ ପ୍ରୟାସ ଏବଂ ଋପଯୋଗୁ ମରିସସ୍‌କୁ ହସ୍ତାନ୍ତର କରିବା । ପୂର୍ବତନ ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ ଜୁଗନ୍ନାଥଙ୍କୁ ନିର୍ବାଚନରେ ପରାସ୍ତ କରିବା ଲାଗି ବ୍ରିଟେନର ଗୁଇନ୍ଦା ସଂସ୍ଥା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର କରି ମିଛ ଖବର ସବୁ ପ୍ରସ୍ତୁତ କରି ପ୍ରସାରିତ କରିଥିଲା । ଲଣ୍ଡନର ମିଶି ପୋଷ୍ଟସ ନାମକ ଏକ ୟୁଟ୍ୟୁବ ଚ୍ୟାନେଲ ମାଧ୍ୟମରେ ନିନ୍ଦା ସୃଷ୍ଟିକାରୀ ଭିଡିଓସବୁ ଅପ୍-ଲୋଡ କରାଯାଇଥିଲା । ସେଥିରେ ଡିପ୍‌ଫେକ୍ ଟେକ୍‌ନୋଲୋଜୀର ବ୍ୟବହାର ହୋଇଥିଲା । କାରଣ ପ୍ରବିନ୍ଦ ଜୁଗନ୍ନାଥ ଋଗୋସ ଦ୍ୱୀପପୁଞ୍ଜରୁ ବ୍ରିଟେନକୁ ହଟାଇବା ଲାଗି ଉଦ୍ୟମ କରି ଅଗଷ୍ଟ ୨୦୨୧ରେ ସଫଳ ହୋଇଥିଲେ । ୧୭ ଫେବୃଆରୀ ୨୦୨୫ରେ ଓଭାଲ ଅଫିସଠାରେ ବ୍ରିଟେନ ପ୍ରଧାନମନ୍ତ୍ରୀ ସାର କିଏର ଷ୍ଟାର୍ମରଙ୍କ ସହ ସାକ୍ଷାତ କାଳରେ ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଋଗୋସ ଦ୍ୱୀପପୁଞ୍ଜକୁ ମରିସସ୍‌କୁ ହସ୍ତାନ୍ତରଣ କରାଯିବା ସପକ୍ଷରେ ମତ ବ୍ୟକ୍ତ କରିଛନ୍ତି । ଯାହାଫଳରେ ବ୍ରିଟେନ ପାଇଁ ଆଗକୁ କିଛି ରାସ୍ତା ନାହିଁ ।

ଭାରତକୁ ମରିସସ୍‌ରେ ଅଟକାଇବା ଉଦ୍ଦେଶ୍ୟରେ ୨୦୧୯ରେ ବ୍ରିଟେନ ବ୍ୟବସାୟ ପାଇଁ ଚୀନକୁ ମରିସସ୍‌ରେ ପ୍ରବେଶ କରିବାର ସୁଯୋଗ ଦେଇଥିଲା । ମରିସସ୍‌ର ଇଲେକ୍‌ଟ୍ରୋନିକ୍ସ ଏବଂ ଫାର୍ମା ବଜାରରେ ଚୀନ ପ୍ରବେଶକରି ବହୁ ଅର୍ଥ ନିବେଶ ସହ ଭାରତକୁ କ୍ଷତି ପହଞ୍ଚାଇଲା । ଏପରିକି ୟୁଆନର କ୍ଲିଅରାନ୍ସ କେନ୍ଦ୍ର ମରିସସ୍‌ରେ ମଧ୍ୟ ଖୋଲିଲା । ତେଣୁ ଭାରତ ମରିସସ୍‌ରେ ବାଣିଜ୍ୟ ବୃଦ୍ଧି ପାଇଁ ସ୍ଥାନୀୟ ମୁଦ୍ରାକୁ ଗ୍ରହଣ କରିବାକୁ ବୁଝାମଣା କରିଛି । ମରିସସ୍‌ରେ ନୂତନ ସଂସଦ ଭବନ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଛି । ସେମିତି ମରିସସ୍‌ର ଉତ୍ତରରେ ୧୦୫୦ କିମି ଦୂରରେ ଥିବା ଅଗଲେଖା ଦ୍ୱୀପର ବିକାଶ ପାଇଁ ଭାରତ ସରକାର ସେଠାରେ ଏକ ନୌସେନା ଘାଟୀ ପାଇଁ ୩୦୦୦ ମିଟର ଲମ୍ବର ରନୱେ,ଜେଟି, ହାଙ୍ଗର ଆଦି ନିର୍ମାଣ କରିଛନ୍ତି । ସ୍ଥାନୀୟ ଲୋକଙ୍କୁ ପ୍ରଭାବିତ କରି ସେଠାରୁ ଭାରତକୁ ବିଦା କରିବାକୁ ଚୀନ ଏବଂ ବ୍ରିଟେନର ଉଦ୍ୟମ ସଫଳ ହୋଇନାହିଁ ।

ଆଗାମୀ ଦିନରେ ଭାରତ ମହାସାଗର ବିଶ୍ୱରାଜନୀତିର ଏକ କେନ୍ଦ୍ର ହେବାକୁ ଯାଉଥିବାରୁ ଭାରତ ନିଜର ପ୍ରଭାବ ଏହି କ୍ଷେତ୍ରରେ କାଏମ୍ ରଖିବାକୁ ଋହୁଁଛି । ଆମେରିକାର ଡିଆଗୋଗାର୍ସିଆ ଏବଂ ଫ୍ରାନ୍ସର ରିୟୁନିଅନ ଦ୍ୱୀପରେ ନୌସେନାର ଘାଟୀ ଥିବା ହେତୁ ଭାରତ ମହାସାଗର କ୍ଷେତ୍ରରେ ମରିସସର ଦ୍ୱୀପଗୁଡିକର ଆଧାରରେ ନିଜ ସ୍ଥିତି ମଜଭୁତ କରିବା ସହ ଆମେରିକା, ଅଷ୍ଟ୍ରେଲିଆ, ଫ୍ରାନ୍ସକୁ ସାଙ୍ଗରେ ଧରି କାର୍ଯ୍ୟକରିବାକୁ ଋହୁଁଛି । ସାମୁଦ୍ରିକ କ୍ଷେତ୍ରରେ ଗୋଇନ୍ଦା ତଥ୍ୟ ସଂଗ୍ରହ, ସାମୁଦ୍ରିକ ପଥରେ ସୁଗମ ପରିବହନ, ଯୋଗାଣ ନିମନ୍ତେ ମାର୍ଗ ଉନ୍ମୁକ୍ତ ରଖିବା ସହ ଅଗଲେଗାର କେନ୍ଦ୍ର ସୂଚନା ଆଦାନ ପ୍ରଦାନ କରିଋଲିବ । ଯାହା ଫଳରେ ଭାରତକୁ ମହାସାଗରୀୟ ସୁରକ୍ଷା ପରିବହନ କ୍ଷେତ୍ରରେ ନଜର ରଖିବାକୁ ସହଜ ହେବ । ଏଥିପାଇଁ ପିଆଇ ପୋସେଡନ ବିମାନ ଏବଂ ହେଲିକପ୍ଟର ଆଦି ପୂର୍ବରୁ ସେଠାରେ ରହିଛି ।

ମରିସସ୍‌ରେ ମେଟ୍ରୋପ୍ରକଳ୍ପ, ସୁପ୍ରିମକୋର୍ଟ ଅଟ୍ଟାଳିକା, ନୂଆ ଇଏନ୍‌ଟି ଡାକ୍ତରଖାନା, ୯୫୬ଟି ସାମାଜିକ ବାସଗୃହ, ପ୍ରଶିକ୍ଷଣ ପାଇଁ ଟାବଲେଟ୍ ପ୍ରଦାନ ପରି ଅନେକଗୁଡିଏ ବିକାଶମୁଖୀ ପ୍ରକଳ୍ପ ଭାରତ ଶେଷ କରିଛି । ଫୋରେନସିକ୍ ଲାବୋରେଟୋରୀ, ଜାତୀୟ ପାଠାଗାର ଏବଂ ଅଭିଲେଖାଗାର ନିର୍ମାଣ, ସିଭିଲ ଲସର୍ଭିସ କଲେଜ ନିର୍ମାଣ ଶେଷ କରିଛି । ପାଞ୍ଚବର୍ଷରେ ମରିସସର ୫୦୦ ପ୍ରଶାସକଙ୍କୁ ଭାରତ ପ୍ରଶିକ୍ଷଣ ପ୍ରଦାନ କରିଛି । ମରିସସ୍ ପାଇଁ ଏକ ଉପଗ୍ରହ ନିର୍ମାଣ କରିବାକୁ ଭାରତ ରାଜି ହୋଇଛି । ଭାରତର ଇସ୍ରୋ ଏବଂ ମରିସସ୍‌ର ରିସର୍ଚ୍ଚ ଇନୋଭେସନ କାଉନସିଲ ମଧ୍ୟରେ ସହଯୋଗ ବୃଦ୍ଧିପାଇଛି । ପାଣିପାଗ ଅଧ୍ୟୟନ ପାଇଁ ଇସ୍ରୋ ଏବଂ ମରିସସ୍‌ର ଭୂ-ବିଜ୍ଞାନ ମନ୍ତ୍ରଣାଳୟ ମଧ୍ୟରେ ସୂଚନା ଆଦାନ ପ୍ରଦାନ ପାଇଁ ପ୍ରୟାସ ଜାରି ରହିଛି । ସୁଲଭ ଔଷଧ ଯୋଗାଣପାଇଁ ଭାରତର ଜନ ଔଷଧ କେନ୍ଦ୍ର ମରିସସ୍‌ରେ ଖୋଲିଛି । ମରିସସ୍‌ରେ ଏକ ଅତ୍ୟାଧୁନିକ ଆୟୁଷ କେନ୍ଦ୍ର ସ୍ଥାପନା ପାଇଁ ଦୁଇ ଦେଶ ରାଜି ହୋଇଛନ୍ତି । ଏହାଛଡା ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ ଡିଜିଟାଲ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ମରିସସ୍‌ରେ ଖୋଲାଯାଇ ସେଠାକୁ ଭାରତରୁ ବିଶେଷଜ୍ଞ ଡାକ୍ତରଙ୍କୁ ପଠାଯିବା ଲାଗି ବ୍ୟବସ୍ଥା ମଧ୍ୟ ହେବ । ପାଠ୍ୟକ୍ରମ ପ୍ରସ୍ତୁତିରେ ଭାରତର ଏନ୍‌ସିଇଆର୍‌ଟି ଏବଂ ମରିସସ୍‌ର ଉଚ୍ଚଶିକ୍ଷ ମନ୍ତ୍ରଣାଳୟ ମିଳିତ ଭାବେ କାର୍ଯ୍ୟ କରିବେ । ମରିସସ୍‌ରେ ବିଜ୍ଞାନ ଓ ଟେକ୍‌ନୋଲୋଜୀ ନିର୍ଦ୍ଦେଶାଳୟ ସ୍ଥାପନା ପାଇଁ ଭାରତ ସହଯୋଗ କରିବ । ମରିସସ୍‌ର ବିଋର ବ୍ୟବସ୍ଥାରେ କମ୍ପୁଟରୀକରଣ କାର୍ଯ୍ୟ ମହାତ୍ମାଗାନ୍ଧି ଇନ୍‌ଷ୍ଟିଚ୍ୟୁଟ (ମରିସସ୍) କରିବ ବୋଲି ସ୍ଥିର ହୋଇଛି । ମରିସସ୍‌ର ସୁରକ୍ଷା ପାଇଁ କୋଷ୍ଟଗାର୍ଡ ପୋତ ଭିକଟ୍ରୀ, ଭାଲିଆଣ୍ଟ ଏବଂ ବାରାକୁଡା ଭାରତ ଦେଇଥିବା ହେତୁ ମରିସସ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କୃତଜ୍ଞତା ଜଣାଇଥିଲେ । ସାମୁଦ୍ରିକ ସର୍ବେକ୍ଷଣ, ସୁରକ୍ଷାରେ ଦୁଇଦେଶ ମିଳିତ ଭାବେ କାର୍ଯ୍ୟ କରିବାକୁ ଏକମତ ହୋଇଥିଲେ । ଦୁଇଦେଶ ଭାରତ ମହାସାଗର ରିମ୍ ଆସୋସିଏସନ୍,କଲମ୍ବୋ ସୁରକ୍ଷା ଆଲୋଚନା, ଗ୍ଲୋବାଲ ବାଇଓଫୁଏଲ ଆଲିଆନ୍ସ, ବିଶ୍ୱ ସୌରମେଣ୍ଟ, ବିପର୍ଯ୍ୟୟର ସକ୍ଷମ ପ୍ରତିରୋଧକାରୀ ଢାଞ୍ଚା ନିର୍ମାଣ ଆଦିରେ ମିଳିତ ଭାବେ କାର୍ଯ୍ୟ କରିବେ । ମରିସସ୍‌ର ମହାତ୍ମାଗାନ୍ଧି ଇନ୍‌ଷ୍ଟିଚ୍ୟୁଟ ପାଇଁ ଭାରତର ନେସନାଲ ଆର୍କାଇଭସ ସ୍ୱତନ୍ତ୍ର ପ୍ରଶିକ୍ଷଣ ବ୍ୟବସ୍ଥା କରିବା ଗିରମିଟିୟା ପରମ୍ପରା ସଂପର୍କରେ ତଥ୍ୟ ସଂଗ୍ରହ ଓ ଗବେଷଣା ନିମନ୍ତେ ଉଦ୍ୟମ କରାଯିବ । ଭାରତର ଋରିଧାମ ଦର୍ଶନ, ରାମାୟଣ ମହତ୍ତ୍ୱଥିବା ସ୍ଥାନଗୁଡିକର ପରିଦର୍ଶନ, ଭାରତର ଧାର୍ମିକ କ୍ଷେତ୍ରଗୁଡିକର ଦର୍ଶନ ପାଇଁ ଭାରତ ସରକାର ପର୍ଯ୍ୟଟନ ଏବଂ ସାଂସ୍କୃତିକ ଆଦାନ-ପ୍ରଦାନ କାର୍ଯ୍ୟକ୍ରମ କରିଆରେ ମରିସସ୍‌ବାସୀଙ୍କ ପାଇଁ ସୁବିଧା ଯୋଗାଇ ଦେବେ । ଦୁଇଦେଶର ଶ୍ରମିକମାନେ ଯେପରି ସହଜରେ ଯିବାଆସିବା କରିପାରିବେ ସେଥିପାଇଁ ବୁଝାମଣା ହେବ । ମରିସସର ୩୩ତମ ଗଣତନ୍ତ୍ରଦିବସ ପାଳନ ଅବସରରେ ଭାରତର ପ୍ରଧାନମନ୍ତ୍ରୀ ମୋଦି ଯୋଗଦାନ କରିଥିବା ହେତୁ ମରିସସର ପ୍ରଧାନମନ୍ତ୍ରୀ କୃତଜ୍ଞତା ଜ୍ଞାପନ କରିଥିଲେ ।

+ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମଧ୍ୟପ୍ରାଚ୍ୟରେ ନୂଆ ସମୀକରଣ...

ରାଷ୍ଟ୍ରପତି ପକ୍ଷରୁ ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ଆଡାମ ବୋଏଲର ଇତିମଧ୍ୟରେ ହମାସ ସହ ପ୍ରତ୍ୟକ୍ଷ ଯୋଗାଯୋଗରେ ଅଛନ୍ତି। ପଣବନ୍ଦୀ ପ୍ରତ୍ୟର୍ପଣ ବିନିମୟ ମାଧ୍ୟମରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସକାଶେ କ୍ରମେ ପଥ ପରିଷ୍କାର ହେଉଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କିନ୍ତୁ ଟ୍ରମ୍ପଙ୍କ ଏହି ପଦକ୍ଷେପରେ ଅସୁଖୀ। କାରଣ ଯେପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିଥିବ ସେ କ୍ଷମତାରେ ଥିବେ। ତାଙ୍କ ପ୍ରଧାନମନ୍ତ୍ରିତ୍ୱ ପ୍ରତି କୌଣସି ଆଞ୍ଚ ଆସିବ ନାହିଁ। ପରିବର୍ତ୍ତିତ ପରିସ୍ଥିତିରେ ସେ କିଭଳି ବଜେଟ ପାରିତ କରିବେ, ସେ ନେଇ ଚିନ୍ତିତ। ଗାଜାପଟିରେ ହମାସ ବିରୋଧୀ ଯୁଦ୍ଧ ପଛରେ ତାଙ୍କର କ୍ଷମତା ରାଜନୀତି ନିହିତ ଥିବା ବେଳେ ଯୁଦ୍ଧର ନିର୍ଣ୍ଣାୟକ ସ୍ଥିତିରୁ ସେ ରାଜନୈତିକ ଫାଇଦା ହାସଲର ମସୁଧା ରଖିଥିଲେ। ଗାଜା ପଟିର ଧ୍ୱଂସସ୍ତୂପରେ ଏବେ ମଧ ହମାସ ତିଷ୍ଠି ରହିଛି ଏବଂ ଯେକୌଣସି ସାମରିକ କାର୍ଯ୍ୟାନୁଷ୍ଠାନର ମୁକାବିଲା ସକାଶେ ପ୍ରସ୍ତୁତ ଅଛି। ଏଠାରେ ଉଲ୍ଲେଖଯୋଗ୍ୟ କି ବୋଏଲର ନିଜେ ଜଣେ ଇହୁଦୀ ଆମେରିକୀୟ ନାଗରିକ। ସେ ଏକ ସାକ୍ଷାତକାରରେ କହିଛନ୍ତି ଯେ ୧୯୯୭ରୁ ଆମେରିକା ହମାସକୁ ଆତଙ୍କବାଦୀ ଘୋଷଣା କରିଥିଲେ ମଧ ପଣବନ୍ଦୀଙ୍କ ମୁକ୍ତିକୁ ଆମେରିକା ସର୍ବାଧିକ ଗୁରୁତ୍ୱ ପ୍ରଦାନ କରେ। ସର୍ତ୍ତ ଅନୁଯାୟୀ ଯୁଦ୍ଧ ବିରତି ଅବଧି ମଧ ବୃଦ୍ଧି କରାଯିବ। ଗାଜାରେ ଟ୍ରମ୍ପଙ୍କ ପ୍ରସ୍ତାବିତ ପ୍ରକଳ୍ପ ପ୍ରେକ୍ଷାପଟ୍ଟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସକାଶେ ପଥ ପରିଷ୍କାର କରାଯାଇପାରେ। କିନ୍ତୁ ପ୍ରସ୍ତାବ ପ୍ରତି ଏ ପର୍ଯ୍ୟନ୍ତ ହମାସର ସମର୍ଥନ ମିଳିନାହିଁ। ଅନ୍ୟପକ୍ଷରେ ମଧ୍ୟପ୍ରାଚ୍ୟ ଦାୟିତ୍ୱରେ ଥିବା ଆମେରିକାର କୂଟନୀତିଜ୍ଞ ଷ୍ଟିଭେନ୍ ଓ୍ୱିଟ୍‌କଫ ଦୋହାରେ ଉପସ୍ଥିତ ରହି ଗାଜା ପ୍ରସଙ୍ଗ ଉପରେ ଆଲୋଚନା ଜାରି ରଖିଛନ୍ତି। ଇରାନ ବିରୋଧୀ ଇସ୍ରାଏଲୀ ଆଭିମୁଖ୍ୟକୁ ବାଦ ଦେଇ ଆସିଥିବା ଆମେରିକା ଇତିମଧ୍ୟରେ ତେହେରାନ ଆଣବିକ କାର୍ଯ୍ୟକ୍ରମ ନେଇ ଆପୋସ ଆଲୋଚନା ସକାଶେ ଟ୍ରମ୍ପ ପ୍ରସ୍ତାବିତ ଚିଠିକୁ ଧର୍ମଗୁରୁ ଆୟାତୋଲ୍ଲା ଅଲି ଖାମେନି ରୋକଠୋକ୍ ପ୍ରତ୍ୟାଖ୍ୟାନ କରିଛନ୍ତି। ଇରାନର କହିବା କଥା ହେଲା କୌଣସି ଚାପ ନିକଟରେ ମୁଣ୍ଡ ନୋଇଁବାର ପ୍ରଶ୍ନ ଉଠୁନି। ବରଂ ଆମେରିକା ପକ୍ଷରୁ ଯେଉଁ ପ୍ରତିବନ୍ଧକ ଲଗାଯାଇଛି, ତାହାକୁ ପର୍ଯ୍ୟାୟକ୍ରମେ କୋହଳ କରି ଆପୋସ କଥାବାର୍ତ୍ତାର ପଥ ପରିଷ୍କାର କରାଯାଇପାରେ। ଆନ୍ତର୍ଜାତିକ ଆଣବିକ ଯାଞ୍ଚକାରୀ ସଂଗଠନ ଆଇଏଇଏ ମାଧ୍ୟମରେ ତଦାରଖ ସକାଶେ ଦିଆଯାଇଥିବା ପ୍ରସ୍ତାବକୁ ଇସ୍ରାଏଲ କ୍ଷେତ୍ରରେ ମଧ ଲାଗୁ କରାଯିବା ପାଇଁ ପାଲଟା ଦାବି କରାଯାଇଛି। ରୁଷ ରାଷ୍ଟ୍ରପତି ପୁଟିନଙ୍କ ସହ ଟ୍ରମ୍ପ ବନ୍ଧୁତାର ହାତ ବଢ଼ାଇଥିବା ବେଳେ ଇରାନ ସହ ମସ୍କୋର ସମ୍ପର୍କ ଅତୁଟ ରହିଛି। ଏବେ ହସ୍ତଗତ ହୋଇଥିବା ରିପୋର୍ଟରୁ ପ୍ରକାଶ ଯେ ଇରାନ ଉପକୂଳରେ ଚୀନ୍ ଓ ରୁଷ ସହ ତ୍ରିରାଷ୍ଟ୍ରୀୟ ମିଳିତ ନୌବାହିନୀ ସମରାଭ୍ୟାସ ଆରମ୍ଭ ହେବାକୁ ଯାଉଛି। ଏଥିରୁ ସ୍ପଷ୍ଟ ଯେ ଇରାନ ସହ ବେଜିଂ ଓ ମସ୍କୋର ସାମରିକ ସମ୍ପର୍କ ଅତୁଟ ରହିଛି। ଟ୍ରମ୍ପଙ୍କ ଇରାନ ବିରୋଧୀ ନୀତିର କୌଣସି ପ୍ରଭାବ ଏମାନଙ୍କ ଉପରେ ପଡ଼ିନାହିଁ। ଏହି ସମରାଭ୍ୟାସକୁ କାତାର, ଇରାକ, ପାକିସ୍ତାନ, ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ପ୍ରତିନିଧିଙ୍କୁ ଆମନ୍ତ୍ରଣ କରାଯାଇଛି। ଏହାର ପୃଷ୍ଠଭାଗରେ ରହିଛି ଯୁଦ୍ଧାସ୍ତ୍ର ବେପାର। ଟ୍ରମ୍ପ ଯେଉଁ ଟାରିଫ୍ ଓ ବାଣିଜ୍ୟ ଯୁଦ୍ଧ ଆରମ୍ଭ କରିଛନ୍ତି, ସେଥିରେ ୟୁରୋପୀୟ ରାଷ୍ଟ୍ର ମଧ କ୍ଷତିଗ୍ରସ୍ତ ହେଉଛନ୍ତି। ରୁଷ-ୟୁକ୍ରେନ ଯୁଦ୍ଧ ସମୟରେ ତାଙ୍କ ଆଭିମୁଖ୍ୟ ନାଟୋ ସଦସ୍ୟ ରାଷ୍ଟ୍ରଙ୍କୁ ଆହତ କରିଛି। ସେମାନେ ଆମେରିକା ଉପରେ ମାତ୍ରାଧିକ ନିର୍ଭରଶୀଳତାରୁ କ୍ରମେ ଦୂରେଇବା ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ରୁଷ ମଧ ପାଲେଷ୍ଟାଇନରେ କୌଣସି ପ୍ରକାର ହସ୍ତକ୍ଷେପକୁ ବିରୋଧ କରେ ବୋଲି ସ୍ପଷ୍ଟ କରିଛି। ଚୀନ୍‌ର ବୈଦେଶିକ ମନ୍ତ୍ରୀ ଏନେଇ ଦେଇଥିବା ବିବୃତି ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ। ଏପରିକି ଇସଲାମିକ ରାଷ୍ଟ୍ର ସଂଗଠନ ବୈଠକରେ ମଧ ପାଲେଷ୍ଟାଇନ ସପକ୍ଷରେ ପ୍ରସ୍ତାବ ଗୃହୀତ ହୋଇଛି। ଆମେରିକାର ବାଣିଜ୍ୟନୀତିକୁ ବିରୋଧ କରୁଥିବା ଅଧିକାଂଶ ରାଷ୍ଟ୍ର ପାଲେଷ୍ଟାଇନ ପ୍ରତି ଖୋଲା ଖୋଲି ସହାନୁଭୂତିଶୀଳ ହୋଇପଡ଼ିଛନ୍ତି। ହମାସ ସହ ଦ୍ୱିପାକ୍ଷିକ ପଣବନ୍ଦୀ ବିନିମୟ ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରାଯିବ। ଆମେରିକା ଏହି ଦୁଇଟି ଦିଗକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛି। ପଣବନ୍ଦୀ ବିନିମୟ ହୋଇଗଲେ ଗାଜାରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହୋଇପାରିବ। ନେତାନ୍ୟାହୁଙ୍କ ସକଳ ଉଦ୍ୟମ ସତ୍ତ୍ୱେ ସାନି ଯୁଦ୍ଧ ସକାଶେ ଇସ୍ରାଏଲବାସୀଙ୍କ ସମର୍ଥନ ମିଳିବ ନାହିଁ। ଇଜିପ୍ଟ ପ୍ରସ୍ତାବ ଅନୁଯାୟୀ ଗାଜାରେ ପୁନଃନିର୍ମାଣ କାର୍ଯ୍ୟ ଆରବ ରାଷ୍ଟ୍ରଙ୍କ ସହଯୋଗରେ ହେବ। ହମାସ ନିଜ ଜିଦ୍‌ରୁ ଓହରିଯାଇ କହିଛି ଯେ ଗାଜାରେ ପୁନର୍ବାସନ କାର୍ଯ୍ୟ ଶେଷ ହେବା ପରେ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସଂସ୍ଥାକୁ କ୍ଷମତା ଅର୍ପଣ କରିବାକୁ ସେମାନେ ପ୍ରସ୍ତୁତ ଅଛନ୍ତି। ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିଥିବା ପର୍ଯ୍ୟବେକ୍ଷକଙ୍କ କହିବା କଥା ହେଲା, ମଧ୍ୟପ୍ରାଚ୍ୟରେ ଏବେ ଏକ ନୂଆ ଭୂରାଜନୈତିକ ସମୀକରଣ ରୂପ ନେଉଛି। ଏହାର ସଫଳତାର ସହ ମଧ୍ୟପ୍ରାଚ୍ୟ ସମେତ ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠାର ନୂଆ ମୂଳଦୁଆ ପଡ଼ିବ। ପରିବର୍ତ୍ତିତ ପରିସ୍ଥିତିରେ ନେତାନ୍ୟାହୁ ଘୋର ପ୍ରତିକୂଳ ପରିସ୍ଥିତି ଦେଇ ଗତି କରୁଛନ୍ତି। ହମାସ ସହ ଆମେରିକାର ପ୍ରତ୍ୟକ୍ଷ କଥାବାର୍ତ୍ତାରେ ସେ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ସଂସଦରେ ତାଙ୍କ ପ୍ରତି କ୍ରମେ ସମର୍ଥନ ହ୍ରାସ ପାଇବା ତାଙ୍କ ପାଇଁ ଚିନ୍ତାର କାରଣ ହୋଇପଡ଼ିଛି। ନିକଟରେ ଇସ୍ରାଏଲରେ ହୋଇଥିବା ଏକ ଜନମତ ସର୍ଭେ ରିପୋର୍ଟରୁ ପ୍ରକାଶ ଯେ ଅକ୍ଟୋବର ୭ ତାରିଖର ଘଟଣା ପାଇଁ ୭୨.୫ ପ୍ରତିଶତ ଲୋକ ନେତାନ୍ୟାହୁଙ୍କୁ ଦାୟୀ କରିଛନ୍ତି। ତେଣୁ ଆଗାମୀ ଦିନରେ ସେ କ୍ଷମତାରୁ ଅନ୍ତର ହେବା ଏକପ୍ରକାର ନିଶ୍ଚିତ ହୋଇପଡ଼ିଛି। ତାଙ୍କ ବିରୋଧରେ ଥିବା ଦୁର୍ନୀତି ଅଭିଯୋଗର ବିଚାର ସେ କ୍ଷମତାରୁ ଯିବା ପରେ ପୁଣି ଆରମ୍ଭ ହେବା ଅସମ୍ଭବ ନୁହେଁ।

# ଗୋଷ୍ଠିଗତ ପ୍ରବଞ୍ଚନାରେ ବିପର୍ଯ୍ୟସ୍ତ ମଣିଷ ସମାଜ-୧



**ପଙ୍କଜ କୁମାର ପାଣିଗ୍ରାହୀ**

ଗୋଷ୍ଠୀ ବା ଦଳ କହିଲେ ଆଜି ଦିନରେ ପ୍ରାୟତଃ ସମସ୍ତେ ବୁଝନ୍ତି କେବଳ ରାଜନୈତିକ ଦଳ। ବିଡମ୍ବନାର ବିଷୟ ଯେ ଆମ ଦେଶର ସାଧାରଣ ଲୋକେ ସମାଜର ବିଭିନ୍ନ ମାଧ୍ୟମରେ ଭାସି ଆସୁଥିବା ବିଭିନ୍ନ ସୋପାନର ଭିନ୍ନ ଭିନ୍ନ ବିଷୟ ଗୁଡିକୁ କୌଣସି ତର୍ଜମା କିମ୍ବା ଅନୁଶୀଳନ ନକରି ଗ୍ରହଣ କରିଥା'ନ୍ତି ଏବଂ ପରବର୍ତ୍ତୀ ସମୟରେ ସେଗୁଡିକ ଜ୍ଞାନର ଉତ୍ସ ଭାବେ ଜଣେ ଅନ୍ୟ ଜଣକୁ ବିତରଣ ମଧ କରିଥା'ନ୍ତି ! ଫଳତଃ ସମାଜରେ ସତ୍ୟ ହେଉ କି ଅସତ୍ୟ ଯେ କୌଣସି ଗୋଟିଏ ବିଷୟକୁ ନିର୍ଦ୍ୱନ୍ଦରେ ପ୍ରଚ୍ଚର ପ୍ରସାର କରିବାରେ ଯେକୌଣସି ବ୍ୟକ୍ତି ସମର୍ଥ ହେଉଛନ୍ତି ! ଆମର ଏହି ନିଛନ୍ଦ, ନିଷ୍କପଟ ମନୋଭାବ ତଥା ତର୍ଜମା ବିହୀନ ଗ୍ରହଣୀୟତା ସମାଜର କ୍ରୁର ଚତୁର ବର୍ଗର ଲୋକଙ୍କୁ ସୁଯୋଗ ଦେଉଛି ସହଜରେ ନିର୍ବୋଧଙ୍କୁ ପ୍ରତାରିତ କରି ସ୍ୱାର୍ଥ ହାସଲ କରିବା ପାଇଁ। ଏହି କ୍ରମରେ ସମାଜରେ କେତେବେଳେ ଏକକ ବ୍ୟକ୍ତି ବିଶେଷ ହେଉ କିମ୍ବା କୌଣସି ଗୋଟିଏ ଦଳଗତ ଅନୁଷ୍ଠାନ ମାଧ୍ୟମରେ ସାଧାରଣ ନିରୀହ, ନିଷ୍କପଟ ଜନତା ବ୍ୟାପକ ପ୍ରତାରଣା ସହିତ ସାଙ୍ଘାତିକ ଲୁଣ୍ଠନର ଶିକାର ମଧ ହେଉଛନ୍ତି। ଏଠାରେ ଉଲ୍ଲେଖନୀୟ ବିଷୟ ଏହା କି ଯେ ବିଭିନ୍ନ ଗଣମାଧ୍ୟମରେ ପ୍ରଚ୍ଚର ପ୍ରସାର କରାଯାଉଥିବା ବିଜ୍ଞାପନ ଗୁଡିକ ଦେଖି ଅନେକ ସୂଚନା ପାଇଥାଉ ଯାହା ସବୁ ସମ୍ପୂର୍ଣ୍ଣ ଭାବେ ଆମ ମନ ମାନସରେ ଗ୍ରହଣୀୟ ହୋଇଥାଏ। ଏକ ନିରୋଳା ନିଛନ୍ଦ ବିଚ୍ଚର ଆମର ରହିଥାଏ ଯେ ଯଦି କଥାଟି ସତ୍ୟ ହୋଇ ନଥା'ନ୍ତା ତାହେଲେ ସେ ସଂସ୍ଥା ହେଉକି ଯେକୌଣସି ବିଜ୍ଞାପନଦାତା କ'ଣ ସର୍ବସାଧାରଣରେ ବିଜ୍ଞାପନ ଦେଇ ପାରିଥା'ନ୍ତା କି ?! ତେଣୁ ଯେହେତୁ ସାର୍ବଜନୀନ ସ୍ତରରେ ଏକ ବିଜ୍ଞାପନ ମାଧ୍ୟମରେ ସର୍ବ ସମ୍ମୁଖରେ କୌଣସି ବିଷୟ ଉପସ୍ଥାପନ କରାଯାଇ ଅଛି ତେଣୁ ତାହା ନିଶ୍ଚିତ ସତ୍ୟ ହୋଇଥିବ। ସେହି ଭଳି କୌଣସି ଖବର କିମ୍ବା ଆମ ଜୀବନ ଶୈଳୀରେ ସଂଶ୍ଲିଷ୍ଟ ଅନ୍ୟାନ୍ୟ କୌଣସି ଉପଦେଶ / ସନ୍ଦେଶ ଗୁଡିକୁ ମଧ ଆମେ ସହଜରେ ମାନ୍ୟତା ଦେଇଥାଉ। ଏହା ଆମର ଏକ ସାଧାରଣ ନିରୋଳା ବିଶ୍ୱସନୀୟ ଭାବନା ଜନିତ ଗ୍ରହଣୀୟତା।

ଏକ ସମ୍ବେଦନଶୀଳ ବିଷୟ ଏହାକି, ଆମେ ସମସ୍ତେ ପ୍ରାୟତଃ କିଛି ମାତ୍ରାରେ ଭୁକ୍ତଭୋଗୀ କିମ୍ବା ସଚେତନ ରହିଛେ ଯେ ଆମ ଦେଶରେ ଯଦି କୌଣସି ଏକ ସାଧାରଣ ହେଉ କି ଅସାଧାରଣ ଘଟଣା ଘଟି ଥାଏ ତା'ର ସତ୍ୟାସତ୍ୟ ନିର୍ଣ୍ଣୟ ହେବା ପାଇଁ ବର୍ଷ ବର୍ଷ ଲାଗିଯାଏ ବିଭିନ୍ନ ସୋପାନରେ। ଯେମିତିକି ଜଣେ ନିମ୍ନ ସ୍ତରୀୟ ପ୍ରଶାସନିକ ଅଧିକାରୀ, ରାଜ୍ୟ ମୁଖ୍ୟ ହୁଅନ୍ତୁ କିମ୍ବା ଦେଶ ମୁଖ୍ୟଙ୍କ ଠାରୁ ଆରମ୍ଭ କରି ଉଚ୍ଚତମ ନ୍ୟାୟାଳୟ ପର୍ଯ୍ୟନ୍ତ ଅଭିଯୋଗର ଲମ୍ବା ଅବଧି ପାର କରିବା ବେଳକୁ ବେଳେ ବେଳେ ଅଭିଯୋଗକାରୀଙ୍କ ଜୀବନ ଚ୍ଚଲି ଯାଉଥିବା ବିଷୟ ମଧ କାହାକୁ ଅଗୋଚର ନୁହେଁ। ଏହିଭଳି ପରିସ୍ଥିତିରେ ଯଦି କୌଣସି ଏକ ସାଧାରଣ ଠକେଇ କିମ୍ବା କାହାର ମିଥ୍ୟା ପ୍ରବଂଚନାର ଶିକାର ହୋଇ ଆମେ କାହା ପାଖରେ ଅଭିଯୋଗ କରି ନ୍ୟାୟ ପାଇଯିବା ବୋଲି ବିଚ୍ଚର କରିବା ତାହା ଏକ ସ୍ୱପ୍ନ ମାତ୍ର ଆମ ଦେଶରେ ଏକଥା କହିବା ଆବଶ୍ୟକ ନୁହେଁ ବରଂ ସମସ୍ତେ ଜାଣନ୍ତି। ବର୍ତ୍ତମାନ ଆମେ ବିଚ୍ଚର କରିବା ଯେ ଆମ ଦେଶର ନ୍ୟାୟିକ ବ୍ୟବସ୍ଥା ଏବଂ ଆମ ଗ୍ରହଣୀୟତା ମଧ୍ୟରେ ରହିଥିବା ଦୂରତ୍ୱ ମଧ୍ୟରେ ପ୍ରବେଶ କରି କ୍ରୁର ଚତୁର କେମିତି ବିଭିନ୍ନ ମାଧ୍ୟମରେ ଆମକୁ ଠକିଥା'ନ୍ତି ଯାହା ସାଧାରଣରେ ଆମ ଜ୍ଞାତସାର ମଧ୍ୟରେ ପ୍ରବେଶ କରୁ ନାହିଁ। ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରତ୍ୟେକ ସୋପାନରେ ଆମେ ଏକକ ବ୍ୟକ୍ତି ଦ୍ୱାରା ହେଉ କିମ୍ବା ବିଭିନ୍ନ ଗୋଷ୍ଠୀ ବା ଦଳୀୟ ସଂସ୍ଥା ଦ୍ୱାରା ଠକାମିର ଶିକାର ହୋଇଥାଉ। ତେଣୁ ଆସନ୍ତୁ ଦେଖିବା ଗୋଷ୍ଠୀ କହିଲେ ଯେ କେବଳ ରାଜନୈତିକ ଦଳ ନା ଆଉ କିଛି ଅଛି ?!

ମହାଭାଗ, ଆପଣ ହୁଏତ କେବେ ବିଚ୍ଚର କରିନଥିବେ ଯେ କେତେ ପ୍ରକାର ଗୋଷ୍ଠୀ / ଦଳ ଆମ ସମାଜରେ କେଉଁ ସବୁ ମାର୍ଗରେ କାର୍ଯ୍ୟରତ ?! ସେମାନଙ୍କ ବିଚ୍ଚର, କାର୍ଯ୍ୟଧାରା ତଥା ସାମାଜିକ ପ୍ରଭାବ ଗୁଡିକ ହୁଏତ ଆପଣଙ୍କ ମନ ମାନସରେ କେବେ ଆନ୍ଦୋଳିତ ହୋଇନାହିଁ ଯେ କେତେ ପ୍ରକାର ଦଳ ରହିଛନ୍ତି ଆମ ସମାଜରେ ଯିଏ ସାଧାରଣ ନିର୍ବୋଧଙ୍କୁ କେଉଁ ମାର୍ଗରେ ଲୁଣ୍ଠନ କରିବାରେ ବ୍ୟସ୍ତ। ଦୃଷ୍ଟାନ୍ତମୂଳକ ଭାବେ କେତେକ ଗୋଷ୍ଠୀ / ଦଳର ଉଦାହରଣ ଏଠାରେ ଉଲ୍ଲେଖ କରିବା ସହିତ ସମାନ୍ତରାଳ ପ୍ରକ୍ରିୟାରେ କାର୍ଯ୍ୟ କରୁଥିବା କୌଣସି ଗୋଷ୍ଠୀ / ଦଳ ସହିତ ସମ୍ପୃକ୍ତି ଥିବା ଆପଣଙ୍କ ନିଜ ଦଳ ଗୁଡିକ ବିଷୟରେ ନିଜେ ବିଚ୍ଚର କରି ସେମାନଙ୍କ କାର୍ଯ୍ୟ ଧାରା ଗୁଡିକୁ ବୁଝିବାକୁ ଚେଷ୍ଟା କରିବେ। ଏଠାରେ ଦେଖିବା, ସାଧାରଣ ଦୃଶ୍ୟମାନ ହେଉଥିବା ଦଳ ଗୁଡିକ କିଏ ଏବଂ ସେମାନଙ୍କ କାର୍ଯ୍ୟ ଶୈଳୀ ଓ ଲୁଣ୍ଠନ କରିବା ପ୍ରଣାଳୀ ଗୁଡିକ କ'ଣ ହୋଇଥାଏ...

୧. କୃଷକ ୨.ଶ୍ରମିକ ୩.ବାହାନ ଚ୍ଚଳକ ୪. ସୁରକ୍ଷା ବାହିନୀ ୫. ଶିକ୍ଷାଦାତା ୬. ଚିକିତ୍ସକ ୭. ବୈଜ୍ଞାନିକ ୮. ଗବେଷକ ୯. ସାହିତ୍ୟିକ ୧୦. ଲେଖକ ୧୧. ଖବରଦାତା ୧୨. ନ୍ୟାୟଦାତା ୧୩. ସମାଜ ସେବକ / ସୁଧାରକ / ସଂସ୍କାରକ ୧୪. ପରିବହନ ୧୫. ବ୍ୟବସାୟୀକ ୧୬. ପ୍ରଶାସନିକ କର୍ମଚ୍ଚରୀ ୧୭. ରାଜନୈତିକ ୧୮. ଧର୍ମ ପ୍ରବଚକ ୧୯. ଭାଗ୍ୟ/କୁଣ୍ଡଳୀ ନିର୍ଦ୍ଧାରକ ୨୦. ବାସ୍ତୁଶାସ୍ତ୍ରୀ ୨୧. ତାନ୍ତ୍ରିକ ୨୨. ଅର୍ଥ ସୁରକ୍ଷା-ଜମା/ ଋଣ ୨୩. ବୀମା ଯୋଜନା ୨୪. ସ୍ୱାସ୍ଥ୍ୟ ସୁରକ୍ଷା ୨୫. ଆଇନ ସୁରକ୍ଷା ୨୬. ମଧ୍ୟସ୍ଥିତା /ପ୍ରତିନିଧି ୨୭. ଲଟେରୀ ୨୮. ମନୋରଞ୍ଜନ ୨୯. କ୍ରୀଡାବିତ ୩୦. ଗାୟକ ୩୧. ନୃତ୍ୟ ପରିବେଶକ ୩୨. ନିଶା କାରବାର ୩୩. ଜୁଆ ଖେଳ ଆଡ୍ଡା ୩୪. ଯୌନ ବୃତ୍ତି ୩୫. ଠିକାଦାର ୩୬. ମାଫିଆ ୩୭. ରାଷ୍ଟ୍ରୀୟ / ଅନ୍ତରାଷ୍ଟ୍ରୀୟ ତସ୍କରୀ ୩୮. କୁଚକ୍ରୀ ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଭିନ୍ନ ଭିନ୍ନ ଗୋଷ୍ଠୀର ମଣିଷ ମାନେ ଗୋଟିଏ ଗୋଟିଏ ଦଳ ଅନ୍ତର୍ଭୁକ୍ତ ଯେଉଁମାନେ ସମାଜରେ ସେମାନଙ୍କ କାର୍ଯ୍ୟକଳାପ ଗୁଡିକ ପ୍ରଚ୍ଚର ପ୍ରସାର କରି ସାଧାରଣ ଲୋକଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ଦେବା ପାଇଁ ପ୍ରତିଶୃତି ଦେଇ ନିଜ ନିଜ ସ୍ତରରେ ପ୍ରସ୍ତୁତ କରିଥା'ନ୍ତି କ୍ଷେତ୍ର। ଏମାନଙ୍କ ବ୍ୟତୀତ ଏମିତି ଆହୁରି ଅନେକ ଦଳ ରହିଛନ୍ତି ଯାହା ସବୁ ଆମ ଦୃଷ୍ଟି ଗୋଚର ନହୋଇ ବିଭିନ୍ନ ସ୍ତରରେ କାର୍ଯ୍ୟରତ ସେମାନଙ୍କ ସଦସ୍ୟ ମାନଙ୍କୁ ନେଇ। ଏହିସବୁ କାର୍ଯ୍ୟ ଗୁଡିକରେ ଲିପ୍ତ ରହିଥିବା ସଦସ୍ୟ ମାନଙ୍କୁ ନେଇ ଗଠନ ହୋଇଥାଏ ଗୋଟିଏ ଗୋଟିଏ ଗୋଷ୍ଠୀ ବା ଦଳ ଯାହାର ଅନେକ ମାର୍ଗ ରହିଥାଏ ସମ୍ପୃକ୍ତ ଦଳର ଦଳପତିଙ୍କ ବିଚ୍ଚରଧାରାକୁ ଆଧାର କରି। ଏହିସବୁ ଦଳ ମାନଙ୍କ କାର୍ଯ୍ୟକଳାପ ତଥା ସାମାଜିକ ପ୍ରଭାବ କାରଣ ଗୁଡିକ ସାଧାରଣ ଲୋକଙ୍କୁ କେତିକି ସେବା ଯୋଗାଇଥା'ନ୍ତି ଏବଂ ତା' ପରିବର୍ତ୍ତେ ସେମାନେ କ'ଣ ସ୍ୱାର୍ଥ ହାତେଇ ଥା'ନ୍ତି ସେସବୁ ସମୀକ୍ଷା, ବିଚ୍ଚର ନକରି ଆମେ ଆବଶ୍ୟକ, ଅନାବଶ୍ୟକ ସ୍ଥଳେ କେତେକାଂଶରେ ଜାଣିଶୁଣି ଏବଂ ଆଉ କେତେକାଂଶରେ କିଛି ନବୁଝି ସେମାନଙ୍କ ମାୟା ଜାଲର ଶିକାର ହୋଇଥାଉ। କହିବାକୁ ଗଲେ ଉପର ଲିଖିତ ପ୍ରାୟ ୯୦ ଶତକଡା ଦଳ ସାଧାରଣ ଲୋକଙ୍କ ଠାରୁ ୯୯ ଶତକଡା ସ୍ୱାର୍ଥ ଆଶା କରି କାର୍ଯ୍ୟ କରିଥା'ନ୍ତି ଯାହା ସାଧାରଣ ଲୋକେ ସହଜରେ ବୁଝି ପାରି ନଥା'ନ୍ତି ! ବିପରୀତରେ ସେମାନଙ୍କ ଦ୍ୱାରା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ମାଧ୍ୟମରେ ଅନେକ ଉପକାର ଏବଂ ଲାଭ ଉଠାଇବା ସ୍ୱପ୍ନ ଦେଖିବା ସହିତ ନିଜ ପ୍ରିୟଜନଙ୍କୁ ମଧ ସେଗୁଡିକ ଉପରେ ଯୁକ୍ତାତ୍ମକ ମନ୍ତବ୍ୟ ପ୍ରଦାନ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି !


+ୟୁଟ୍ୟୁବ - ସାମାଜିକ ଜନମଂଚ(ଭାରତ)

ଛତ୍ରପୁର, ଗଂଜାମ- ୭୬୧୦୨୦

ମୋ: ୯୪୩୭୩୨୪୯୧୭.


# ହାତରୁ ଖାଇ, ଘୋଡ଼ା ଆଗରେ ଧାଇଁବା



**କେଶବ ଚନ୍ଦ୍ର ନାୟକ**

ଗଞ୍ଜାମରେ ଏକ ପ୍ରବାଦ ରହିଛି:- ହାତରୁ ଖାଇ, ଘୋଡା ଆଗରେ ଧାଇଁବା। ଅର୍ଥାତ ବିନା ପାରିଶ୍ରମିକରେ ବେଠି ଖଟିବା। ଭାରତ ସ୍ୱାଧୀନ ହେବାର ହେବାର ୭୮ ବର୍ଷ ବା ସମ୍ବିଧାନ ପ୍ରଣୟନ ହେବାର ୭୫ ବର୍ଷ ବିତିଯାଇଥିଲେ ମଧ ବେଠି ଖଟିବା ପରମ୍ପରା ଆଜି ମଧ ପ୍ରଚଳିତ। ବିଶେଷ କରି ସମ୍ବିଧାନଟି ଚାରୋଟି ଖୁଣ୍ଟିଆ ଉପରେ ଠିଆ ହୋଇଛି। ହେଲେ ୪ର୍ଥ ଖୁଣ୍ଟ ଟା ବୋଧେ ଗଣ ମାଧ୍ୟମ। ଏହି ଗଣମାଧ୍ୟମଟି ସବୁରି ଘଟଣା ଓ ଦୁର୍ଘଟଣା କୁ ଲୋକ ଲୋଚନକୁ ଆଣେ। ଖରା, ବର୍ଷା, ଶୀତଠାରୁ ଆରମ୍ଭ କରି ପ୍ରକୃତି ବା କୃତ୍ରିମ ଦୁର୍ଘଟଣାକୁ ସ୍ଥାନ କାଳ ପାତ୍ର କୁ ବିବେଚନା କରି ଖବର ପ୍ରସାରିତ କରେ, ଯେଉଁ ମାନେ କରନ୍ତି, ତନ୍ମଧ୍ୟରୁ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇ ଥାନ୍ତି ସାମ୍ବାଦିକ, ସମସ୍ତ ସୁଖ ଦୁଃଖର ଯିଏ ସହଯୋଗୀ, ସମାଜର ଦର୍ପଣ, ସେମାନେ ସବୁ ଦିଗରୁ ଅବହେଳିତ।

ବ୍ଲକ ସ୍ତରରୁ ଆରମ୍ଭ କରି ଜିଲ୍ଲା ସ୍ତରୀୟ ଅବା ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସାମ୍ବାଦିକ ମାନେ ବିନା ପାରିଶ୍ରମିକରେ ଖଟନ୍ତି। ଯେଉଁମାନେ ଖବର ସଂସ୍ଥା କରିଛନ୍ତି, ହାତ ଗଣତି ଗଣମାଧ୍ୟମକୁ ଛାଡି ଦେଲେ, ପାରିଶ୍ରମିକ ମିଳେ ନାହିଁ। କିଛି ଗଣ ମାଧ୍ୟମ ବିଜ୍ଞାନ ଉପରେ କମିଶନ ଦିଅନ୍ତି ଏବଂ ଖବର କାଗଜ ବିକ୍ରି ବଟା ଉପରେ କମିଶନ ପ୍ରଦାନ କରନ୍ତି। କିନ୍ତୁ ବୈଦୁତିକ ଓ ଓ୍ୱେବ୍ କଥା ନ କହିଲେ ଭଲ। ଏଣୁ ସାମ୍ବାଦିକତା ରେ ଜୀଇଁବା କିମ୍ବା ଜୀବିକାର୍ଜନ କରିବା କଷ୍ଟ ସାଧ। ଏଣୁ ବହୁତ ଯୁବ ପିଢ଼ି ସାମ୍ବାଦିକ କ୍ଷେତ୍ରକୁ ଆସି ସାଇଡ ବିଜିନେଷ କରନ୍ତି ବା କିଏ କୌଣସ ବ୍ୟବସାୟରେ ଥାଇ ଗଣମାଧ୍ୟମର ଆକ୍ରୋଶରୁ ସୁରକ୍ଷା ପାଇଁ ସାମ୍ବାଦିକ ହେବାକୁ ଇଚ୍ଛା କରିଥାନ୍ତି।

ବର୍ତ୍ତମାନ ଦେଖା ଗଲାଣି ଯେ କିଛି ଲୋକ ଏନଜିଓ କରି ଗୁଡାଏ ଦୁର୍ନୀତି ସଂଶ୍ଲିଷ୍ଟ। ସାମ୍ବାଦିକମାନ ଦାଉରୁ ରକ୍ଷା ପାଇଁ ସେମାନେ ମଧ ଯେକୌଣସି ଖବର କାଗଜ ହେଉ କି ଓ୍ୱେବ ଚେନାଲରୁ ସାମ୍ବାଦିକ କାର୍ଡ ଖଣ୍ଡେ ହାତେଇ ଫାଇଦା ଉଠାନ୍ତି।

ଆଉ କିଛି ଲୋକ ଠିକାଦାର କାର୍ଯ୍ୟ ପାଇଁ ସାମ୍ବାଦିକ କାର୍ଡକୁ ଏକ ଅସ୍ତ୍ର କରି ପ୍ରୟୋଗ କରିନ୍ତି। ଆଉ କିଛି ସାମ୍ବାଦିକ ସରକାରୀ ଅନୁଷ୍ଠାନଗୁଡିକ ସପ୍ଲାଏ ସାମଗ୍ରୀ ଯୋଗାଇ ମାଲାମାଲ। ଏତେ ଗଲା ସାମ୍ବାଦିକ କ୍ଷେତ୍ରରେ କିଛି କରିତ୍ କର୍ମାଙ୍କ ଅତି ଚତୁର ବୁଦ୍ଧି। ବାକି ରହିଲା କିଛି ଲୋକ ରାଜନୀତି କରିବା ପାଇଁ ନିଜେ ନିଜେ ମିଡିଆ ହାଉସ୍ କରି ଗଣମାଧ୍ୟମକୁ ବିଭ୍ରାଟ କରିବା। ତେଣୁ ବିଭିନ୍ନ ରାଜନୈତିକ ଦଳରେ ନିଜର ଗଣମାଧ୍ୟମ ରହିଛି। ସେମାନେ କ୍ଷମତାକୁ ଆସିବା ପାଇଁ ମିଛକୁ ସତ ବା ସତକୁ ମିଛ କହି ଗଣ ମାଧ୍ୟମକୁ ଅପବ୍ୟବହାର କରିବା। କିଛି ଶିଳ୍ପପତିଙ୍କ ହାତରେ ମଧ ନିଜର ଗଣମାଧ୍ୟମ ରହିଛି। ଖଣି ଖାଦାନ ଲୁଟିବା ରେ ଏହି ଗଣମାଧ୍ୟମ ଏକ ପ୍ରକାର ଢାଲ। ଆଉ ରହିଲା ଘରୋଇ ଶିକ୍ଷା ଅନୁଷ୍ଠାନ। ଆଜି କାଲି ବିଭିନ୍ନ ପାଠ ପଢିବା ପାଇଁ କୋଟି କୋଟି ବା ଲକ୍ଷ ଲକ୍ଷ ଡୋନେସନ ଆବଶ୍ୟକ ହେଉଛି। ବର୍ତ୍ତମାନ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକ ଛାତ୍ର ଛାତ୍ରୀମାନଙ୍କୁ ଶୋଷଣ କରୁଛନ୍ତି। ଏଣୁ ପବ୍ଲିକର ଆଇ ଓ୍ୱାସ୍ ପାଇଁ ନିଜସ୍ୱ ମିଡିଆ ହାଉସ୍ ଖୋଲି ବଡ ବଡ ବ୍ୟବସାୟକୁ ସଫଳ କରନ୍ତି। ସେହିପରି ଘରୋଇ ଚିକିତ୍ସାଳୟର ମାଲିକମାନେ ମଧ ମିଡ଼ିଆ କୁ ଅସ୍ତ୍ର ଭାବେ ବ୍ୟବହାର କରନ୍ତି। ତେଣୁ ବର୍ତ୍ତମାନର ମିଡିଆ ଅଧିକାଂଶ ନିଜର ସ୍ୱାର୍ଥ ପାଇଁ ବ୍ୟବହୃତ। ସମାଜର ସେବାରୁ ପ୍ରାୟତଃ ବିଚ୍ୟୁତ। ଏଣୁ ଆଜି କାଲିକା ଖବରେ ଗୁଡାଏ କଞ୍ଚା ମିଛ ପ୍ରସାର ହୁଏ। କିଛି ଗଣମାଧ୍ୟମର ମାଲିକ ମାନେ ଖବର ବଦଳରେ ବିଜ୍ଞାପନ ସଂଗ୍ରହକୁ ଅଧିକ ଗୁରୁତ୍ୱ ଦିଅନ୍ତି। ବିଭିନ୍ନ ମେଳା, ମହୋତ୍ସବ, ପର୍ବ ପର୍ବାଣୀ ଆଉ ସ୍ୱନକ୍ଷତ୍ର ପାଇଁ ମୋଟା ଅଙ୍କର ବିଜ୍ଞାନ ସଂଗ୍ରହ ପାଇଁ ଟାର୍ଗେଟ ଦିଅନ୍ତି। ବିଚାରା ସାମ୍ବାଦିକ ମାଲିକଙ୍କ କୋପଦୃଷ୍ଟିରୁ ତ୍ରାହି ପାଇଁ ଅନିଚ୍ଛା ସତ୍ତ୍ୱେ ଯାକୁ ତାକୁ ଅନୁରୋଧ କରେ ଏବଂ କିଛି ସଫଳ, ବିଫଳରେ ନିଜର ସାମ୍ବାଦିକ କାର୍ଡ ଖଣ୍ଡିକ ସୁରକ୍ଷା ପାଇଁ ପ୍ରୟାସ ଜାରି ରଖେ। ନତୁବା ସାମ୍ବାଦିକତା କାର୍ଡ ଖଣ୍ଡିକ ନିଜ ହାତରୁ ଖସିଯିବାର ବହୁତ ଚାନସ୍ ରହିଛି। ଏମିତି ତୁ ତୁ ମେଁ ମେଁରେ ଅନେକ ସମ୍ବାଦକ ଗଣମାଧ୍ୟମ ସଂସ୍ଥାରୁ ବିଦାୟ ନେଇଛନ୍ତି। ଆଉ କିଛି ମାଲିକ ନିର୍ଦ୍ଦେଶ ଦିଅନ୍ତି, ଯଦି କୌଣସି ସଂସ୍ଥା ବିଜ୍ଞାନ ଦେବାକୁ ମନା କରେ ମିଛ ସତ ଖବର ଛାପ। ତାକୁ ବଦନାମ କର। ଏହା ବି ହେଉଛି। ବିନା ମେଘରେ ବଜ୍ରପାତ ହେଉଛି। ଓଲଟା ସିଧା ଖବର ପ୍ରସାରିତ ହେଉଛି। ବିଚାରା ସାମ୍ବାଦିକ କରିବ କ'ଣ ? ସମ୍ବିଧାନର ୧୯ ଧାରାରେ ଯେଉଁ ବାକ୍ ସ୍ୱାଧୀନତା କଥା ଉଲ୍ଲେଖ ରହିଛି, ତାକୁ ଖୋଲାଖୋଲି ଉଲଂଘନ ହେଉଛି। ବିଗତ ସରକାର ସମୟରେ ସବୁ ଜିଲ୍ଲା ଗୁଡିକୁ ସୂଚନା ଓ ପ୍ରସାରଣ ବିଭାଗ ନିର୍ଦ୍ଦେଶ କଲେ ଯେ ଜିଲ୍ଲା ସ୍ତରୀୟ ବିଜ୍ଞାନଗଡିକ ପି.ଆର ବିଭାଗକୁ ପଠାଇବ। ଜିଲ୍ଲା ସ୍ତରୀୟ ବିଜ୍ଞାନ ସ୍ଥାନୀୟ ସାମ୍ବାଦିକମାନଙ୍କୁ ଦେବ ନାହିଁ। ଏଣୁ ସାମ୍ବାଦିକ ମାନେ ପୂର୍ବରୁ ଯେଉଁ ଟେଣ୍ଡର ନୋଟିସ ଗୁଡିକ ପାଉଥିଲେ ବା ଅନ୍ୟାନ୍ୟ ବିଜ୍ଞାନ ପାଉଥିଲେ, ସେଥିରୁ ବଞ୍ଚିତ ହେଲେ। ବର୍ତ୍ତମାନ ମୋହନ ସରକାର ଆସିଲେ ମଧ ପୂର୍ବ ବିଜେଡି ସରକାରଙ୍କ ସାର୍କୁଲର ବଳବତ୍ତର ରହିଛି। ଏଣୁ ଯେଉଁ ସାମ୍ବାଦିକ ମାନେ ବିଜ୍ଞାନରୁ କିଛି କମିଶନ ପାଉଥିଲେ, ସେଥିରୁ ମଧ ବଞ୍ଚିତ। ଏଣୁ ସାମ୍ବାଦିକତା ପେଶା କରି ପାରିବା ପ୍ରତିପୋଷଣ କରିବା କଷ୍ଟ। ଜଣେ ଲୋକ ଖଟିବ, ପାରିଶ୍ରମିକ ପାଇବ, ଏହା ହେଲା ଶ୍ରମ ଆଇନ କହୁଛି। ସାମ୍ବାଦିକ ମାନେ ସରକାରୀ ଉତ୍ସବ ଠାରୁ ଆରମ୍ଭ କରି ଆନ୍ଦୋଳନ, ବିକ୍ଷୋଭ, ଗଣ ଧାରଣା, ଦାବି ପତ୍ର ପ୍ରଦାନ, ସାମ୍ବାଦିକ ସମ୍ମିଳନୀକୁ ପ୍ରତିଦିନ ଧାଇଁଲେ ମଧ ପାରିଶ୍ରମିକ ନାହିଁ। କେବଳ ବିସ୍କୁଟ, ଚା'ରେ କାମ ଶେଷ। ଗାଡିରେ ନା ଅଛି ତେଲ, ନା ପେଟରେ ଅଛି ଦାନା। ଏହା ହେଲା ଓଡ଼ିଶାରେ ବାସ୍ତବରେ ସାମ୍ବାଦିକତାକୁ ଯେଉଁମାନେ ପେଶା କରିଛନ୍ତି, ସେମାନଙ୍କ ବାସ୍ତବ ଚିତ୍ର। ଗତ ରାଜ୍ୟ ସରକାର ୨୪ ବର୍ଷ ଶାସନ ଗାଦିରେ ଥିଲେ ମଧ ସାମ୍ବାଦିକମାନଙ୍କ ମୌଳିକ ସମସ୍ୟାରୁ ବିଚ୍ୟୁତ ରହିଲେ। କୌଣସି ଦାବି ସାମ୍ବାଦିକମାନ ପୂର୍ଣ୍ଣ ହୋଇ ନାହିଁ।

କେବଳ ଗୋଟିଏ ହେଲଥ୍ କାର୍ଡ ଖଣ୍ଡିକ ଧରାଇ ବାହାସ୍ଫୋଟ ମାରି ଚାଲିଗଲେ। ବର୍ତ୍ତମାନ ମୋହନ ସରକାର ସାମ୍ବାଦିକ ମାନଙ୍କୁ ଭତ୍ତା ଦେବେ ବୋଲି ଘୋଷଣା କରିଛନ୍ତି। କିଛି ବୃଦ୍ଧ ସାମ୍ବାଦିକମାନେ ଅପେକ୍ଷା ରତ। ଅନ୍ତତଃ ପକ୍ଷେ ଜୀବନରେ ବହୁ ସଂଘର୍ଷ ମଧ୍ୟରେ ଢୋକେ ପିଇ, ଦଣ୍ଡେ ଜୀଇଁ ଆସିଥିବା ବାର୍ଦ୍ଧକ୍ୟ ରେ ଉପନୀତ ହୋଇ ଥିବା ସାମ୍ବାଦିକମାନଙ୍କୁ ଯଦି କିଛି ଭତ୍ତା ବର୍ତ୍ତମାନର ସରକାର ଦେବେ, ଏହା ବଡ ମହତ କାର୍ଯ୍ୟ ହେବ। ଯେଉଁ ମାନଙ୍କର ଆର୍ଥିକ ସ୍ୱଚ୍ଛଳତା ନାହିଁ, ସେମାନଙ୍କୁ ଅଧିକ ଗୁରୁତ୍ୱ ଦେବା ଉଚିତ୍। କିନ୍ତୁ ଯେଉଁ ମାନଙ୍କର ଆର୍ଥିକ ସୁଦୃଢ ରହିଛି ବା ବିଭିନ୍ନ ଲାଭକାରୀ ସଂସ୍ଥାରେ ସଂଶ୍ଲିଷ୍ଟ ସେମାନଙ୍କୁ ସରକାରୀ ଭତ୍ତାର କିଛି ଆବଶ୍ୟକତା ନାହିଁ। ଯେଉଁ ସାମ୍ବାଦିକମାନଙ୍କ ଘର ନାହିଁ, ଯେଉଁ ସାମ୍ବାଦିକ ମାନେ ଆର୍ଥିକ କ୍ଷେତ୍ରରେ ଅନଗ୍ରସର, ସେମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରିବା ଉଚିତ୍। ନତୁବା ଯେଉଁ ମାନେ ସତ୍ୟ, ସ୍ୱଚ୍ଛ, ନିର୍ଭିକ ବା ନିରପେକ୍ଷ ସାମ୍ବାଦିକତା କରି ଜୀବନ କୁ ତିଳ ତିଳ ସମଗ୍ର ସମୟକୁ ସମାଜ ହିତରେ ଆହୂତି ପ୍ରଦାନ କରିଛନ୍ତି, ସେମାନଙ୍କ ଅନ୍ତିମ ଜୀବନ ନିଶ୍ଚିୟ ବିଦ୍ରୋହ କରି ଉଠିବ, ଏଥିରେ ଦ୍ୱିମତ ନାହିଁ। ଅନ୍ୟପକ୍ଷରେ ଯେଉଁ ଖବରକାଗଜ ବା ବୈଦ୍ୟୁତିକ ଗଣମାଧ୍ୟମ ସାମ୍ବାଦିକ ମାନଙ୍କୁ ନିଯୁକ୍ତି ଦେଉଛନ୍ତି, ସେମାନେ ପି.ଆର ଡିପାର୍ଟମେଣ୍ଟକୁ ଜଣାଇବା ଆବଶ୍ୟକ ଯେ କେଉଁ ଜିଲ୍ଲାଗୁଡ଼ିକରେ ବା ବ୍ଲକ ଗୁଡିକରେ କିଏକିଏ ନିଯୁକ୍ତି ପାଇଛନ୍ତି। ସେମାନେଙ୍କୁ ସଂପୃକ୍ତ ସଂସ୍ଥା କେତେ ପାରିଶ୍ରମିକ ଦେଉଛି ଅବା ସାମ୍ବାଦିକର ଭରଣ ପୋଷଣ ପାଇଁ ଆର୍ଥିକ ସହାୟତା କ'ଣ ଦେଉଛି। ଏଥି ପାଇଁ ବିଧାନସଭାରେ ଏକ ନିୟମ ପାରିତ ହେବା ଉଚିତ୍। ବିନା ପାରିଶ୍ରମିକ ବା ଦରମାରେ କୌଣସି ଗଣ ମାଧ୍ୟମ ସଂସ୍ଥା ସାମ୍ବାଦିକ ନିଯୁକ୍ତି କରି ପାରିବ ନାହିଁ ବୋଲି ଏକ ସାର୍କୁଲାର ଜାରି କରିବା ଆବଶ୍ୟକ। ଫଳରେ ସାମ୍ବାଦିକ ମାନେ ସମ୍ବାଦ ସଂସ୍ଥାର ମାଲିକମାନଙ୍କ ଦ୍ୱାରା ଶୋଷଣର ଶିକାର ହୁଅନ୍ତେ ନାହିଁ। ଏହାବ୍ୟତୀତ ଯେଉଁ ସାମ୍ବାଦିକମାନଙ୍କୁ ସଂସ୍ଥାରୁ ମନ ଇଚ୍ଛା ବହିଷ୍କାର କରୁଛନ୍ତି, କାରଣ ଦର୍ଶାଅ ନୋଟିସ୍ ମଧ ଜାରି କରିବା ଉଚିତ୍। ଏ ସଂପର୍କରେ ସରକାରଙ୍କ ନିକଟରେ ସୂଚନା ରହିବା ଆବଶ୍ୟକ। ସାମ୍ବାଦିକମାନ ସ୍ୱାର୍ଥ ସୁରକ୍ଷା ଲାଗି ସାମ୍ବିଧାନିକ ବ୍ୟବସ୍ଥାରେ ସେମିତି କିଛି ବିଧି ବା ନୀତି ନିର୍ଦ୍ଧାରଣ ହୋଇ ନାହିଁ। ସୁସ୍ଥ ସମାଜ ଗଠନ ଲାଗି କେନ୍ଦ୍ର ବା ରାଜ୍ୟ ସରକାର ସାମ୍ବାଦିକମାନଙ୍କ ଆର୍ଥିକ ସମସ୍ୟା ଉପରେ ବିହିତ ପଦକ୍ଷେପ ନେବା ଉଚିତ୍। ସମସ୍ତ ସରକାରୀ ଓ ଘରୋଇ ଅନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀମାନେ ନିଜର ଦରମା ବୃଦ୍ଧି ପାଇଁ ରାଜରାସ୍ତାରେ ଆନ୍ଦୋଳନ କରୁଥିବାବେଳେ ବେଳେ ସାମ୍ବାଦିକ ମାନଙ୍କ ଦରମା ସଂପର୍କରେ କେବେ ସାମ୍ବାଦିକ ସଂଘଗୁଡିକ ଆନ୍ଦୋଳନ କରିବାର ନଜର ନାହିଁ। କିନ୍ତୁ ସାମ୍ବାଦିକମାନଙ୍କ ଭତ୍ତା ପାଇଁ ବାରମ୍ବାର ଦାବି ପତ୍ର ସରକାରଙ୍କୁ ଅବଗତ କରାଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇ ନାହିଁ।


ସଭାପତି, ଉତ୍କଳ ସାହିତ୍ୟ ସଂସଦ, ମାଲକାନଗିରି

ମୋ:୯୪୩୭୭୭୯୪୪୭





## ଘେନ ମୋର ଶ୍ରଦ୍ଧାଞ୍ଜଳି

**ପ୍ରଶାନ୍ତ କୁମାର ରାଉଳ**



ହେ ପ୍ରଥିତଯଶା ରମାକାନ୍ତ ରଥ
ଆଧ୍ୟାତ୍ମିକ ଆଧିଭୌତିକ
ମୃତ୍ୟୁ ଚେତନାର
ସମୟର ରୂପକାର ରୂପାୟିତ
ତବ ଲେଖନୀରେ ଚାରୁ ଚିତ୍ରପଟ।
'ଶ୍ରୀରାଧା' 'ସପ୍ତମ ଋତୁ' କରେ
ପ୍ରଣିପାତ
ଅମର ଲେଖନୀ ତବ
ଯାଦୁକରୀ ଶକ୍ତି
ଓଡିଆ ଜାତିକୁ କରୁଛି
କରୁଥିବ ବିମୋହନ
ଯହିଁ ଥାଅ ହେ ଅମର ଆତ୍ମା
ମୋର ଟିକି ଶ୍ରଦ୍ଧାଞ୍ଜଳି ଘେନ ॥

ଭାରତୀୟ ପ୍ରଶାସନିକ
ସେବା ଅଧିକାରୀ
କବିତା ସାମ୍ରାଜ୍ୟର ବିମୁଗ୍ଧ ନାୟକ
କାଳଜୟୀ ତବ ଲେଖନୀ ନିଃସୃତ
'କେତେ ଦିନର' 'ଅନେକ କୋଠରୀ'
'ସନ୍ଦିଗ୍ଧ ମୃଗୟା' ପରେ ଆସିଛି ଧରାକୁ
କି ବିଚିତ୍ର 'ସପ୍ତମ ଋତୁ'
ଆଉ 'ସଚିତ୍ର ଅନ୍ଧାର'।

ଜୀବନର ଜ୍ୱଳନ ଅନ୍ତର୍ଦାହ 'ଲଣ୍ଠନ'
କହେ ସମୟର ଅସହାୟ ମଣିଷର କଥା
'ଅତିଥି ସତ୍କାର' ଦିଏ ମୃତ୍ୟୁ
ଚେତନା ବାରତା,
ଚିର ଦେଦୀପ୍ୟମାନ 'ଶ୍ରେଷ୍ଠ କବିତା'
'ସୀମାନ୍ତ ବାସ' 'ଫେରି ଚାହାଁ ବାରେ'
ଚାହିଁ ଦେଲି ଥରେ ନଇଁ ଗଲା ମଥା ॥

ଅମ୍ଳାନ ସାରସ୍ୱତ କୃତି
ଲାଗି ହେ ଅମର ସ୍ରଷ୍ଟା,
ଲଭି ସାହିତ୍ୟ ଏକାଡେମୀ,
ସରସ୍ୱତୀ ଭାରତୀ ସମ୍ମାନ
ଆଦି ବିପୁଳ ସମ୍ମାନ ସମ୍ବର୍ଦ୍ଧନା
ଅଧିକାରୀ
ଆଧୁନିକ କାବ୍ୟ ଜଗତ କରି
ଆଲୋକିତ
ସାହିତ୍ୟ ସଂଗ୍ରାମ ଇହ ଲୀଳା
ଆନନ୍ଦରେ ସାରି
ଯାଇଛ ଅମର ପୁରେ ଆସିବ ଲେଉଟି
ଶ୍ରୀରାଧା ରହିଛି ଅନାଇ ଶୁଣିବାକୁ
କାହ୍ନାର ବେଣୁ ନିନାଦିତ ଓଙ୍କାର
ମାଧୁରୀ।


ଭଞ୍ଜକଲୋନୀ,ଜଲେଶ୍ୱର,ବାଲେଶ୍ୱର

ମୋ-୮୧୪୪୮୬୪୫୮୪


## ନିଜକଥା

**ଡ. ଦୀପକ କୁମାର ମିଶ୍ର**



ଯାହା ଦେଖିପାରିନି ଚିରକାଳ
ତାହା ନିଜ ପିଠିରେ ବୋଝ ପରି
ବୋହିଥିବା
ଗୋଟେ କଷ୍ଟର କତିପୟ କୁବ୍ଜ
ଯାହା ପଢ଼ିପାରିନି ଜୀବନର
ଯବକାଚ ତଳୁ
ତାହା ମୋ ସମ୍ବନ୍ଧରେ
ନିୟତି ଲେଖିଥିବା
ଏକ ଅସମ୍ପୂର୍ଣ୍ଣ, ଉତ୍କଣ୍ଠିତ ଗପ ।

ଯାହା ଦେଖେଇପାରିନି ଆଜିଯାଏଁ
ତାହା ମୋ ହୃଦୟର ନିଭୃତ କନ୍ଦରରେ
ଲୁଚିଥିବା ଏକ କଥାକୁହା
ନିରବ ମଣିଷ
ଛାଡ଼ିପାରିନି ଶତ ଚେଷ୍ଟା ସତ୍ତ୍ୱେ
କେବଳ ଦୁଃଖକୁ ଲୁଚେଇ
ସତେଜ ଲାଗୁଥିବା
ଏକ ମିଛୁଆ ହସର ପ୍ରଲେପ ।

ଭୁଲିବାକୁ ଚେଷ୍ଟା କରି ବି ପାରିନି
ଏକ ଶାମୁକାର ଚିତ୍ର
ଯିଏ ପେଟ ଚିରି ଆଜି ବି ଅଲୋଡ଼ା
ମଖମଲି ମୋତି ମହଲରେ ।

ଯାହାକୁ ଚିହ୍ନି ପାରିଲିନି ଏଯାବତ୍
ସିଏ ଆମ ତୁମ ପରି
କ୍ଷୁଦ୍ର ମଣିଷଟିଏ
ଯାହାର ଛଳନାକୁ କଳନା କରିବା
ବୋଧେ କ୍ଲିଷ୍ଟତାର ଅନ୍ତିମ ଅଧ୍ୟାୟ ।
ଅଅଅଅଅଅ


+ଭୁବନେଶ୍ୱର


ମୋ: ୮୨୮୦୨୧୧୦୦୦

# ବାର୍ଦ୍ଧକ୍ୟରେ ଆଂଟି ଅକ୍ସିଡାଂଟର ଆବଶ୍ୟକତା

**ବାର୍ଦ୍ଧକ୍ୟାବସ୍ଥା ରୋଗ ନୁହେଁ, ଏହା ଜୀବବିଜ୍ଞାନ ପ୍ରକ୍ରିୟା। ଏହାକୁ କେହି ପରିହାର କରିପାରିବେନି। ଏହା ମନୁଷ୍ୟ ପାଇଁ ଅପରିହାର୍ଯ୍ୟ। ବୈଜ୍ଞାନିକ ଦୃଷ୍ଟିକୋଣରୁ ବାର୍ଦ୍ଧକ୍ୟ ହେଉଛି ଏକ ଜଟିଳ ପ୍ରକ୍ରିୟା। ଏହି ଅବସ୍ଥାରେ ଶରୀରରେ ଜୀବନକୋଷ କ୍ଷୟକ୍ଷତି ଘଟିବା ସହ ଶରୀରରେ ଶକ୍ତିର ଅଭାବ ଘଟେ। କାରଣ ଏହି ସମୟରେ ଶରୀରରେ ବିଚନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଦୃଢ଼ ପ୍ରତିରୋଧକ ଶକ୍ତିର ହ୍ରାସ ଘଟିଥାଏ। ବୃଦ୍ଧାବସ୍ଥାରେ ବହୁବିଧ ରୋଗର ଶିକାର ହେବାକୁ ପଡ଼େ। ଏଥିରୁ ଉପଶମ ପାଇବା ପାଇଁ ପୋଷଣ ଆଂଟିଅକ୍‌ସିଡାଣ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।**



ଆଧୁନିକ ଗବେଷଣାରୁ ଜଣାପଡ଼ିଛି ଯେ, ପରିଣତ ବୟସରେ ଯଦି ମନୁଷ୍ୟ ଆଣ୍ଟିଅକ୍ସିଡାଣ୍ଟର ନିର୍ଦ୍ଧାରିତ ଚିକିତ୍ସାରେ ରହେ, ତାହେଲେ ସେ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିପାରିବ। ପୋଷଣ ଆଣ୍ଟିଅକ୍ସିଡାଣ୍ଟ ଚିକିତ୍ସାର ଅନ୍ୟ ଏକ ମହତଗୁଣ ହେଉଛି, ପ୍ରତ୍ୟେକ ବ୍ୟକ୍ତିକୁ ତା'ର ଅଧିକ ଔଷଧ ଖର୍ଚ୍ଚରୁ ବଞ୍ଚାଇବା ଓ ଡାକ୍ତରଖାନାର ରହଣି ସମୟକୁ କମାଇବା। ପୋଷଣ ବିଜ୍ଞାନର ଅନ୍ୟଏକ ଭୂମିକା ହେଉଛି ମନୁଷ୍ୟ ସମାଜକୁ ପୋଷଣ ଚିକିତ୍ସାର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଉପରେ ସଚେତନ କରାଇବା। କାର୍ଯ୍ୟଦକ୍ଷ ଆଣ୍ଟି ଅକ୍ସିଡାଣ୍ଟ ଡିଫେନ୍ସ ସିଷ୍ଟମର ମଣିଷ ଉପରେ ଆଣ୍ଟି ଏଜିଂ ପ୍ରଭାବ ଅଛି।



**ବାର୍ଦ୍ଧକ୍ୟ ଅବସ୍ଥାର କାରଣ:** ଏହାର ମୁଖ୍ୟ କାରଣ ଗୁଡ଼ିକ ହେଲା:୧- ଶରୀରର କାରଣ ଚାପ, ୨- ଜିନୀୟ ଦାନର ହ୍ରାସ, ୩- ଜୀବକୋଷ ବିଭେଦୀକରଣର କ୍ଷତି, ୪- ଅପରିବର୍ତ୍ତନୀୟ ଅଣୁବିଶିଷ୍ଟର ହାନି, ୫- ଶରୀର କ୍ରିୟାର କ୍ଷୟ ସାଧନ, ୬- ଶରୀରର ଉପଯୋଗୀକରଣ ଓ ସମସ୍ଥିତ ପ୍ରକ୍ରିୟାର ଅବନତି, ୭- ଶରୀରରେ ରୋଗ ପ୍ରତିରୋଧକ ଶକ୍ତିର ହ୍ରାସ, ୮- ପରିବେଶ ପ୍ରଦୂଷଣ, ୯- ଫ୍ରିରାଡ଼ିକାଲର ଜୀବକୋଷ ଓ ଡି.ଏନ.ଏ. ଉପରେ ଆକ୍ରମଣ।

**ଫ୍ରିରାଡ଼ିକାଲସ ଓ ବାର୍ଦ୍ଧକ୍ୟାବସ୍ଥା:** ଫ୍ରିରାଡ଼ିକାଲ ହେଉଛି ଗୋଟିଏ ରାସାୟନିକ ଅବସ୍ଥା, ଯାହା ଜୀବକୋଷର ଦିଗ୍‌ବଳୟରେ ସ୍ୱାଧୀନ ଭାବେ ଅବସ୍ଥାନ କରିଥାନ୍ତି। ସେମାନଙ୍କ ଶରୀରରେ ଏକ କିମ୍ବା ଅଧିକ ଅନପେୟାର ଇଲେକ୍ଟ୍ରୋନ ଥାନ୍ତି। ସେହି ଅନପେୟାର ଇଲେକ୍ଟ୍ରୋନ ଗୁଡ଼ିକ ଶକ୍ତିଶାଳୀ ରସାୟନିକ ବନ୍ଧନ ଗଠନ କରି ଶରୀରର ଜୀବକୋଷର କ୍ଷତି ଘଟାଇଥାନ୍ତି। ଶରୀର ଭିତରେ ଥିବା ଏହି ମାରାତ୍ମକ ଫ୍ରିରାଡ଼ଫିକାଲ ଗୁଡ଼ିକ ଶରୀରରେ ଅନେକ କ୍ଷତି ଘଟାଇବା ସହିତ ମନୁଷ୍ୟକୁ ଶୀଘ୍ର ବାର୍ଦ୍ଧକ୍ୟ ଅବସ୍ଥାକୁ ଟାଣି ନେଇଥାନ୍ତି।। ଏହି ଉଗ୍ର ଓ ପ୍ରତିକ୍ରିୟାଶୀଳ ଫ୍ରିରାଡିକାଲ ସ୍ୱେସିଜ୍ ସବୁ ଜୀବକୋଷର ଅନେକ କ୍ଷତି ଘଟଶଇ ମଣିଷର ଶରୀରରେ ଏକାଧିକ ରୋଗ ଉତ୍ପତ୍ତି କରିଥାନ୍ତି। ଏହି ପ୍ରତିକ୍ରିୟାଶୀଳ ରାସୋୟନିକ ସ୍ୱେସିଜ ସମୂହ ମଧ୍ୟ ବାର୍ଦ୍ଧକ୍ୟବସ୍ଥା ପାଇଁ ମୁଖ୍ୟତଃ ଦାୟୀ। ଦେହ ଭିତରେ ଏହି ସ୍ୱେସିଜ୍ ଗୁଡ଼ିକର ଉତ୍ପତ୍ତି କମିବା ଓ ଏହାର ପରିମାଣ ହ୍ରାସ ହେଲେ ବାର୍ଦ୍ଧକ୍ୟବସ୍ଥାର ବିଳମ୍ବ ଘଟିଥାଏ।

**ବାର୍ଦ୍ଧକ୍ୟଅବସ୍ଥାର ଲକ୍ଷଣ:**

୧- ଦୃଷ୍ଟି ଓ ଶ୍ରବଣ ।କ୍ତିର ହ୍ରାସ, ୨- ଶରୀରରେ ମାଂସପେଶୀର ବଳ କମିବା, ୩- ଗଣ୍ଠି ପୀଡ଼ା ରୋଗ ଦେଖାଯିବା, ୪- ଶରୀରର ଅଙ୍ଗ ସଚଳତା କମିବା, ୫- ଶରୀରର ଚେତନା ଶକ୍ତି ହ୍ରାସ ହେବା।

**ଶରୀରରେ ଆଣ୍ଟି ଅକ୍ସିଡାଣ୍ଟର ଆବଶ୍ୟକତା:** ଆଣ୍ଟିଅକ୍ସିଡାଣ୍ଟ ହେଉଛି ଗୋଟିଏ ରାସାୟନିକ ମଲ୍ଲିକୁଲ। ଏହା ଶରୀରର ଜୀବକୋଷର ଦିଗ୍‌ବଳୟରେ ବେଶ୍ ସ୍ଥିର ଭାବରେ ଥାଏ। ଏହି ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଶରୀର ଭିତରେ ଦକ୍ଷ ପ୍ରତିରକ୍ଷା ସିଷ୍ଟମ ଭାବେ କାର୍ଯ୍ୟ କରିଥାନ୍ତି। ଆଣ୍ଟି ଅକ୍ସିଡାଣ୍ଟ ମଲିକ୍ୟୁଲ ମାରାତ୍ମକ ଫ୍ରିରାଡ଼ିକାଲକୁ ଇଲେକ୍ଟ୍ରୋନ ଦାନକରି ସେ ସବୁକୁ ଅକାମୀ କରିଥାନ୍ତି। ଆଣ୍ଟିଅକ୍ସିଡାଣ୍ଟ ମଲିକ୍ୟୁଲ ନିରାପଦରେ ଫ୍ରିରାଡ଼ିକାଲ ସହ ଅନ୍ତକ୍ରିୟା ବା ପାରସ୍ପରିକ କ୍ରିୟା କରିଥାନ୍ତି। ସେହି ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ସାଧାରଣ ବିଚନ ପ୍ରକ୍ରିୟା ସମୟରେ ଶରୀର ଭିତରେ ଉତ୍ପତ୍ତି ହୋଇଥାନ୍ତି। ସେମାନଙ୍କ ମଧ୍ୟରୁ କିଛି ଆଣ୍ଟିଅକ୍ସିଡାଣ୍ଟ ହେଉଛନ୍ତି, ଗ୍ଲୁଟାଥାୟନ, ଇୟୁବିକ୍ୟୁନେଲ ଏବଂ ଇୟୁରିକ ଅମ୍ଳ। ଅନ୍ୟ ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଖାଦ୍ୟରୁ ମିଳିଥଶନ୍ତି। ଶରୀର ଭିତରେ କେତେ ଗୁଡ଼ିଏ ଏନଜାଇମ ସିଷ୍ଟମ ଓ ନନଏନଜାଇମ ସିଷ୍ଟମ ଫ୍ରିରାଡ଼ିକାଲକୁ ସ୍କାଭେଜିଂ



କରିବାରେ ପ୍ରଧାନ ଭୂମିକା ନେଇଥାନ୍ତି। କିଛି ନନ୍ ଏନଜାଇମ ଆଣ୍ଟି ଅକ୍ସିଡାଣ୍ଟ ଗୁଡ଼ିକ ହେଲା- ଭିଟାମିନ-ଏ, ଭିଟାମିନ-ସି, ଏବଂ ବିଟା-କାରୋଟିନ। ଶରୀର ଭିତରେ ଏସବୁ ପଦାର୍ଥ ଗୁଡ଼ିକ ତିଆରି ହୋଇପାରନ୍ତି ନାହିଁ। ଏସବୁ ପୁଷ୍ଟିକର ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ହେଲା ଭିଟାମିନ-ଏ,. ଭିଟାମିନସି, ଏବଂ ବିଟା-କାରୋଟିନ। ଶରୀରର ଭିତରେ ଏସବୁ ପଦାର୍ଥଗୁଡ଼ିକ ତିଆରି ହୋଇପାରନ୍ତି ନାହିଁ। ଏସବୁ ପୁଷ୍ଟିକର ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଖାଦ୍ୟରେ ସାମିଲ ହେବା ଉଚିତ୍।

**ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ପଦ୍ଧତିର ଆବଶ୍ୟକତା:**

ଆଣ୍ଟିଅକ୍ସିଡାଣ୍ଟ ଡିଫେନ୍ସ ସିଷ୍ଟମର ମୁଖ୍ୟ କାର୍ଯ୍ୟ ଗଉଡ଼ିକ ହେଲା୧- ଶରରର କ୍ରିୟାତ୍ମକ ଜୀବକୋଷକୁ କାରଣ କ୍ଷତିରୁ ରକ୍ଷା କରିବା, ୨- ମସ୍ତିଷ୍କ ରକ୍ତକୋଷର ଇଣ୍ଟିଗ୍ରିଟିକୁ ନିରାପଦରେ ରଖିବା, ୩- ମସ୍ତିଷ୍କ ନିୟୁରନ କୋଷକୁ ପୃଷ୍ଟପୋଷକତା ଦେବା, ୪- ଜିନ୍‌ର ଇଣ୍ଟିଗ୍ରିଟି ଓ ସ୍ଥିରତାକୁ ସଂରକ୍ଷଣ କରିବା ୫- ମନୁଷ୍ୟ ଶରୀରର ସିମେନର ବିଶେଷତ୍ୱରେ ଉନ୍ନତି ଆଣିବା ୬- ଡି.ଏନ.ଏ. ମରାମତିରେ ସହାୟକ ବେହା ଓ ଡି.ଏନ.ଏ.କୁ କ୍ଷତିରୁ ରକ୍ଷା କରିବା, ୭- ଶରୀରର ରୋଗ ପ୍ରତିରୋଧକ ସିଷ୍ଟମର ଉନ୍ନତି କରିବା ଓ ଶରୀରକୁ ନାନାବିଧ ରୋଗ ଦାଉରୁ ରକ୍ଷା କରିବା, ୮ - ଶରୀରର କ୍ରୋନିକ ରୋଗକୁ ନିୟନ୍ତ୍ରଣ କରିବା, ୯- ଶରୀରରେ ଜିନର ପ୍ରକାଶ କାରଣକୁ ନିୟନ୍ତ୍ରଣ କରିବାରେ ସହାୟକ ହେବା। ପୋଷଣ ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକର ଶରୀର ଉପରେ ଇନକ୍ରେଡିବିଲ ପ୍ରଭାବ ରହିଛି।

୧. ଭିଟାମିନ-ଏ, ଭିଟାମିନ-ଇ ଓ ଭିଟାମିନ-ସି ଯୌଗିକ ବସ୍ତୁ ଗୁଡ଼ିକ ପଥ୍ୟ ଆଣ୍ଟିଅକ୍ସିଡାଣ୍ଟ। ଏଗଉଡ଼ିକ ସବୁଜ, ହଳଦିଆ ଓ କମଳା ରଙ୍ଗ ପନିପରିବା ଓ ଫଳରେ ଅଧିକ ଥାନ୍ତି। ତେଣୁ ଏହି ଖାଦ୍ୟ ନିୟମିତ ଖାଇବା ଉପକାରୀ।

୨. ଲେମ୍ବୁ, କମଳା, ଅଙ୍ଗୁର ସମେତ ସବୁଜ ପତ୍ର ବହୁଳ ପନିପରିବା, ବନ୍ଧାକୋବି, ସବୁଜ ଲଙ୍କା, ପିଜୁଳି ଓ ଅଙ୍କୁରିତ ଡାଲିଜାତୀୟ ଶସ୍ୟ ଯଥା-ମୁଗ, ବିରି, ଶିମ୍ବ ଓ ମଟର ଆଦିରେ ପ୍ରଚୁର ପରିମାଣରେ ଭିଟାମିନ ସି ଥାଏ। ସେସବୁ ଖାଦ୍ୟ ବିଧିବଦ୍ଧ ଖାଇବା ଆବଶ୍ୟକ।

# କ୍ଷଣିକରେ ମହାଭାରତର ଯୁଦ୍ଧ ଶେଷ କରିଥାନ୍ତେ ଏହି ଯୋଦ୍ଧା, ଏହି କାରଣରୁ ଲଢିଲେନି ଯୁଦ୍ଧ...

ଧର୍ମ ଓ ଅଧର୍ମ ମଧରେ ହୋଇଥିଲା ମହାଭାରତ ଯୁଦ୍ଧ । ଏହି ଯୁଦ୍ଧ ୧୮ ଦିନ ଧରି ଚାଲିଥିଲା ଏବଂ ଏଥିରେ ପ୍ରାୟ ଲକ୍ଷ ଲକ୍ଷ ସୈନ୍ୟ ପ୍ରାଣ ହରାଇଥିଲେ । ମହାଭାରତ ଯୁଦ୍ଧରେ ଜଣେ ଏପରି ଯୋଦ୍ଧା ଥିଲେ ଯିଏକି କେବଳ ୩ଟି ବାଣରେ କୁରୁକ୍ଷେତ୍ରରେ ଯୁଦ୍ଧ ଶେଷ କରିପାରିଥାନ୍ତେ । କିନ୍ତୁ ସେ ଯୁଦ୍ଧ କରିନଥିଲେ । ଏହି ଯୋଦ୍ଧା ଆଉ କେହି ନୁହଁନ୍ତି ସେ ହେଉଛନ୍ତି ଭୀମଙ୍କ ନାତି ତଥା ଘଟୋତ୍କଚୋଙ୍କ ପୁଅ ବର୍ବରିକ୍ । ସେ ଦିବ୍ୟଶକ୍ତି ହାସଲ କରିଥିଲେ । ପୌରାଣିକ କଥା ଅନୁଯାୟୀ, ବର୍ବରିକଙ୍କ ପାଖରେ ୩ଟି ଏପରି ବାଣ ଥିଲା ଯେଉଁଥିରେ ପୁରା ସେନା ମାତ୍ର ଗୋଟିଏ କ୍ଷଣରେ ଶେଷ ହୋଇଯାଇଥାନ୍ତା । ବର୍ବରିକ୍ ଏହି ୩ଟି ବାଣରେ ୩ଲୋକକୁ ଜିତିପାରିଥାନ୍ତେ । ତାଙ୍କ ପାଖରେ ୩ଟି ଅମୋଘ ବାଣ ମଧ ଥିଲା । ବର୍ବରିକ ଯୁଦ୍ଧ କରିବାକୁ ଚାହୁଁଥିଲେ କିନ୍ତୁ ଶ୍ରୀକୃଷ୍ଣଙ୍କୁ ଜଣାଥିଲା ଯେ ଯଦି



ବର୍ବରିକ ଏହି ଯୁଦ୍ଧରେ ସାମିଲ୍ ହୁଅନ୍ତି ତେବେ ଯୁଦ୍ଧର ପରିଣାମ ଓଲଟା ହୋଇଯିବ । ଏଥିପାଇଁ ଶ୍ରୀକୃଷ୍ଣ ବ୍ରାହ୍ମଣ ବେଶରେ ବର୍ବରିକଙ୍କ ପାଖରେ ପହଞ୍ଚି ଭିକ୍ଷା ମାଗିଥିଲେ । ଯେତେବେଳେ ବର୍ବରିକ ଭିକ୍ଷାରେ କଣ ଦରକାର ବୋଲି ବ୍ରାହ୍ମଣଙ୍କୁ ପଚାରିଥିଲେ । ସେତେବେଳେ ଶ୍ରୀକୃଷ୍ଣ ତାଙ୍କୁ ତାଙ୍କର ମୁଣ୍ଡ ମାଗିଥିଲେ । ଆଉ ବର୍ବରିକ୍ ଆଶ୍ଚର୍ଯ୍ୟ ହୋଇ ବ୍ରାହ୍ମଣଙ୍କୁ ତାଙ୍କର ପରିଚୟ ପଚାରିଥିଲେ । ଏହାପରେ ଶ୍ରୀକୃଷ୍ଣ ନିଜ ବାସ୍ତବ ରୂପକୁ ଫେରିଥିଲେ ଏବଂ ବର୍ବରିକ୍ କୃଷ୍ଣଙ୍କର ସାକ୍ଷାତ ପାଇ ନିଜ ମୁଣ୍ଡକୁ ସମର୍ପଣ କରିଦେଇଥିଲେ । କିନ୍ତୁ ବର୍ବରିକ୍‌ଙ୍କ କଟାମୁଣ୍ଡ ଶ୍ରୀକୃଷ୍ଣଙ୍କ ବରଦାନରୁ ମହାଭାରତର ପୁରା ଯୁଦ୍ଧ ଦେଖିଥିଲେ । କଳିଯୁଗରେ ବର୍ବରିକ୍‌ଙ୍କର ପୂଜା କରାଯିବା ନେଇ ଶ୍ରୀକୃଷ୍ଣ ବରଦାନ ଦେଇଥିଲେ । ଆଉ ବର୍ବରିଙ୍କର ବର୍ତ୍ତମାନ ଖଟ୍ଟୁଶ୍ୟାମ ଭାବେ ପୂଜା ପାଉଛନ୍ତି ।

# ଘରେ ପ୍ରସ୍ତୁତ କରନ୍ତୁ ସୁଜିର ଏହି ରେସିପି: ଖୁବ୍ ଜମିବ



ଗରମାଗରମ ପକୁଡ଼ି ଖାଇବାର ମଜା ଅଲଗା। ଲୋକେ ଭିନ୍ନ ଭିନ୍ନ ପ୍ରକାରର ପକୁଡ଼ି ଖାଇ ମଜା ଉଠାଇଥାନ୍ତି। ହେଲେ କେବେ ସୁଜି ଓ ଆଳୁର ସୁଆଦିଆ ପକୁଡ଼ି ଖାଇଛନ୍ତି। ଏହା ପାଟିକ ଯେତେ ଚଟପଟା ଖାଇବାକୁ ଯେତେ ସୁଆଦିଆ । ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ପ୍ରଣାଳୀ । ପ୍ରଥମେ ଆଳୁକୁ ଚୋପା ଛଡ଼ାଇ ଏକ ଗ୍ରେଟ୍‌ରରେ ଘଷି ଦିଅନ୍ତୁ। ତାହାକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହାପରେ ଏକ ପ୍ୟାନ୍‌ରେ ତେଲ ପକାଇ ଜିରା ପକାନ୍ତୁ। ଜିରା ଫୁଟିଲେ କଞ୍ଚା ଲଙ୍କା, ଅଦା, ଭେସ୍ତଗା ପତ୍ର, କଞ୍ଚା ଆଳୁ ପକାଇ ହାଲକା ଭାଜି ଦିଅନ୍ତୁ। ଏବେ ସେଥିରେ ପାଣି ଦିଅନ୍ତୁ। ମନେ ରଖନ୍ତୁ ଏହି ପକୁଡ଼ି ପାଇଁ ଯେତିକି ସୁଜି ବ୍ୟବହାର କରିବେ, ତାର ଦୁଇ ଗୁଣା ପାଣି ପକାଇବେ। ପାଣି ଫୁଟିଗଲେ ଲୁଣ, ହଳଦି, ଲଙ୍କା ଗୁଣ୍ଡ, ଚାଟ ମସଲାକୁ ପକାନ୍ତୁ। ଏହାପରେ ଗ୍ୟାସ୍‌କୁ ସିମ୍ କରି ଦିଅନ୍ତୁ। ସେଥିରେ ଅଳ୍ପ ଅଳ୍ପ କରି ସୁଜି ପକାଇ ତାହାକୁ ଭଲ ଭାବେ ଜନ୍ତଣୀ ଦିଅନ୍ତୁ। ଏହାକୁ ୫ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ଦିଅନ୍ତୁ। ପରେ ତାହାକୁ ହାତରେ ଛୋଟା ଛୋଟା ଗୁଳା କରି ତେଲରେ ଛାଣି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଗରମାଗରମ ସୁଜି ପକୁଡ଼ି। ବର୍ଷା ପାଗରେ ଏହାର ମଜା ନିଅନ୍ତୁ।

# ରକ୍ତହୀନତା ଓ ମହିଳା

**ସାଧାରଣତଃ ସହରାଂଚଳ ଅପେକ୍ଷା ଗ୍ରାମାଂଚଳରେ ମହିଳାମାନେ ଅଧିକ ସଂଖ୍ୟାରେ ରକ୍ତହୀନତାର ଶିକାର ହୋଇଥାନ୍ତି । ତେବେ ଏହି ରକ୍ତହୀନତା ରୋଗର ପ୍ରଥମରୁ ଚିକିତ୍ସା କରାଯାଇ ନପାରିଲେ ମଣିଷ ମୃତ୍ୟୁ ମୁଖକୁ ଟାଣି ହୋଇଯିବାର ସମ୍ଭାବନା ରହିଛି। ଏଥିପାଇଁ ବେଳହୁଁ ସତର୍କତା ଅବଲମ୍ବନ କରିବାର ଯଥାର୍ଥତା ରହିଛି। ତେବେ ରକ୍ତହୀନତା କ'ଣ ଏବଂ ଏହି ରୋଗର ଉପଚାର ସମ୍ପର୍କରେ ଆସନ୍ତୁ ଜାଣିବା।**



ଇଂରାଜୀରେ ଗୋଟିଏ ପ୍ରବାଦ ରହିଛି ପ୍ରିଭେନଶନ ଇଜ୍ ବେଟର ଦ୍ୟାନ କିଓର। ତା'ଣ ଭାବାର୍ଥ ହେଲା ଚିକିତ୍ସା ଦ୍ୱାରା ରୋଗ ମୁକ୍ତ ହେବା ଅପେକ୍ଷା ରୋଗ ନିବାରଣ କରିବା ଭଲ। ଶିକ୍ଷିତା ନାରୀ ସ୍ୱାସ୍ଥ୍ୟ ପ୍ରତି ସଚେତନ ହୋଇ ବିଭିନ୍ନ ସ୍ୱାସ୍ଥ୍ୟଧର୍ମୀ ପତ୍ରିକା ପଢ଼ି ତଦନୁସାରେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ବେଶ୍ ଜାଣିପାରୁଛି। ଗ୍ରାମାଞ୍ଚଳରେ ଅଶିକ୍ଷିତ ତଥା ନିରକ୍ଷର ମହିଳାମାନେ ଅଜ୍ଞାତରେ ବଶବର୍ତ୍ତୀ ହୋଇ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଉନାହାନ୍ତି। ପୁଷ୍ଟିକର ଖାଦ୍ୟ ଅଭାବରେ ଅନେକ ଗ୍ରାମ୍ୟ ମହିଳା ରକ୍ତହୀନତାର ଶିକାର ହୋଇ ଅକାଳରେ ପ୍ରାଣ ହରାଉଛନ୍ତି। ଓଡ଼ିଶାରେ ରକ୍ତହୀନତାର ମୃତ୍ୟୁ ହାର ସର୍ବାଧିକ ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି। ଏଣୁ ଏହା ଏକ ଉଦ୍‌ବେଗର ବିଷୟ ଭାବେ ଦେଖା ଦେଇଛି।

**ଲକ୍ଷଣ:** ଶରୀରରେ ରକ୍ତର ପରିମାଣ କମ୍ ହେଲେ ନିମ୍ନଲିଖିତ ଲକ୍ଷଣମାନ ପ୍ରକାଶ ପାଇଥାଏ। ଏଥିପ୍ରତି ଯତ୍ନବାନ ହେବାର ଆବଶ୍ୟକତାରହିଛି।

- ରକ୍ତହୀନତାର ବ୍ୟକ୍ତି ଅଧିକ ଦୁର୍ବଳ ଅନୁଭବ କରେ। ସାମାନ୍ୟ ପରିଶ୍ରମ କଲେ ତାକୁ ଥକ୍କା ଲାଗେ। ଆଳସ୍ୟ ଏବଂ ନିରୁତ୍ସାହିତ ସର୍ବଦା ଲାଗିରହେ। କୌଣସି କାମରେ ମନ ଲାଗେନି।
- ରୋଗୀ ସବୁବେଳେ ବିଛଣାରେ ପଡ଼ିରହିବାକୁ ପସନ୍ଦ କରେ। ଭୋଗ ଲାଗେ ନାହିଁ କିମ୍ବା ଭୋକହୁଏ। ଖାଦ୍ୟ ଭଲଭାବେ ଜୀର୍ଣ୍ଣ ହୁଏନାହିଁ।
- ପେଟ ସବୁବେଳେ ଓଜନିଆ ଲାଗେ। କୋଷ୍ଠକାଠିନ୍ୟ ଲାଗିରାହେ।
- ରକ୍ତହୀନତା ହେତୁ ବ୍ୟକ୍ତିକୁ ଚିଡ଼ିଚିଡ଼ା ଲାଗେ। ତା'ର ସ୍ମରଣ ଶକ୍ତି ମଧ୍ୟ କମିଯାଏ।
- ଶରୀର ହଳଦିଆ ଦେଖାଯାଏ। ମୁଣ୍ଡ ବୁଲାଏ, ଆଖି ଆଗରେ ଝାପସା ଝାପସା ଦେଖାଯାଏ।
- ରକ୍ତଚାପ କମ ହୋଇଯିବାର ଲକ୍ଷଣ ମଧ୍ୟ ପରିଲକ୍ଷିତ ହୁଏ।
- ରୋଗ ବୃଦ୍ଧି ପାଇବା ଅବସ୍ଥାରେ ଓଠ, ଜିଭ, ନଖ ଆଦି ଧଳା ଦେଖାଯାଏ।



- ଶରୀରରେ ତଥା ଗୋଡ଼ ହାତରେ ଯନ୍ତ୍ରଣା ଲାଗିରହେ।
- ଏହାଦ୍ୱାରା ମାସିକ ଋତୁସ୍ରାବ ମଧ୍ୟ କମିଯାଏ। ଏମିତି ପରିସ୍ଥିତିରେ ଗର୍ଭଧାରଣ କଲେ ଶିଶୁ ଦୁର୍ବଳ ହୋଇପଡ଼େ।

**ଶରୀରରେ ରକ୍ତ କମିଯିବାର କାରଣ ରକ୍ତସ୍ରାବ:**

ଖଣ୍ଡିଆ ହେଲେ, କଟିଗଲେ, ଅପରେସନ କିମ୍ବା ଅନ୍ୟ କୌଣସି କାରଣରୁ ଶରୀରରୁ ଯେବେ ଅଧିକ ରକ୍ତ ନିର୍ଗତ ହୁଏ, ତେବେ ଶରୀରରେ ରକ୍ତହୀନତା ଦେଖାଦିଏ।

**ଅନ୍ତଃକୃମିର କାରଣ:** ଗ୍ରାମ୍ୟ ମହିଳାମାନେ ଖାଲି ପାଦରେ ସବୁବେଳେ ଆତଯାତ ହୁଅନ୍ତି। ପାଦରେ କୃମି ପେଟକୁ ଯାଇ ରକ୍ତ ଶୋଷଣ କଲେ ରକ୍ତହୀନତା ଦେଖାଦିଏ ସେହିପରି ଏମିତି କେତୋଟି ରୋଗ ଅଛି ଯାହା ଦ୍ୱାରା ଶରୀରୁ ରକ୍ତ ବାହାରିଯାଏ। ମଳକଣ୍ଟକ, ଆମାଶୟ, ବ୍ରଣ ଆଦି।

**କୃପୋଷଣ:** ପୂର୍ଣ୍ଣ ଭାବେ ପୌଷ୍ଟିକ ଖାଦ୍ୟ ନମିଳିବା, ଖାଦ୍ୟରେ ସବୁଜ ପନିପରିବାର ଅଭାବ, ଫଳ ଓ କ୍ଷୀରର ଆବଶ୍ୟକତାକୁ ପୂରଣ କରି ନପାରିଲେ ରକ୍ତାଳ୍ପତା ହୁଏ। ଏହାବ୍ୟତୀତ ଆଂଟିବାୟୋଟିକ ଔଷଧ ସେବନର ଅଧିକ ହେତୁଲାଲ ରକ୍ତକଣିକା ତିଆରି ପାଇଁ ଅସୁବିଧା ଉପୁଜେ। ଭୋଜ୍ୟ ପଦାର୍ଥ ଭିତରୁ ଲୌହ ଭିଟାମିନ୍ସ ଆଦିର ଅଭାବରେ ମଧ୍ୟ ରକ୍ତହୀନତା ଦେଖାଦିଏ। ପୂର୍ଣ୍ଣ ଭାବେ ବିକଶିତ ହୋଇ ନଥିବା ଶରୀରକୁ ଗର୍ଭଧାରଣର ବୋଝ, ମାସିକ ଋତୁସ୍ରାବରେ ଅତ୍ୟଧିକ ରକ୍ତକ୍ଷରଣ, ବାରମ୍ବାର ଗର୍ଭଧାରଣ ମଧ୍ୟ ଅନ୍ୟସବୁ କାରଣ ବୋଲି ଜଣାପଡ଼ିଛି।



**ରକ୍ତହୀନତା ଜନିତ ରୋଗ:** ଯଦି ସମୟ ଆଗରୁ ରକ୍ତହୀନତା ପ୍ରତି ଧ୍ୟାନ ଦିଆ ନଯାଏ ଅଥବା ଠିକ ସମୟରେ ଚିକିତ୍ସା ନକଲେ ଅନେକ ପ୍ରକାର ରୋଗ ବଢ଼ିଚାଲେ । ଶରୀର ହଳଦିଆ ହୋଇପଡ଼େ ଏବଂ ରୋଗୀ ଶକ୍ତିହୀନ ହୋଇ ବିଛଣାରେପଡ଼ିରହେ। କାମଳ ଓ ଜଳୋଦର ରୋଗ ମଧ୍ୟ ଗ୍ରାସ କରେ। ଏହା ବେଳେ ବେଳେ ଏମିତି ବିକଟାଳ ରୂପ ଧାଣର କରେ ଯେ ରୋଗୀ ମୃତ୍ୟୁମୁଖରେ ପଡ଼େ। ଗର୍ଭାବସ୍ଥାରେ ରକ୍ତହୀନତା ମା' ଓ ଶିଶୁ ଦୁହିଁଙ୍କ ସ୍ୱାସ୍ଥ୍ୟ ଉଦବେଗଜନକ ହୋଇପଡ଼େ ଏଣୁ ରକ୍ତହୀନତାକୁ ସାମାନ୍ୟ ରୋଗ ନଭାବି ତୁରନ୍ତ ଏହାର ଚିକିତ୍ସା କରାଇନେବା ଉଚିତ।

**ରକ୍ତହୀନତାର ଚିକିତ୍ସା:** ଏହା ଦୂର କରିବା ପାଇଁ ଡାକ୍ତରଙ୍କ ପରାମର୍ଶରେ ଲୌହ ଏବଂ ଭିଟାମିନଯୁକ୍ତ ଖାଦ୍ୟ ପରିପୂର୍ଣ୍ଣ ଭାବରେ ଗ୍ରହଣ କରିବା ଉଚିତ। ଖାଦ୍ୟରେ ସବୁଜ ପନିପରିବା,ବିଭିନ୍ନ ପ୍ରକାରର ଶାଗ, ଯଥା- ପାଳଙ୍ଗ, ଖଡ଼ାଶାଗ, ଧନିଆପତ୍ର, ଫଳ ଭିତରେ କଦଳୀ, ସେଓ, ଅଙ୍ଗୁର, ଅଁଳା, ଗାଜର, ଟମାଟୋ, ଅମୃତଭଣ୍ଡା ଓ କ୍ଷୀର ମଧ୍ୟ ପ୍ରଚୁର ମାତ୍ରାରେ ଗ୍ରହଣ କରିବା ଜରୁରୀ। ଚୋକଡ଼ ମିଶ୍ରିତ ରୁଟି,ବଗଡ଼ା ଭାତ ଖାଇବା ବିଧେୟ। ସକାଳେ ସନ୍ଧ୍ୟାରେ ଖୋଲାପବନ ସେବନ କରିବା ଭଲ। ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କଲେ ଆଗକୁ ଭୟ ରହିବ ନାହିଁ। ଶରୀର ସାମାନ୍ୟ କ୍ଳାନ୍ତି ଅନୁଭବ କଲେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରିବା ଆବଶ୍ୟକ। କାରଣ ରକ୍ତହୀନତା ଯୋଗୁଁ ଶରୀର ଶକ୍ତି ନପାଇ ଅବଶ ହୋଇପଡ଼େ।

# ୨୧ ତାରିଖ ଯାଏଁ କଳାବ୍ୟାଚ ପିନ୍ଧି ପ୍ରତିବାଦ: ୨୪ରେ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ଆନ୍ଦୋଳନ

ଜୟପୁର,୧୮/୩ (ନି.ପ୍ର): ସ୍ଥାୟୀ ନିଯୁକ୍ତି ଓ ସ୍ଥାୟୀ ହେବା ପର୍ଯ୍ୟନ୍ତ ଚାକିରି ନିରାପତ୍ତା ଛଟେଇ ବନ୍ଦ ଓ ଛଟେଇ କର୍ମଚାରୀଙ୍କ ପୁନଃ ନିଯୁକ୍ତି, ନିୟମିତ ଦରମା ପ୍ରଦାନ ତଥା ଡେଲି ୱାଇଜ ଓ ଆଉଟସୋର୍ସିଂ କର୍ମଚାରୀଙ୍କୁ ସମାନ ସୁବିଧା ସୁଯୋଗ ଦାବିରେ ସରକାରୀ ଆଉଟସୋର୍ସିଂ କର୍ମଚାରୀ ସଂଘ ତରଫରୁ କୋରାପୁଟ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । କୋରାପୁଟ ଜିଲାର ବିଭିନ୍ନ ସରକାରି କାଯ୍ୟାଳୟରେ କାର୍ଯ୍ୟରତ ଆଉଟ ସୋର୍ସିଂ କର୍ମଚାରି ମାନେ ଆଜି ଠାରୁ ୨୧ ତାରିଖ ଯାଏଁ କଳା ବେଜ ପିନ୍ଧି କାର୍ଯ୍ୟାଳୟ ଠାରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଆରମ୍ଭ କରିଛନ୍ତି । ଏ ଦିଗରେ ସରକାରଙ୍କ ତରଫରୁ ସକାରାତ୍ମକ ପଦକ୍ଷେପ ନିଆ ନ ଗଲେ ଆଗାମୀ ୨୪ ମାର୍ଚ୍ଚ ଦିନ ଭୁବନେଶ୍ୱର ଲୋଅର ପିଏମ୍ ?ଜି ଠାରେ ବିଶାଳ ଗଣ ବିକ୍ଷୋଭ କରାଯିବାକୁ ସ୍ଥିର କରାଯାଇଛି । ରାଜ୍ୟ ସଂଘ ତରଫରୁ ଦିଆଯାଇଥିବା ଡ଼ାକରାରେ ଜିଲ୍ଲାରୁ ହଜାରରୁ ଉର୍ଦ୍ଧ୍ୱ ଆଉଟସୋର୍ସିଂ କର୍ମଚାରୀ ଏହି ଗଣ ବିକ୍ଷୋଭରେ ସାମିଲ ହେବେ ବୋଲି ଜଣାଯାଇଛି । ବିଗତ କିଛି ବର୍ଷ ହେଲା ଲଗାତାର ଭାବେ ଆଉଟସୋରସିଂ କର୍ମଚାରୀ ମାନେ ନିଜ ଦାବି ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରି ଆସୁଛନ୍ତି । ପୂର୍ବରୁ ବିଜେଡ଼ି ସରକାର ଅଳ୍ପ କିଛି ଦାବି ପୂରଣ କରିବା ସହ ୨୫% ଦରମା ବୃଦ୍ଧି କରିଥିଲେ । ମାତ୍ର ଏହି ବର୍ଦ୍ଧିତ ଦରମା ଅନେକ ବିଭାଗରେ କାମ କରୁଥିବା କର୍ମଚାରୀ ଏ ପର୍ଯ୍ୟନ୍ତ ପାଇବାରୁ ବଂଚିତ ହୋଇଛନ୍ତି । ପୂର୍ବ ଆନ୍ଦୋଳନ ସମୟରେ ଏବେକାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବିରୋଧୀ ଦଳ ମୁଖ୍ୟ ସଚେତକ ଥାଇ ସରକାରକୁ ଆସିଲେ ଏହି ଅନ୍ୟାୟ ବ୍ୟବସ୍ଥାକୁ ହଟେଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ସେ ଏବେ ନିଜେ ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ । ତେଣୁ ରାଜ୍ୟର ହଜାର ହଜାର ଆଉଟସୋର୍ସିଂ କର୍ମଚାରୀଙ୍କ ବହୁ ପ୍ରତିକ୍ଷୀତ ଦାବି ପୂରଣ କରିବେ ବୋଲି ସମସ୍ତେ ଆଶା ବାନ୍ଧି ରହିଛନ୍ତି । ଆଶାନୁରୂପ ତଥା ଆଖିଦୃଶିଆ ଭାବେ ଦାବି ପୂରଣ ନ ହେଲେ ୨୪ ତାରିଖର ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରୀ ରହିବ ବୋଲି ସଂଘ ତରଫରୁ ଜଣାଇ ଦିଆଯାଇଛି ।

# ଦୁର୍ଘଟଣା ମାମଲାରେ ଗାଡ଼ି ଚାଳକ ଗିରଫ: କୋର୍ଟ ଚାଲାଣ

ବଲାଙ୍ଗୀର,୧୮/୩ (ନି.ପ୍ର): ଗତ କିଛି ଦିନ ତଳେ ବଲାଙ୍ଗୀର ଝାଙ୍କରପାଲି ଠାରେ ଘଟିଥିବା ଏକ ଦୁର୍ଘଟଣା ମାମଲାରେ ଅଭିଯୁକ୍ତ ଗାଡ଼ି ଚାଳକଙ୍କୁ ଗିରଫ କରିଥିବା ଘଟଣା ସଦର ପୋଲିସ୍ ପ୍ରକାଶ କରିଛନ୍ତି । ଏହି ଦୁର୍ଘଟଣାରେ ଗଦାଧର ରାଉତ ନାମକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ଘଟଣା ପରେ ପୋଲିସ ତଦନ୍ତ ଅନୁଯାୟୀ, ମାଗୁର ବେଡ଼ା ଗ୍ରାମର ସର୍ବେଶ୍ୱର ବଂଚର୍ ଏହି ଦୁର୍ଘଟଣା ସହିତ ସଂପୃକ୍ତ ଥିବା କଥା ସ୍ପଷ୍ଟ ହୋଇଥିଲା । ପୋଲିସ୍ ତଦନ୍ତ ଚାଲିଥିବା ବେଳେ ମୃତକଙ୍କ ପରିବାର ଦ୍ୱାରା ଅଭିଯୋଗ ଦାଖଲ କରାଯାଇଥିଲା ।

# ଚମ୍ପୁଆରେ ବଢୁଛି ଧର୍ମାନ୍ତରୀକରଣ : ନିରବଦ୍ରଷ୍ଟା ପ୍ରଶାସନ

ଚମ୍ପୁଆ,୧୮/୩ (ନି.ପ୍ର): ଚମ୍ପୁଆ ଉପଖଣ୍ଡରେ ଦିନ କୁ ଦିନ ବେଆଇନ ଧର୍ମାନ୍ତରୀକରଣ ବୃଦ୍ଧି ପାଇବାରେ ଲାଗିଛି । ଏହାର ଶିକାର ହେଉଛନ୍ତି ନିରୀହ ଆଦିବାସୀ ହିନ୍ଦୁ ମାନେ । ସରଳ ଆଦିବାସୀ ମାନଙ୍କୁ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ଖ୍ରୀଷ୍ଟଧର୍ମର ପ୍ରଚାରକ ମାନେ ସେମାନଙ୍କ ଧର୍ମ ପରିବର୍ତ୍ତନ କରୁଥିବା ବେଳେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ନେଇ ଅଭିଯୋଗ ହେଉଛି । ଏହାକୁ ନେଇ ଧର୍ମ ପରିବର୍ତ୍ତନର ଗତିବିଧି ଚାଲିଥିବା ଗ୍ରାମ ଗୁଡ଼ିକରେ ଅନେକ ସମୟରେ ଉତ୍ତେଜନା ମଧ୍ୟ ପ୍ରକାଶ ପାଉଥିବା ଦେଖିବାକୁ ମିଳିଛି । ଦୁଇ ଦିନ ତଳେ ଚମ୍ପୁଆ ବ୍ଲକ ସୁନାପଶି ପଞ୍ଚାୟତ ଅନ୍ତର୍ଗତ ଗିରିଧାରୀପୁର ଗ୍ରାମରେ କିଛି ଖ୍ରୀଷ୍ଟିଆନ ପାଦ୍ରୀ ପଶି ନିରୀହ ଆଦିବାସୀଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ କରି ଧର୍ମ ପରିବର୍ତ୍ତନର ମସୁଧା ଚଳାଉଥିବା ବେଳେ ଏହି ଘଟଣା ଚମ୍ପୁଆ ବିଜେପିର ଜଣେ ବରିଷ୍ଠ କର୍ମୀଙ୍କ ଦୃଷ୍ଟିରେ ପଡିଥିଲା । ସେମାନେ ଖ୍ରୀଷ୍ଟିଆନ ପାଦ୍ରୀ ମାନଙ୍କ ଫଟୋ ଓ ଭିଡିଓ ଉତ୍ତୋଳନ କରିବା ସହିତ ତାଙ୍କ ଗତିବିଧି ଉପରେ ଲକ୍ଷ ରଖିବାରୁ ପାଦ୍ରୀ ମାନେ ସଙ୍ଗେ ସଙ୍ଗେ ଗ୍ରାମରୁ ପଳାଇ ଯାଇଥିଲେ । ତେବେ ପୂର୍ବରୁ ଗିରିଧାରୀପୁର ଗ୍ରାମରେ ଆଦିବାସୀ ମାନଙ୍କୁ ପ୍ରଲୋଭିତ କରି ଖ୍ରୀଷ୍ଟ ଧର୍ମରେ ବେଆଇନ ଧର୍ମାନ୍ତରୀକରଣ ଚାଲିଥିବା ବେଳେ ଗ୍ରାମବାସୀଙ୍କ ବିରୋଧ ଯୋଗୁଁ କିଛି ଦିନ ଧରି ଏହି ଗତିବିଧି ବନ୍ଦ ରହିଥିଲା । ତେବେ ଚମ୍ପୁଆ ଉପଖଣ୍ଡର ଆଦିବାସୀ ବହୁଳ ଗ୍ରାମ ଗୁଡିକରେ ଆଦିବାସୀ ମାନଙ୍କ ବେଆଇନ ଧର୍ମାନ୍ତରୀକରଣ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହାକୁ ନେଇ ବିଭିନ୍ନ ସମୟରେ ଧାର୍ମିକ ଗତିବିଧି ଚାଲୁଥିବା ଗ୍ରାମ ଗୁଡିକରେ ଗଣ୍ଡଗୋଳ ର ନଜିର ମଧ୍ୟ ରହିଛି । ତେବେ ପ୍ରଶାସନ ବେଆଇନ ଧର୍ମାନ୍ତରୀକରଣ କୁ ଗୁରୁତର ସହ ନେଉ ନ ଥିବାରୁ ପୁଣି ଥରେ ଚମ୍ପୁଆ ଉପଖଣ୍ଡରେ ବେଆଇନ ଧର୍ମ ପରିବର୍ତ୍ତନ କାରୀଙ୍କ ଗତିବିଧି ଓ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି । ଯାହାକୁ ନେଇ ବ୍ଲକର ଗ୍ରାମ ଗୁଡିକରେ ଚାପା ଉତ୍ତେଜନା ପ୍ରକାଶ ପାଇବାରେ ଲାଗିଛି ।

# ନାତିର ଟାଙ୍ଗିଆ ଚୋଟରେ ଅଜାର ମୃତ୍ୟୁ

ଜୟପୁର,୧୮/୩ (ନି.ପ୍ର): ନାତିର ଟାଙ୍ଗିଆ ଚୋଟରେ ଅଜାର ମୃତ୍ୟୁ ହୋଇଥିବା ନେଇ ସୋମବାର ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି । ଜୟପୁର ସୌରାଗୁଡାର ରତ୍ନା ନାଗ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲେ ଯେ, ୧୬.୩.୨୫ ତାରିଖରେ ରାତ୍ର ୮ଟାରେ ଅଭିଯୁକ୍ତ ନାତି ବିଶ୍ୱନାଥ ସୌରା ଏକ ଟାଙ୍ଗିଆରେ ଅଜା ଘନପତି ସୌରାକୁ ଆକ୍ରମଣ କରିଥିଲା । ଅଭିଯୁକ୍ତ ବିଶ୍ୱନାଥ ସୌରାଙ୍କ ପତ୍ନି ସୁଭଦ୍ରା ସୌରା ଆକ୍ରମଣ କରିବାକୁ ମନା କରିଥିଲେ ମଧ୍ୟ ବିଶ୍ୱନାଥ ଶୁଣିନଥିଲେ । ଟାଙ୍ଗିଆ ଆକ୍ରମଣରେ ଘନପତି ସୌରା ଗୁରୁତର ହୋଇ ପଡିଥିଲେ । ତାଙ୍କୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ବୋହୁ ରତ୍ନା ନାଗଙ୍କ ଲିଖିତ ଅଭିଯୋଗ କ୍ରମେ ଜୟପୁର ସଦର ପୋଲିସ ୮୪/୨୫ ରେ ଏକ ହତ୍ୟା ମାମଲା ରୁଜୁ କରିଛି । ସାଇଣ୍ଟିଫିକ ଟିମ, ସନ୍ଧାନୀ କୁକୁର ତଦନ୍ତ କରି ଫେରିଥିବା ବିଷୟ ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# 'ଯିବୁ ପଛେ ଦାଦନ ଖଟି: ଛାଡ଼ିବୁ ନାହିଁ ନିଜ ମାଁ ମାଟି'

ବଲାଙ୍ଗିର,୧୮/୩ (ନି.ପ୍ର): ଓଡ଼ିଶା ରାଜ୍ୟ ସାରା ଭାରତରେ ଏକ ସୁପ୍ରତିଷ୍ଠିତ ରାଜ୍ୟ ଭାବେ ପରିଗଣିତ । ଏହି ଓଡ଼ିଶାରେ ଭରି ରହିଛି ଅନେକ ମନୋରଞ୍ଜନ ସ୍ଥାନ ଓ ଜଙ୍ଗଲ ଘେରା ଦୁର୍ଗମ ପାହାଡିଆ ଅଂଚଳ ତତ୍ ସଙ୍ଗେ ସଙ୍ଗେ ଅନେକ ଗୁଡ଼ିଏ ଖଣିଜ ସମ୍ପଦରେ ଭରପୁର ରହିଛି । ସେଥିପାଇଁ ଓଡ଼ିଶାକୁ ସବୁବେଳେ ଲୋଲୁପ ଦୃଷ୍ଟିରେ ଦେଖି ଆସୁଅଛନ୍ତି ଅନେକ ଖଣି ମାଫିଆ । ପୂର୍ବରୁ ଅନେକ ଗୁଡ଼ିଏ ଖଣିଜ ପଦାର୍ଥ ଲୁଟି ନେଇଥିବା ବେଳେ ଆଜି ମଧ୍ୟ ଏହି ରାଜ୍ୟର ଖଣିଜ ପଦାର୍ଥ ଉପରେ ନଜର ରଖିଛନ୍ତି । ଗତ କିଛି ଦିନ ତଳେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ହରିଶଙ୍କର ପାହାଡ଼ ପାଦଦେଶରେ ଆଦାନୀ କମ୍ପାନୀ ଜମି କିଣିବା ପରେ ଅଞ୍ଚଳର ଲୋକଙ୍କ ମନରେ ଆଶଙ୍କା ହୋଇଥିଲା ଯେ ହରିଶଙ୍କର ପାହାଡ଼ର ଧ୍ୱଂସ ହେବାକୁ ଯାଉଛି ଏହାର ପ୍ରତିବାଦରେ ୫୭ ଦିନ ଧରି ଲୋକ ଆନ୍ଦୋଳନ କରିଥିବାରୁ ଖନନ କାର୍ଯ୍ୟକୁ ସ୍ଥଗିତ ରଖିଛନ୍ତି ରାଜ୍ୟ ସରକାର ହେଲେ ତାର ସ୍ପଷ୍ଟୀକରଣ କରିନାହାନ୍ତି । ବର୍ତ୍ତମାନ ଚର୍ଚ୍ଚା ହେଉଛି ଯେ, ପାଟଣାଗଡ଼ ନିର୍ବାଚନ ମଣ୍ଡଳୀର ପାଟଣାଗଡ଼ ବ୍ଲକ ଓ ବେଲପଡା ବ୍ଲକ ର ୨୧ ଟି ଗାଁ ରେ ଗ୍ରାଫାଇଟ ଖଣି ରହିଥିବା ଯୋଗୁଁ ସେହି ଗାଁ ମାନଙ୍କୁ ବିସ୍ଥାପିତ କରିବାକୁ ଚାହୁଁଛନ୍ତି ପ୍ରଶାସନ ଓ ଆଦାନୀ କମ୍ପାନୀ । ଯାହାକି ପାଟଣାଗଡ଼ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ତାର ପ୍ରତିବାଦରେ ଗତ କିଛି ଦିନ ଏକ ବିରାଟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ପାଟଣାଗଡ଼ ବ୍ଲକ ସାଲେପାଲି ଗ୍ରାମପଂଚାୟତ ଚକାମାଲ ଆମ୍ବ ତୋଟା ଠାରେ । ପୁଣି ଆଜି ୨୧ ଖଣ୍ଡ ଗାଁ ଲୋକେ ରୁଣ୍ଡ ହୋଇ ଆଗାମୀ ଦିନରେ ପାଟଣାଗଡ଼ ଠାରେ ବିରାଟ ଶୋଭାଯାତ୍ରା କରିବା ପାଇଁ ପ୍ରସ୍ତୁତି ବୈଠକ କରିଥିଲେ । ଆଦିବାସୀ ସଂଘ ବ୍ଲକ ସଭାପତି ଭୁବନେଶ୍ୱର କୁଅଁରଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଆଦିବାସୀ ସଂଘ ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ ମଂଚ ପରିଚାଳନା କରିଥିଲେ । ବଲାଙ୍ଗିର ଜିଲ୍ଲା ହେଉଛି ଦାଦନ ପ୍ରବଣ ଜିଲ୍ଲା ଭାବେ ବେଶ ପରିଚିତ ଥିବାବେଳେ ଦାଦନ ମୁକ୍ତ କରିବାକୁ ହେଲେ ଏହି ଅଂଚଳରେ ଖଣି ଖନନ ନିତାନ୍ତ ଆବଶ୍ୟକ ବୋଲି ଗତ କିଛି ଦିନ ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂ ଦେଓ ନିଜର ପ୍ରତିକ୍ରିୟା ରଖିଥିବା ବେଳେ ଜନସମର୍ଥନ ଲୋଡ଼ିଥିଲେ । ଆନ୍ଦୋଳନକାରୀ ମାନଙ୍କ ଠାରୁ ଶୁଣିବାକୁ ଆଜି ମିଳିଛି ଯେ ଯଦିଓ ଏଠାକାର ନେତା ମନ୍ତ୍ରୀ ମାନେ ଲୋକଙ୍କ ପାଇଁ ସତରେ ଅଂଚଳର ବିକାଶ ଚାହୁଁଛନ୍ତି ତାହେଲେ ଏଠାରେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ କରି ଅନେକ କଳକାରଖାନା ତିଆରି କରିବା ସହ ଚିନିକଳକୁ ପୁନଃ ଉଦ୍ଧାର କରନ୍ତୁ । ଏଭଳି ଦରଦ ଆମକୁ ଦରକାର ନାହିଁ 'ଯିବୁ ପଛେ ଦାଦନ ଖଟି, ଛାଡ଼ିବୁ ନାହିଁ ନିଜ ମାଁ ମାଟି'ବୋଲି ସ୍ଲୋଗାନ ଦେଇଥିଲେ । ଆଗାମୀ ଦିନରେ ପାଟଣାଗଡ଼ ଠାରେ ବିରାଟ ଶୋଭାଯାତ୍ରା କରିବା ପାଇଁ ପ୍ରସ୍ତୁତି ହେଉଥିବା ଜଣାପଡିଛି ।

# ମାର୍ଶାଘାଇ ଶିଳିପୁର ପଂଚାୟତରେ ମିଳିତ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା,୧୮/୩ (ନି.ପ୍ର): ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଶିଳିପୁର ଗ୍ରାମପଂଚାୟତ ଠାରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ଣ ୧୦:୩୦ ଘଟିକା ଠାରୁ ଅପରାହ୍ଣ ଘ ୧.୦୦ ମିନିଟ୍ ପର୍ଯ୍ୟନ୍ତମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କେନ୍ଦ୍ରାପଡା ଅଜାୟର ମହାନ୍ତିଅଧକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନୀଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଉପ-ଜିଲ୍ଲାପାଳ ଅରୁଣ କୁମାର ନାୟକ, ମାର୍ଶାଘାଇ ବିଡିଓ, ମାର୍ଶାଘାଇ ତହସିଲଦାର, ଡେପୁଟି କଲେକ୍ଟର ଏବଂ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍ର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ । ଶୁଣାଣିରେ ମୋଟ୍ ୧୩୪ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୧୩ଗୋଟି ସାମୁହିକ ଏବଂ ୧୨୧ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ରୁ ୧୦,୦୦୦ ଟଙ୍କା ଜଣେ ଆବେଦନକାରୀଙ୍କୁ ଚେକ୍ ପ୍ରଦାନ ପାଇଁ ମଞ୍ଜୁର କରାଯାଇଛି ଓ ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନୂତନ ରାସନ୍କାର୍ଡ଼ ପ୍ରଦାନ, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତା, ଜମି ସମସ୍ୟାପାଇଁ ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ସେହିପରି ସାମୁହିକ ଅଭିଯୋଗ ମଧ୍ୟରେ ଉନ୍ନୟନ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ, ପାନୀୟ ଜଳ ସମସ୍ୟା, ରାସ୍ତା ଜବର ଦଖଲ ଉଚ୍ଛେଦ, ରାସ୍ତା ମରାମତି ତଥା ଜାତୀୟ ରାଜପଥକୁ ସଂଯୋଗୀ କରଣ ରାସ୍ତା ନିର୍ମାଣ ଆଦି ଅଭିଯୋଗଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ମୁଖ୍ୟ ଉନ୍ନୟନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି ।

# ୯୦ ତମ ଓଡ଼ିଶା ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,୧୮/୩ (ନି.ପ୍ର): ସୋମବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦି ସେଠି ଓ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହି ଅଧିକାରୀ ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ ଯୋଗ ଦେଇଥିଲେ । ଏହି ବୈଠକରେ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ପ୍ରାତଃ ୦୪.୩୦ ମିନିଟ୍ ସମୟରେ, ବରପୁତ୍ର ମାନଙ୍କର ପ୍ରତି ମୂର୍ତ୍ତିରେ ମାଲ୍ୟାର୍ପଣ, ଶୋଭାଯାତ୍ରା, ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ସାଧାରଣ ସଭା ଆଦି କରାଯିବାକୁ ସ୍ଥିର କରାଯାଇଛି । ଜିଲ୍ଲାର ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହି ଅଧିକାରୀ ମାନଙ୍କୁ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବାକୁ ନିଷ୍ପତି ନିଆଗଲା । ରାଜ୍ୟ ସ୍ତରରେ ପ୍ରସ୍ତୁତି ବୈଠକର ବିବରଣୀ ଅନୁଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବୈଠକରେ ସ୍ଥିର ହୋଇଛି । ଏଥିରେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୀତାଂଶୁ ମୋହନ ଦାସ, ଡେପୁଟି କଲେକ୍ଟର ରଞ୍ଜନ ମହାନ୍ତି,ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ,ବିଭିନ୍ନ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟର ସହକର୍ମଚାରୀ ଓ ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# କାର୍ଯ୍ୟ ଆରମ୍ଭ ପାଇଁ ମାପ ଚୂପ ଶେଷ ପର୍ଯ୍ୟାୟରେ

ଜୟପୁର,୧୮/୩ (ନି.ପ୍ର): ଜୟପୁର ଏମଜି ରୋଡରୁ ଜବରଦଖଲ ହଟିବା ପରେ ସଂପ୍ରସାରଣ କାମ ଆରମ୍ଭ ଲାଗି ପଦକ୍ଷେପ ନେଇଛି ପୂର୍ତ୍ତ ବିଭାଗ । ବେଲକମ ଛକ ଠାରୁ ଗାନ୍ଧୀଛକ ପର୍ଯ୍ୟନ୍ତ ୧.୩୦୭ କିମି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଚୂଡାନ୍ତ ହେବ ପରେ ଆଜି କାର୍ଯ୍ୟ ଆରମ୍ଭ ପାଇଁ ମାପ ଚୂପ କରାଯାଇଛି । ଠିକାଦାର ସହ ଏଗ୍ରିମେଂଟ ପରେ ଆଜି ପୂର୍ତ୍ତ ବିଭାଗ କର୍ମଚାରୀ, ଠିକାଦାର ଏବଂ ରାଜସ୍ୱ ନିରୀକ୍ଷକ ମାନେ ଏକତ୍ରିତ ହୋଇ ହଳଦିଆ ରଙ୍ଗ ଲାଗିଥିବା ସ୍ଥାନ ମାନଙ୍କରେ ନାଲି ରଙ୍ଗ ଲଗାଇ ଚିହ୍ନଟ କରିଥିଲେ । ପ୍ରଥମେ ଡ୍ରେନ କାମ ସମାପ୍ତ କରାଯାଇ ପରବର୍ତୀ ପର୍ଯ୍ୟାୟରେ ରାସ୍ତା କାମ କରାଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ ଇଂ. ପ୍ରିୟରଞ୍ଜନ ବେହେରା ସୂଚନା ଦେଇଛନ୍ତି ।

ଏମ ଜି ରୋଡର ରୋଡ ଏବଂ ଡ୍ରେନ ନିମନ୍ତେ ଗତ ୨୦୨୪ ନଭେମ୍ବର ୨୧ ରେ ଟେଣ୍ଡରର ଡକାଯିବା ପରେ ସନ୍ତୋଷ ଜେନା ନାମକ ଠିକାଦାରଙ୍କୁ ଏହି କାର୍ଯ୍ୟ ଦିଆଯାଇଛି । ଆଜି ଠିକାଦାର ମାପ ଚୂପ କରିବା ପାଇଁ ପୂର୍ତ୍ତବିଭାଗକୁ କହିବା ପରେ ପୂର୍ତ୍ତ ଆଜି ମଧ୍ୟାହ୍ନରେ ଏମଜି ରୋଡ ମାପ ଚୂପ କରାଯାଇଥିଲା । ଏମଜି ରୋଡର ଲମ୍ବ ୧.୩୦୭ କିଲୋମିଟର ଥିବା ବେଳେ ୭ମିଟର ଓସାରରେ ପିଚୁ ପଡିବ । ପିଚୁର ଉଭୟ ପାର୍ଶ୍ୱରେ ୧.୩ ମିଟର ଲେଖାଏଁ ଫେବର ବ୍ଲକ ପକାଯିବ । ତା ପରେ ୧.୨ ମିଟର ଲେଖାଏଁ ଡ୍ରେନ ତିଆରି ହେବ । ରାସ୍ତାର ମୋଟ ଓସାର ରହିବ ୪୦ ଫୁଟ, ଯେଉଁଠି ଅଧିକ ଓସାର ଥିବ ସେଠାରେ ୭ ମିଟିର ପିଚୁ ପରେ ଫେଭର ବ୍ଲକ ପକାଇ ଡ୍ରେନ ନିର୍ମାଣ କରାଯିବ ବୋଲି ଶ୍ରୀ ଜେନା କହିଛନ୍ତି । ଟେଣ୍ଡର ବଜେଟ ଭିତରେ ବିଦ୍ୟୁତ ପୋଲ, ଟେଲିଫୋନ ଖୁଂଟ, ଜନସ୍ୱାସ୍ଥ୍ୟ ବିଭାଗ ପାଇପ ସ୍ଥାନାନ୍ତର ସହ ଅନ୍ୟ କାମ କରାଯିବ । ସହରର ପ୍ରମୁଖ ରାସ୍ତା ଭାବେ ପରିଚିତ ଏମଜି ରୋଡ ଉପରେ ସହରବାସୀଙ୍କ ଠାରୁ ବାହାରୁ ଆସୁଥିବା ଲୋକେ ବିଭିନ୍ନ କାର୍ଯ୍ୟ ପାଇଁ ନିର୍ଭର କରିଥାନ୍ତି । ପୂର୍ବରୁ ଏହି ରାସ୍ତାରେ ଜୟପୁର, କୋରାପୁଟ ମଧ୍ୟରେ ବସ ଚଳାଚଳ କରୁଥିଲା । ଜବରଦଖଲ କାରଣରୁ ଗତ କିଛି ବର୍ଷ ଧରି ଟ୍ରାଫିକ ସମସ୍ୟା ଅଣାୟତ ହୋଇ ପଡିଥିଲା । ସହରର ପ୍ରମୁଖ ରାସ୍ତା ଭାବେ ପରିଚିତ ଏହି ରାସ୍ତା ଉପରେ ସହରବାସୀ ଠାରୁ ଆରମ୍ଭ କରି ଅବିଭକ୍ତ କୋରାପୁଟ ଜିଲ୍ଲାବାସୀ ବି ନିର୍ଭର । ବ୍ୟସ୍ତ ବହୁଳ ରାସ୍ତା ହୋଇଥିବାରୁ ୱାନ ୱେ ବୋଲି ପୁଲିସ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇ ୪ ଚକିଆ ଗାଡିକୁ ଏହି ରାସ୍ତାରେ ଯିବା ପାଇଁ ବାରଣ କରାଯାଇଥିଲା । ତେବେ ରାସ୍ତାର କିଛିକାଂଶ ମାତ୍ର ୫ଶହ ମିଟରରେ ଚାରି ଚକିଆ ଗୁଡିକ ଯାଉନଥିଲେ ହେଁ ଅଟୋ ଗୁଡିକ ଯିବା ଆସିବା କରିବା ସହ ଏହି ରାସ୍ତାରେ ୧୦ରୁ ଉର୍ଦ୍ଧ ଅଟୋ ପାର୍କିଂ କରି ରଖୁଥିଲେ । ବେଲରୋଡ ଛକରେ ବିରାଟ ବଡ ଆମିସ ଓ ପନିପରିବା ବଜାର ବି ଖୋଲିଥିଲା । ତା ସାଙ୍ଗକୁ ୱେଲକମ ଛକ ଦୈନିକ ବଜାର ଛକରେ ଉଠା ଦୋକାନୀ ମହିଳା ମାନେ ପନିପରିବା, ଆମ୍ବ ଓ କାଜୁ ଆଦି ଆଣି ବିକ୍ରୀ କରୁଥିବା ଦେଖିବାକୁ ମିଳିଛି । ଆଜି ମାପ ଚୂପ ସମୟରେ ରାଜସ୍ୱ ପରିଦର୍ଶକ ହରିହର ଶତପଥୀ, ରାଜସ୍ୱ ନିରୀକ୍ଷକ ସୂରଜ କୁମାର ପଣ୍ଡା, ପୂର୍ତ୍ତ ବିଭାଗ ଯନ୍ତ୍ରୀ, ପୌର ପାଳିକା ପକ୍ଷରୁ ଅତିରିକ୍ତ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ କୃତିବାସ ସାହୁ, ସତ୍ୟନାରାୟଣ ପାତ୍ର,ଅମିନ ସୁଭସ୍ମିତା ଜେନା, ଅବିନାଶ ସାନ୍ତାପାତ୍ର ପୁଲିସ ଏସଆଇ ରାଜେନ୍ଦ୍ର ପାଙ୍ଗିଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# ୧୪ତମ ରାଧାକାନ୍ତ ଜୀଉ ଦୋଳ ମେଳଣ ଉତ୍ସବ ଉଦ୍ଯାପିତ

ଧର୍ମଶାଳା,୧୮/୩ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ କଦମପାଳ ପଂଚାୟତସ୍ଥ ହରିବୋଲିଆ ମଠ ପରିସରରେ ୧୪ ତମ ରାଧାକାନ୍ତ ଜୀଉ ଦୋଳ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରବିବାର ବିଳମ୍ବିତ ରାତିରେ ବସି ଆଜି ଉଦଯାପିତ ହୋଇଥିଲା । ଏହି ମେଳଣରେ ସ୍ଥାନୀୟ ଅଂଚଳରୁ ୧୫ରୁ ଉର୍ଦ୍ଧ ଦୋଳ ବିମାନ ଯୋଗ ଦେଇଥିଲେ । ବୁଢୀ ଜାଗୁଳାଇ ବିଦ୍ୟାଳୟ ପରିସରରୁ ସମସ୍ତ ବିମାନ ସୁସଜ୍ଜିତ ଭାବେ ଦଣ୍ଡାୟମାନ ହୋଇ ରହିଥିଲେ । ବିମାନ ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଜୀବନରେ ଶୃଙ୍ଖଳା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ: ଜଷ୍ଟିସ୍ ବି. ଆର୍ ଷଡ଼ଙ୍ଗୀ

ଭୁବନେଶ୍ୱର ,୧୮/୩ (ନି.ପ୍ର): ପ୍ରତ୍ୟେକ ଦିନ, ପ୍ରତ୍ୟେକ ମୁହୂର୍ତ୍ତ ଏବଂ ପ୍ରତ୍ୟେକ କ୍ଷଣରୁ ଶିକ୍ଷା ଗ୍ରହଣ କରାଯାଇପାରିବ । ଶିକ୍ଷା ଗ୍ରହଣ ପ୍ରକ୍ରିୟା ସବୁବେଳେ ଜାରି ରଖିବା ଜରୁରୀ । ଏଥି ସହିତ ଜୀବନରେ ଶୃଙ୍ଖଳା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ବ୍ୟକ୍ତ କରିଛନ୍ତି ଜାତୀୟ ମାନବାଧିକାରୀ କମିଶନର ସଦସ୍ୟ ଡକ୍ଟର ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ । ସୋମବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍ଏନ୍ଆଇଏଲ୍)ର ୯ମ ବାର୍ଷିକ ଉତ୍ସବ 'ଜଷ୍ଟିସିଆ ୩.୦-୨୦୨୫'ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡକ୍ଟର ଜଷ୍ଟିସ୍ ଷଡ଼ଙ୍ଗୀ ଆଇନ୍ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଉପଦେଶ ଦେଇଛନ୍ତି । ଝାଡ଼ଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ତଥା ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଥିବା ଜଷ୍ଟିସ୍ ଷଡ଼ଙ୍ଗୀ ଛାତ୍ରଛାତ୍ରୀମାନଙ୍କୁ ନିଜ ଆଇନ୍ ପେସାର ଅନୁଭୂତି ବଖାଣିବା ସହ ଏହି ବୃତିରେ ଧୈର୍ଯ୍ୟର ଯଥେଷ୍ଟ ଗୁରୁତ୍ୱ ରହିଛି ବୋଲି କହିଥିଲେ । ବୃତିଗତ ଯାତ୍ରା ବେଶ ଜଟିଳ । ତେଣୁ ନିଜକୁ ବଂଚାଇ ରଖିବାର କଳା ଆହରଣ କରିବା ଉଚିତ୍ ବୋଲି ସେ ଛାତ୍ରଛାତ୍ରୀଙ୍କୁ କହିଥିଲେ । ସୋଆକୁ ଉଚ୍ଚ ପ୍ରଶଂସା କରି ଜଷ୍ଟିସ୍ ଷଡ଼ଙ୍ଗୀ କହିଛନ୍ତି ଯେ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ଏହି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥିବାରୁ ଗର୍ବ ଅନୁଭବ କରିବା ଉଚିତ୍ । ସାମାନ୍ୟ ସଫଳତାରେ ଉଲ୍ଲସିତ ନ ହୋଇ ଆହୁରି ଅଧିକ ସଫଳତା ସାଉଁଟିବା ଦିଗରେ ପ୍ରଚେଷ୍ଟା ଜାରି ରଖିବା ଆବଶ୍ୟକ ବୋଲି କହି ଜଣେ ଆଇନଜୀବିର ଯାତ୍ରା କେବେ ଶେଷ ହୁଏ ନାହିଁ ବୋଲି ସେ ମନ୍ତବ୍ୟ ଦେଇଥିଲେ । ଏସ୍ଏନ୍ଆଇଏଲ୍‌ର ୫ ଜଣ ଛାତ୍ରଛାତ୍ରୀ ଓଡ଼ିଶା ନ୍ୟାୟିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ନେଇ ବିଶ୍ୱବିଦ୍ୟାଳୟକୁ ସେ ଶୁଭେଚ୍ଛା ଜଣାଇଥିଲେ । ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ନିଜ ବୃତି ପ୍ରତି ଏକାଗ୍ରତା ଓ ଭଲ ପାଇବା ରହିଲେ ଛାତ୍ରଛାତ୍ରୀମାନେ ଆଗକୁ ଯାଇପାରିବେ ବୋଲି କହିଥିଲେ । ନିଜର ବୃତିଗତ ଯାତ୍ରା ବିଶ୍ୱବିଦ୍ୟାଳୟରୁ ହିଁ ଆରମ୍ଭ ହୋଇଥାଏ ବୋଲି ପ୍ରଫେସର ନନ୍ଦ କହିଥିଲେ । କାର୍ଯ୍ୟକ୍ରମରେ ଏସ୍ଏନ୍ଆଇଏଲ୍‌ର ଡିନ୍ ପ୍ରଫେସର ଏସ.ଏ.କେ. ଆଜାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ମଧ୍ୟ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଶେଷରେ ଏସ୍ଏନ୍ଆଇଏଲ୍‌ର ଆସିଷ୍ଟାଂଟ ପ୍ରଫେସର ଶ୍ରୀ ଆକାଶ ତ୍ରୀଖା ଧନ୍ୟବାଦ ଅର୍ପଣ କରିଥିଲେ ।

# ୫ଜି ଇନୋଭେସନ୍ ହ୍ୟାକାଥନ୍ ୨୦୨୫ର ଶୁଭାରମ୍ଭ

ନୂଆଦିଲ୍ଲୀ,୧୮/୩ (ନି.ପ୍ର): ଟେଲିଯୋଗାଯୋଗ ବିଭାଗ (ଡିଓଟି) ସାମାଜିକ ଏବଂ ଔଦ୍ୟୋଗିକ ଆହ୍ୱାନର ମୁକାବିଲା କରିବା ପାଇଁ ଅଭିନବ ୫ଜି ସଂଚାଳିତ ସମାଧାନର ବିକାଶକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏକ ଛଅ ମାସ ଅବଧିର କାର୍ଯ୍ୟକ୍ରମ ୫ଜି ଇନୋଭେସନ୍ ହ୍ୟାକାଥନ୍ ୨୦୨୫ ସମ୍ପର୍କରେ ଘୋଷଣା କରିଛି । ଛାତ୍ରଛାତ୍ରୀ, ଷ୍ଟାର୍ଟଅପ୍ ଏବଂ ପେସାଦାରମାନଙ୍କ ପାଇଁ ଖୋଲା ଥିବା ଏହି କାର୍ଯ୍ୟକ୍ରମ ୧୦୦ରୁ ଅଧିକ ୫ଜି ୟୁଜ୍ କେସ୍ ଲ୍ୟାବ୍ କୁ ପରାମର୍ଶ, ପାଣ୍ଠି ଏବଂ ଆକସେସ୍ ପ୍ରଦାନ କରିଥାଏ, ଯାହା ଅଂଶଗ୍ରହଣକାରୀମାନଙ୍କୁ ଦୂରଦର୍ଶୀ ଚିନ୍ତାଧାରାକୁ ସ୍କେଲେବଲ୍ ଟେକ୍ନୋଲୋଜିରେ ପରିଣତ କରିବାରେ ସକ୍ଷମ କରିଥାଏ । ହ୍ୟାକାଥନ ମାଧ୍ୟମରେ ଏଆଇ ଦ୍ୱାରା ପରିଚାଳିତ ନେଟୱାର୍କର ରକ୍ଷଣାବେକ୍ଷଣ, ଆଇଓଟି-ସକ୍ଷମ ସମାଧାନ, ୫ଜି ପ୍ରସାରଣ, ସ୍ମାର୍ଟ ସ୍ୱାସ୍ଥ୍ୟ, କୃଷି, ଉଦ୍ୟୋଗ ଅଟୋମେସନ୍, ଅଣ-ସ୍ଥଳୀୟ ନେଟୱାର୍କ (ଏନଟିଏନ), ଡି୨ଏମ୍, ଭି୨ଏକ୍ସ ଏବଂ କ୍ୱାଣ୍ଟମ୍ କମ୍ୟୁନିକେସନ୍ ଭଳି ପ୍ରମୁଖ ୫ଜି ଆପ୍ଲିକେସନ୍ ଉପରେ କେନ୍ଦ୍ରିତ ପ୍ରସ୍ତାବ ଆହ୍ୱାନ କରାଯାଇଛି । ଅଂଶଗ୍ରହଣକାରୀମାନଙ୍କୁ ବାସ୍ତବ ଦୁନିଆର ସମସ୍ୟାଗୁଡିକର ସମାଧାନ ପାଇଁ ନେଟୱାର୍କ ସ୍ଲାଇସିଂ, ସେବାର ଗୁଣବତ୍ତା (କ୍ୟୁଓଏସ୍) ଏବଂ କଲ୍-ଫ୍ଲୋ ପରି ୫ଜି ସୁବିଧାର ଲାଭ ଉଠାଇବାକୁ ଉତ୍ସାହିତ କରା ଯାଉଛି । ହ୍ୟାକାଥନ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ସୃଜନଶୀଳତାକୁ ପରବର୍ତ୍ତୀ ସ୍ତରକୁ ନେବାରେ ସାହାଯ୍ୟ କରିବା ପାଇଁ ଅନେକ ସମର୍ଥନ ପ୍ରଣାଳୀ ପ୍ରଦାନ କରେ । ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କ ବୌଦ୍ଧିକ ସମ୍ପତ୍ତି (ଆଇପି) ର ବ୍ୟବସାୟୀକରଣ ପାଇଁ ଆଇପିଆର ଫାଇଲିଂରେ ସହାୟତା ମିଳିବ । କାର୍ଯ୍ୟକ୍ରମ ଢାଂଚା ଏବଂ ସମୟସୀମା ଏହି ହ୍ୟାକାଥନ୍ ଅନେକ ପର୍ଯ୍ୟାୟରେ ଅନୁଷ୍ଠିତ ହେବ, ପ୍ରତ୍ୟେକ ପର୍ଯ୍ୟାୟକୁ ପ୍ରସ୍ତାବ ଦାଖଲ ଠାରୁ ଆରମ୍ଭ କରି ଚୂଡ଼ାନ୍ତ ମୂଲ୍ୟାଙ୍କନ ପର୍ଯ୍ୟନ୍ତ ବିଚାରକୁ ପରିପୁଷ୍ଟ ଏବଂ ବିକଶିତ କରିବା ପାଇଁ ସତର୍କତାର ସହ ପ୍ରସ୍ତୁତ କରାଯାଇଛି । ପ୍ରଥମ ପର୍ଯ୍ୟାୟ ହେଉଛି ପ୍ରସ୍ତାବ ଦାଖଲ ପର୍ଯ୍ୟାୟ , ଯାହା ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ବ୍ୟାପକ ବିଚାର,, ସେମାନଙ୍କର ସମସ୍ୟା ବିବରଣୀ, ପ୍ରସ୍ତାବିତ ସମାଧାନ ଏବଂ ଆଶାନୁରୂପ ପ୍ରଭାବ ସମ୍ପର୍କରେ ସୂଚିତ କରି ନିଜର ପ୍ରସ୍ତାବ ଦାଖଲ କରିବା ପାଇଁ ଆମନ୍ତ୍ରଣ କରେ । ପ୍ରତ୍ୟେକ ଅନୁଷ୍ଠାନକୁ ଟେଲିଯୋଗାଯୋଗ ବିଭାଗର (ଡିଓଟି) ସ୍କ୍ରିନିଂ ପାଇଁ ପାଂଚଟି ପ୍ରସ୍ତାବ ସୁପାରିସ କରିବା ଲାଗି ସୁଯୋଗ ମିଳିବ ଏବଂ ଆଂଚଳିକ କମିଟି ଆଗାମୀ ମୂଲ୍ୟାୟନ ପାଇଁ ଶ୍ରେଷ୍ଠ ପ୍ରବେଶିକାକୁ ଚୟନ କରିବେ । ଥରେ ପ୍ରସ୍ତାବ ଚୟନ ହେବା ପରେ ଆଂଚଳିକ ସର୍ଟଲିଷ୍ଟିଂ ପର୍ଯ୍ୟାୟରେ ମନୋନୀତ ଦଳ (୧୫୦ - ୨୦୦ ପ୍ରସ୍ତାବ) ସେମାନଙ୍କ ବିଚାରକୁ ବୃଦ୍ଧି କରିବା ପାଇଁ ମାର୍ଗଦର୍ଶନ ପାଇବେ । ଶ୍ରେଷ୍ଠ ୨୫ରୁ ୫୦ଟି ଦଳ ପ୍ରଗତି ପର୍ଯ୍ୟାୟରେ ପହଂଚିବେ, ଯେଉଁଠାରେ ସେମାନଙ୍କୁ ତିନି ମାସ (ଜୁନ୍ ୧୫ ରୁ ସେପ୍ଟେମ୍ବର ୧୫, ୨୦୨୫) ମଧ୍ୟରେ ସେମାନଙ୍କର ପ୍ରୋଟୋଟାଇପ୍ ବିକଶିତ କରିବା ପାଇଁ ପ୍ରତି ସିଡ୍ ଫଣ୍ଡ (ପ୍ରାରମ୍ଭିକ ଆର୍ଥିକ ସହାୟତା ପାଣ୍ଠି) ରେ ୧,୦୦,୦୦୦ ଟଙ୍କା ପ୍ରଦାନ କରାଯିବ । ଏହି ପର୍ଯ୍ୟାୟରେ ଅଂଶଗ୍ରହଣକାରୀମାନେ ନିଜର ବିଚାରକୁ ଅଧିକ ମାର୍ଜିତ କରିବା ପାଇଁ ପରାମର୍ଶ ସହାୟତା ପାଇବେ, ୫ଜି ୟୁଜ୍ କେସ୍ ଲ୍ୟାବ୍ ର ଉପଲବ୍ଧତା ରହିବ ଏବଂ ଭିତ୍ତିଭୂମି ପରୀକ୍ଷଣର ଲାଭ ପାଇବେ । ଯଦି କୌଣସି ସମାଧାନକୁ ଆଇପିଆରରେ ରୂପାନ୍ତରିତ କରାଯାଇପାରିବ, ତେବେ ଆଇପିଆର ଫାଇଲିଂ ପାଇଁ ଆବଶ୍ୟକ ସମର୍ଥନ ପ୍ରଦାନ କରାଯିବ । ୨୦୨୫ ସେପ୍ଟେମ୍ବର ଶେଷ ଭାଗରେ ଚୂଡ଼ାନ୍ତ ପର୍ଯ୍ୟାୟ ମୂଲ୍ୟାୟନ ଏବଂ ପ୍ରଦର୍ଶନୀ ଅନୁଷ୍ଠିତ ହେବ, ଯେଉଁଠାରେ ପ୍ରତ୍ୟେକ ଦଳ ସରକାର, ଏକାଡେମିଆ ଏବଂ ଉଦ୍ୟୋଗ କ୍ଷେତ୍ରର ୫ - ୭ ଜଣ ବିଶେଷଜ୍ଞଙ୍କୁ ନେଇ ଗଠିତ ବୈଷୟିକ ବିଶେଷଜ୍ଞ ମୂଲ୍ୟାୟନ କମିଟି (ଟିଇଇସି)ରେ ସେମାନଙ୍କର ପ୍ରୋଟୋଟାଇପ୍ ଉପସ୍ଥାପନ କରିବେ । ମୂଲ୍ୟାୟନ ଚାରିଟି ପ୍ରମୁଖ ମାନଦଣ୍ଡ ଉପରେ ଆଧାରିତ ହେବ, ସେଗୁଡିକ ହେଉଛି ବୈଷୟିକ କାର୍ଯ୍ୟକାରିତା (୪୦%), ସ୍କେଲେବିଲିଟି ଏବଂ ବଜାର ପ୍ରସ୍ତୁତି (୪୦%),ସାମାଜିକ ଓ ଶିଳ୍ପ ପ୍ରଭାବ (୧୦%) , ଏବଂ ନୂତନତ୍ୱ (୧୦%) । ଅକ୍ଟୋବର ୨୦୨୫ରେ ବିଜେତା ମାନଙ୍କର ନାମ ଘୋଷଣା କରାଯିବ ଏବଂ ଦେଶର ଅନ୍ୟତମ ସମ୍ମାନଜନକ ଟେକ୍ ଇଭେଣ୍ଟ ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମସି) ୨୦୨୫ରେ ଶୀର୍ଷ ଦଳମାନେ ସେମାନଙ୍କର ଉଦ୍ଭାବନ ପ୍ରଦର୍ଶନ କରିବେ । ପୁରସ୍କାର ଓ ମାନ୍ୟତା ବିଜେତାମାନେ ଗୁରୁତ୍ୱପୂର୍ଣ୍ଣ ପୁରସ୍କାରରେ ପୁରସ୍କୃତ ହେବେ, ଯେଉଁଥିରେ ପ୍ରଥମ ସ୍ଥାନ ପାଇଁ ୫ ଲକ୍ଷ ଟଙ୍କା , ଉପବିଜେତାଙ୍କୁ ୩ ଲକ୍ଷ ଟଙ୍କା ଓ ଦ୍ୱିତୀୟ ଉପବିଜେତାଙ୍କୁ ୧ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯିବ । ଏଥିସହିତ ଶ୍ରେଷ୍ଠ ବିଚାର ଏବଂ ସବୁଠାରୁ ଅଭିନବ ପ୍ରୋଟୋଟାଇପ୍ ପାଇଁ ସ୍ୱତନ୍ତ୍ର ଭାବେ ପ୍ରତ୍ୟେକକୁ ୫୦,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବ ।

# ଜୀ ସାର୍ଥକର ଲୋକପ୍ରିୟ ରିୟାଲିଟି ଶୋ 'ରଜ କୁଇନ୍'ର ଅଡିସନ୍: ଓଡିଶାର ସମସ୍ତ ବଡ ସହରରେ ଆରମ୍ଭ ହେବାକୁ ଯାଉଛି




ଭୁବନେଶ୍ୱର, ୧୮/୩ (ନି.ପ୍ର): ଓଡିଶାର ନମ୍ବର ୧ ଚ୍ୟାନେଲ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସୁଛି । ଦର୍ଶକେ ଦେଖିବାକୁ ଭଲ ପାଉଥିବା କାହାଣୀକୁ ଆଧାରିତ କରି ଅନେକ ଧାରାବାହିକ ସହିତ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଭେଟି ଦେଇଛି ଜୀ ସାର୍ଥକ । ଯେଉଁଥିରେ ଓଡିଆ ଜାତି ଓ ଓଡିଶାର ପ୍ରଥା ପରମ୍ପରାକୁ ଅତି ନିଖୁଣ ଭାବେ ଦେଖି ଦର୍ଶକେ ଉପଭୋଗ କରିପାରନ୍ତି । ଯାହାପାଇଁ ଚ୍ୟାନେଲକୁ ମିଳିଛି ଅଗଣିତ ଦର୍ଶକଙ୍କ ଦ୍ୱାରା ଅଶେଷ ଭଲପାଇବା । ଅଭିନେତ୍ରୀ ହେବାର ସ୍ୱପ୍ନ ଦେଖିଥିବା ଝିଅଙ୍କ ପାଇଁ ପୁଣି ଆସିଛି ଓଡିଶାର ନମ୍ବର ୧ ରିଆଲିଟି ସୋ 'ରଜ କୁଇନ୍'। ବିଗତ ୧୩ ବର୍ଷ ଧରି ଏହି ସୋ ଇଣ୍ଡଷ୍ଟ୍ରିକୁ ଅନେକ ବଛା ବଛା ଟ୍ୟାଲେଣ୍ଟେଡ ଅଭିନେତ୍ରୀ ଦେଇ ସାରିଛି। ସବୁ ବର୍ଷ ଅନେକ ଆଶାୟୀ ପ୍ରାର୍ଥୀ ଏହି ସୋ ରେ ଭାଗ ନେବାକୁ ଚାହିଁ ରହିଥାନ୍ତି। ତେବେ ଚଳିତ ବର୍ଷ ମଧ ବଡ଼ ଧୁମଧାମ ସହିତ ଓଡିଶା ସମସ୍ତ ବଡ ସହରରେ 'ରଜ କୁଇନ୍' ର ଅଡିସନ୍ ଆରମ୍ଭ ହେବାକୁ ଯାଉଛି। ଚଳିତ ବର୍ଷ ୧୩ ତମ 'ରଜ କୁଇନ୍' ପାଇଁ ଅଡିସନ୍ ମାର୍ଚ୍ଚ ୧୬ରୁ ଆରମ୍ଭ ହେବ। ଯାହା ମାର୍ଚ୍ଚ ୧୬ ତାରିଖରେ ଜଗତସିଂହପୁର ଓ ଯାଜପୁର, ମାର୍ଚ୍ଚ ୨୨ ତାରିଖରେ ଢେଙ୍କାନାଳ ଓ ପୁରୀ, ମାର୍ଚ୍ଚ ୨୩ ରେ ଭୁବନେଶ୍ୱର, ମାର୍ଚ୍ଚ ୨୯ ରେ ବାଲେଶ୍ୱର ଓ କେଉଁଝର, ମାର୍ଚ୍ଚ ୩୦ ରେ ରାଉରକେଲା ଓ ଭଦ୍ରକ, ଏପ୍ରିଲ ୧ ତାରିଖରେ ଅନୁଗୁଳ ଓ ଏପ୍ରିଲ ୬ ତାରିଖରେ କଟକରେ ସହରରେ ଅନୁଷ୍ଠିତ ହେବ । ୧୫ରୁ ୨୫ ବର୍ଷ ମଧ୍ୟର ଆଶାୟୀ ପ୍ରାର୍ଥୀ ଅଡିସନ୍ ଦେଇ ଅଭିନେତ୍ରୀ ହେବାର ଦେଖିଥିବା ସ୍ୱପ୍ନକୁ ପୁରା କରିପାରିବେ ତେବେ ଡେରି କାହିଁକି ପ୍ରସ୍ତୁତ ହେଇଯାଆନ୍ତୁ, ଖୁବ ଶୀଘ୍ର ଆସୁଛି ଆପଣଙ୍କ ପାଖକୁ ଅଡିସନ୍ ପାଇଁ ୧୩ତମ 'ରଜ କୁଇନ୍'। ଏପ୍ରିଲ ୧୯ ତାରିଖରୁ ପ୍ରତି ଶନିବାର ଓ ରବିବାର ରାତି ୯.୩୦ ମିନିଟରେ କେବଳ ଜୀ ସାର୍ଥକରେ ପ୍ରସାରଣ ହେବାକୁ ଯାଉଛି 'ରଜ କୁଇନ୍' । ତେବେ କିଏ ହେବ ଚଳିତ ସିଜନର ରଜ କୁଇନ୍ ଜାଣିବାକୁ ଏହି ଯାତ୍ରା ସହ ଯୋଡ଼ି ହେବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ପ୍ରତୀକ ସିଲ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ନବ ଦାସ ହତ୍ୟାକାଣ୍ଡ...

ଯେଉଁ ଭଳି ତଦନ୍ତ ହେବା କଥା, ନ୍ୟାୟ ମିଳିବା କଥା ତାହା ହୋଇପାରିନି. ଯାହାକୁ ନେଇ ତାଙ୍କ ପରିବାର ଅସହମତି ପ୍ରକାଶ କରିଥିଲେ। ଆମ ସରକାରକୁ ଲେଖିକି ଦେବା ପରେ ଆଜିଠାରୁ ସାନି ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ପୂର୍ବରୁ ତଦନ୍ତର ଅନେକ ଦିଗ ବନ୍ଦ ଥିଲା, ଯେଉଁଠି ଯେଉଁଠି ଲିଙ୍କ ଅଛି ଓପନ୍ ହେବ। ଏବେଠୁ ନିରପେକ୍ଷ ଭାବେ ତଦନ୍ତ ହେବ। ବିଜେଡି କହିଛି ପୂର୍ବ ତଦନ୍ତ ଠିକ୍ ଥିଲା। ପ୍ରଶ୍ନ କରିଛି, କାହିଁକି ସିବିଆଇ ତଦନ୍ତରୁ ପଛଘୁଞ୍ଚା ଦେଉଛନ୍ତି ରାଜ୍ୟ ସରକାର? ଆଜି କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ ଆଗରେ କଣ ବୟାନ ରଖିଛନ୍ତି ନବ ଦାସଙ୍କ ପରିବାର ତାକୁ ନେଇ ଏବେ ଚର୍ଚ୍ଚା। କାହିଁକି ପୂର୍ବ ତଦନ୍ତରେ ସେମାନେ ଅସନ୍ତୁଷ୍ଟ ତାହା ଜଣାଇଛନ୍ତି କି। ପୂର୍ବ ତଦନ୍ତରେ କେଉଁ ଦିଗ ବାକି ରହିଗଲା ତାହା ଉଲ୍ଲେଖ କରିଛନ୍ତି କି। କିମ୍ବା ତାଙ୍କ ପରିବାର କ୍ରାଇମବ୍ରାଞ୍ଚକୁ କିଛି ନୂଆ ପ୍ରମାଣ ଦେଇଛନ୍ତି କି। ସାନି ତଦନ୍ତରେ କେଉଁ ଦିଗରେ ପୁଣି ଆଗକୁ ବଢିବ କ୍ରାଇମବ୍ରାଞ୍ଚ। ବଡ଼ କଥା ହେଉଛି ବାରମ୍ବାର ଅଭିଯୋଗ ହୋଇ ଆସୁଥିବା ଷଡ଼ଯନ୍ତ୍ର ଥିଓରି ସାମ୍ନାକୁ ଆସିବ କି। ପୂର୍ବ ସରକାର ତଦନ୍ତ ସମୟରେ ଅନେକ ବିବାଦ ରହିଛି, ଯାହା ସାନି ତଦନ୍ତରେ କ୍ରାଇମବ୍ରାଞ୍ଚ ପାଇଁ ଚାଲେଞ୍ଜ ହୋଇପାରେ। ଯେମିତି କି ନବଙ୍କ ରକ୍ତ ଭିଜା ସାର୍ଟ ଖୋଜିବା। ନବଙ୍କ ଦେହରେ ବାଜିଥିବା ଗୁଳି ଖୋକାକୁ କାଢ଼ିବା, ଏହା ସହ ସବୁଠୁ ବଡ କଥା ହେଲା ମର୍ଡର ପଛର ମୋଟିଭ ଖୋଜିବା।

### ୬ ବର୍ଷ ପୂର୍ବରୁ ପ୍ରଥମ...

ଦ୍ୱିତୀୟ ଶ୍ରେଣୀ ଯାଏ ମୋଟ ୫ ବର୍ଷକୁ ପ୍ରାରମ୍ଭ ବର୍ଗରେ ରଖାଯାଇଛି । ସେହିପରି ତୃତୀୟ, ଚତୁର୍ଥ, ପଞ୍ଚମ ଶ୍ରେଣୀ ଯାଏ ପ୍ରସ୍ତୁତି ବର୍ଗ, ଷଷ୍ଠ ରୁ ଅଷ୍ଟମ ଯାଏ ମଧ୍ୟମ ଏବଂ ନବମରୁ ଦ୍ୱାଦଶ ଶ୍ରେଣୀ ଯାଏ ମାଧ୍ୟମିକ ପର୍ଯ୍ୟାୟ ଭାବେ ବର୍ଗୀକରଣ କରାଯାଇଛି । ୬ରୁ ୮ ବର୍ଷ ଭିତରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ, ୮ରୁ ୧୧ ବର୍ଷ ବୟସରେ ତୃତୀୟରୁ ପଞ୍ଚମ, ୧୧ରୁ ୧୪ ବର୍ଷ ବୟସରେ ଷଷ୍ଠରୁ ଅଷ୍ଟମ ଏବଂ ୧୪ରୁ ୧୮ ବର୍ଷ ବୟସରେ ନବମରୁ ଦ୍ୱାଦଶ ଶ୍ରେଣୀରେ ପାଠ ପଢ଼ିବେ। ସେହିପରି ମାଟ୍ରିକ୍ ଓ ଯୁକ୍ତ ଦୁଇ ପରୀକ୍ଷାରେ ବି ବ୍ୟାପକ ସଂସ୍କାର ଆସିବ। ତେବେ ମାଟ୍ରିକ୍ ଓ ଯୁକ୍ତ ଦୁଇ ପରୀକ୍ଷା କିପରି ଢାଞ୍ଚାରେ ହେବ ତାହା ଏଯାଏ ଅସ୍ପଷ୍ଟ ରହିଛି। ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ୧୬ ଜଣିଆ ଷ୍ଟିୟରିଂ କମିଟି ଗଠନ କରିଥିଲା ଗଣଶିକ୍ଷା ବିଭାଗ । ବାଲ୍ ବାଟିକାଠୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ଯାଏ ପାଠ୍ୟ ଖସଡ଼ା ପ୍ରସ୍ତୁତ କରିବା ଦାୟିତ୍ୱ କମିଟି ଉପରେ ନ୍ୟସ୍ତ କରାଯାଇଛି। ସୂଚନା ଅନୁସାରେ, ଏଥିରେ ଆଞ୍ଚଳିକ ବିଷୟ ବସ୍ତୁକୁ ଗୁରୁତ୍ୱ ମିଳିବ।

### ନାଗପୁର ହିଂସା : କଠୋର...

ତେବେ ବଜରଙ୍ଗ ଦଳ ଏହି ଅଭିଯୋଗକୁ ଖଣ୍ଡନ କରି କହିଛି, ବିକ୍ଷୋଭକାରୀମାନେ ଔରଙ୍ଗଜେବଙ୍କ ପ୍ରତିମୂର୍ତ୍ତି ଜାଳିଥିଲେ । ଏହି ହିଂସାକାଣ୍ଡରେ ଡିସିପିଙ୍କ ସମେତ ୬ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି । ଦୁର୍ବୃତ୍ତମାନେ ଡିସିପି ନିକେତନଙ୍କୁ କୁରାଢିରେ ଆକ୍ରମଣ କରିଥିଲେ । ସେପଟେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ନାଗପୁରରେ ଶାନ୍ତି ବଜାୟ ରଖିବାକୁ ଲୋକଙ୍କୁ ନିବେଦନ କରିଛନ୍ତି । ନାଗପୁରର ମହଲ ଅଞ୍ଚଳରେ ଯେଉଁଭଳି ପରିସ୍ଥିତି ଉପୁଜିଛି ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ଫଡନାଭିସ୍ କହିଛନ୍ତି । କିଛି ଲୋକ ପୋଲିସ ଉପରକୁ ପଥର ଫିଙ୍ଗିଥିଲେ, ମୁଁ ପରିସ୍ଥିତି ଉପରେ ନଜର ରଖିଛି କହିବା ସହିତ ଯଦି କେହି ଦଙ୍ଗା କରନ୍ତି, ପୋଲିସ ଉପରକୁ ପଥର ଫିଙ୍ଗିଥାନ୍ତି । ତେବେ ଏଭଳି ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ।

### ଆଜି ପୃଥିବୀରେ ପହଂଚିବେ...

ଠିକ୍ ଆକାଶରୁ ଜଳନ୍ତା ଉଲ୍କାପିଣ୍ଡ ଖସିବା ଭଳି । ଏହାର ପ୍ରତିକୂଳ ପ୍ରଭାବ ପଡ଼ିବ ଏହା ଭିତରେ ଥିବା ସୁନୀତା ଓ ଅନ୍ୟ ମହାକାଶଚାରୀଙ୍କ ଉପରେ । ଦୀର୍ଘ ୯ ମାସ ପରେ ମହାକାଶରୁ ଫେରିବେ, ହେଲେ ୬୦ ବର୍ଷୀୟା ସୁନୀତାଙ୍କ ପାଇଁ ସହଜ ହେବନି ମାଟିରେ ଚାଲିବା । ଉଭେଇ ଯାଇଥିବ ପାଦ ତଳର ମୋଟା ଚମଡ଼ା । ହରାଇ ସାରିଥିବେ ମାଟିରେ ଚାଲିବାକୁ ଆବଶ୍ୟକ ବଳ ଓ ବାଲାନ୍ସ ଯାହାକୁ କୁହାଯାଏ ବେବି ଫିଟ୍ ସମସ୍ୟା, ଛୋଟ ପିଲାଟିଏ ଚାଲି ଶିଖିବା ଭଳି, ସୁନୀତାଙ୍କୁ ମଧ କିଛି ସପ୍ତାହ ଚାଲିବା ଅଭ୍ୟାସ କରିବାକୁ ପଡ଼ିବ । ବଳ ଫେରିପାଇବାକୁ ୬ ସପ୍ତାହ ପାଇଁ ସ୍ୱତନ୍ତ୍ର ବ୍ୟାୟାମ ଓ ଖାଦ୍ୟ ସହ ରିହାବିଲିଟେସନ୍ ପିରିୟଡ୍ କାଟିବାକୁ ପଡ଼ିବ । ସେପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ବଂଶୋଭବ ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସଙ୍କୁ ଚିଠି ଲେଖିଛନ୍ତି । ସୁନୀତା ମଙ୍ଗଳବାର ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରୁ ପୃଥିବୀକୁ ପ୍ରତ୍ୟାବର୍ତ୍ତନ ଯାତ୍ରା ଆରମ୍ଭ କରିଥିବା ବେଳେ ତାଙ୍କୁ ଭାରତ ଗସ୍ତ ପାଇଁ ନିମନ୍ତ୍ରଣ କରିଛନ୍ତି ପ୍ରଧାନମନ୍ତ୍ରୀ ।

### ଯୁଦ୍ଧ ବିରାମ ହଟୁ ...

ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ । ଆକ୍ରମଣ ପୂର୍ବରୁ ଗାଜାକୁ ସମସ୍ତ ଅତ୍ୟାବଶକୀୟ ସାମଗ୍ରୀ ପହଁଚିବା ଉପରେ ରୋକ ଲଗାଇଛି ଇସ୍ରାଏଲ । ଖାଦ୍ୟଠୁ ନେଇ ଔଷଧ କିଛି ପହଁଚିପାରୁନି । ତେଣୁ ଆଗକୁ କ୍ଷୁଧା ଓ ସ୍ୱାସ୍ଥ୍ୟ ଜନିତ ସମସ୍ୟାରେ ବଢ଼ିପାରେ ମୃତ୍ୟୁ ସଂଖ୍ୟା । ସେପଟେ ହମାସ ନିକଟରେ ଏବେ ବି ୨୪ଜଣ ବନ୍ଧକ ରହିଛନ୍ତି ଓ ଏମାନଙ୍କୁ ଛାଡିବା ପାଇଁ କିଛି ବଡ ସର୍ତ୍ତ ରଖିପାରେ । ସେପଟେ ଗାଜା ସହ ଲେବାନନ ଓ ଉତର ସିରିଆରେ ଇସ୍ରାଏଲ ଏୟାରଷ୍ଟ୍ରାଇକ କରିଥିବାରୁ ଆଗକୁ ସ୍ଥିତି ଅଧିକ ଭୟଙ୍କର ହେବା ଆଶଙ୍କା ରହିଛି ।

### ଲଘୁ ଖଣିଜ ଲୁଟ...

ଲକ୍ଷ ଟଙ୍କା ଆଦାୟ ହୋଇଥିବା ବେଳେ ଚଳିତ ବର୍ଷ ଜାନୁଆରୀ ୨୦୨୫ ସୁଦ୍ଧା ଏହା ୪୦ କୋଟିରେ ପହଂଚିଲାଣି । ମିନେରାଲର ଚୋରା ଚାଲାଣକୁ ରୋକିବାକୁ ବିଭାଗ ସଚେତନ ଅଛି ବୋଲି କହିଛନ୍ତି ଖଣି ମନ୍ତ୍ରୀ ବିଭୁତି ଜେନା। ୨୦୦ ରୁ ଅଧିକ ନୂଆ ଲିଜ ଦିଆଯାଇଛି। ଆମେ ବହୁ ଶୀଘ୍ର ରାଜସ୍ୱ ବୃଦ୍ଧି କରିବୁ।

# ଚାଷୀଙ୍କ କୃଷିଋଣ ଛାଡ଼ ପାଇଁ ଦାବି କଲା କଂଗ୍ରେସ

ଭୁବନେଶ୍ୱର, ୧୮/୩ (ନି.ପ୍ର): କେନ୍ଦ୍ର ବିଜେପି ନରେନ୍ଦ୍ର ମୋଦି ସରକାର ଦେଶର ବଡ଼ ବଡ଼ ପୁଞ୍ଜିପତି ଓ ଶିଳ୍ପପତିଙ୍କଠାରୁ ବିନା ସର୍ତରେ ଲକ୍ଷ ଲକ୍ଷ କୋଟି ଟଙ୍କା ଋଣଛାଡ଼ କରୁଥିବା ବେଳେ ଚାଷୀଙ୍କଠାର ଫଟା ପାହୁଲାଟିଏ ଋଣଛାଡ଼ ନ କରିବା ଚାଷୀକୂଳକୁ ବ୍ୟଥିତ କରିଛି ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ଚାଷୀଙ୍କ ଦୁରାବସ୍ଥାକୁ ଉପଲବ୍ଧ କରି ୨୦୦୮ରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ଦେଶର ଋଣଭାରରେ ଥିବା ୫କୋଟି ଚାଷୀଙ୍କଠାରୁ ୭୨ହଜାର ୬୮୦ କୋଟି ଟଙ୍କା ଋଣଛାଡ଼ କରିଥିବା ବେଳେ ତନ୍ମଧ୍ୟରୁ ଓଡ଼ିଶାର ୨୫ ଲକ୍ଷରୁ ଉର୍ଦ୍ଧ୍ୱଚାଷୀ ୨୬ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଛାଡ଼ ପାଇଥିଲେ। ଏପରିକି ବୈଦ୍ୟନାଥନ କମିଟିଙ୍କ ସୁପାରିଷ ଆଧାରରେ ପ୍ରାଥମିକ କୃଷି ସେବା ସମବାୟ ସମିତି, କେନ୍ଦ୍ର ସମବାୟ ସମିତି ଓ ଓଡ଼ିଶା ରାଜ୍ୟ ସମବାୟ ସମିତିଗୁଡ଼ିକର ଦୃଢ଼ କମ୍ପ୍ୟୁଟରୀକରଣ ସହିତ ମାନବ ସମ୍ବଳ ବିକାଶକୁ ତ୍ୱରାନ୍ୱିତ କରାଯାଇଥିଲା। ଫଳରେ ଏହି ସମିତିଗୁଡ଼ିକ ସଶକ୍ତ ହେବା ଯୋଗୁଁ କୃଷି ବ୍ୟବସାୟ ବାଣିଜ୍ୟ ପାଇଁ ଆଜି ସକ୍ଷମ ହୋଇପାରିଛନ୍ତି। କୃଷକର ଆୟ ବୃଦ୍ଧି ପାଇଁ ରାଜ୍ୟ ସରକାର ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଋଣଭାରରେ ଥିବା ରାଜ୍ୟର ପ୍ରାୟ ୩୬ ଲକ୍ଷରୁ ଉର୍ଦ୍ଧ୍ୱଚାଷୀଙ୍କଠାରୁ ପ୍ରାୟ ୪୦ ହଜାର କୋଟି ଟଙ୍କାର ତୁରନ୍ତ କୃଷି ଋଣଛାଡ଼ କରିବା ପାଇଁ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ଦାବୀ କରାଯାଇଛି।

# ଆଜି ଅନୁଷ୍ଠିତ ହେବ ଉତ୍କଳ ସମ୍ମିଳନୀ ପକ୍ଷରୁ ଅନନ୍ତ ଦାସ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୧୮/୩ (ନି.ପ୍ର): ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖାର ପ୍ରତିଷ୍ଠାତା ସଂପାଦକ ଥିବା ପୂର୍ବତନ ମନ୍ତ୍ରୀ ତଥା ଭୋଗରାଇର ଚାରିଥରର ବିଧାୟକ ଂଅନନ୍ତ ଦାସଙ୍କ ବିୟୋଗରେ ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ତାଙ୍କର ଦ୍ୱାଦଶ ତିଥିରେ ଏକ ଶ୍ରଦ୍ଧାଞ୍ଜଳି ସଭା ୧୯ ତାରିଖ ଅପରାହ୍ଣ ୫ ଘଟିକା ସମୟରେ ନୃତ୍ୟ ସଂଗୀତ କଳା ମନ୍ଦିର ଗୃହ (ଟାଉନହଲ) ନିକଟରେ ଅନୁଷ୍ଠିତ ହେବ । ଉତ୍କଳ ସମ୍ମିଳନୀ ପାଇଁ ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା । ତାଙ୍କ ସମୟରେ ଶିକ୍ଷା, ଶିଳ୍ପ, ଗମନାଗମନ ପ୍ରଭୃତି କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲାରେ ଅନେକ ଉନ୍ନତି ଘଟିଥିଲା । ଏଣୁ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଉତ୍କଳ ସମ୍ମିଳନୀର ସଦସ୍ୟଙ୍କ ସମେତ ସମସ୍ତ ଜନସାଧାରଣଙ୍କୁ ବହୁ ସଂଖ୍ୟାରେ ଯୋଗଦାନ କରିବାକୁ ଜିଲ୍ଲାଶାଖାର ସଂପାଦକ ଡ. କାଳୀପଦ ପଣ୍ଡା ଅନୁରୋଧ ଜଣାଇଛନ୍ତି ।


Office of the Superintending Engineer,
Baisinga Canal Division, Laxmiposi, PIN-757107, Dist. - Mayurbhanj
Email ID: sebaisinga2022@gmail.com
***

TENDER CALL NOTICE NO.18/2024-25 OF SE, BCD, LAXMIPOSI

| | | |
|---|---|---|
| 1 | No. of Work | Total 02 nos. of work |
| 2 | Tender Amount | Ranging from Rs. 4,92,354.51 to Rs. 4,96,732.78 |
| 3 | E.M.D. | Rs. 5000.00 for each work. |
| 4 | Period of Completion | 01(One) Month from the date of issue of work order. |
| 5 | Class of Contractor | "D" Class or "C" Class Contractor |
| 6 | Date & Time of availability of bid document in the office of the undersigned | From 10.30 AM of 20.03.2025 to 5.00 PM of 29.03.2025 |
| 7 | Last date/time for receipt of bid in the office of the undersigned. | Upto 5.00 PM of 29.03.2025 |
| 8 | Date of opening of bid | 02.04.2025 at 11.30AM |
| 9 | Name & Address of the O.I. T. | Office Of the Superintending Engineer, Baisinga Canal Division, Laxmiposi, Mayurbhanj-757107 |

Superitending Engineer,
baisinga canal division,
laxmiposi

OIPR: 32281/11/0017/2425



## ଆଦର୍ଶ ଶିକ୍ଷା କେନ୍ଦ୍ର

ନାମଲେଖା ଆରମ୍ଭ

ରାଜବରହମପୁର, ବାଲେଶ୍ୱର

Udise No - 0702571

ନାମଲେଖା ଆରମ୍ଭ

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆଦର୍ଶ ଶିକ୍ଷା କେନ୍ଦ୍ର ରାଜବରହମପୁରରେ ଶିଶୁ କଳିକଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ନାମ ଲେଖାଇବାକୁ ଇଚ୍ଛୁକ ଥିବା ଛାତ୍ରଛାତ୍ରୀମାନଙ୍କର ଅଭିଭାବକ ଅଭିଭାବିକାଙ୍କ ନିମନ୍ତେ ଶିକ୍ଷା ଅଧିକାର ଆଇନ୍ ୨୦୦୯ ଧାରା ୧୨ସି ଅନୁଯାଇ ନିଃଶୁଳ୍କ ନାମଲେଖା ଶିକ୍ଷାବର୍ଷ ୨୦୨୫/୨୬ ପାଇଁ www. rteparadarshi. odisha. gov. in ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଛି। ସାମାଜିକ ଓ ଆର୍ଥିକ ଅନଗ୍ରସରର (ଅନୁସୁଚିତ ଜାତି, ଜନଜାତି, ସାମାଜିକ ଶୈକ୍ଷିକ ଅନଗ୍ରସର, ଭିନ୍ନକ୍ଷମ ଏଚ.ଆଇ.ଭି ଆକ୍ରାନ୍ତ ପିତାମାତାଙ୍କ ଶିଶୁମାନଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷଣ ରହିଛି।

ପ୍ରଧାନ ଆଚାର୍ଯ୍ୟ
ଆଦର୍ଶ ଶିକ୍ଷା କେନ୍ଦ୍ର
ରାଜବରହମପୁର, ବାଲେଶ୍ୱର

ଯୋଗାଯୋଗ - ୭୯୭୮୧୮୯୮୧୧



## ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର, ନୂଆଗାଁ

(ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଓ ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ)

ନୂଆଗାଁ, ଲଙ୍କଲେଶ୍ୱର, ବାଲେଶ୍ୱର ଅଭିଜ୍ଞ ଶିକ୍ଷକମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରତିଷ୍ଠିତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର ଚଳିତ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଛାତ୍ରଛାତ୍ରୀମାନଙ୍କର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଆର୍ଥିକ ଅନଗ୍ରସର, ପଛୁଆ ବର୍ଗ ଜାତି, ଉପ ଜାତି, ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷା ଅଧିକାର ଆଇନ (RTE ACT-2009) ନିୟମ ଅନୁଯାୟୀ ୨୫% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। ଇଚ୍ଛୁକ ଛାତ୍ରଛାତ୍ରୀମାନେ ମାଗଣାରେ ନାମ ଲେଖାଇ ପାରିବେ। ଏହି ସୁଯୋଗ ନେବାପାଇଁ ଅଭିଭାବକମାନଙ୍କୁ ଅନୁରୋଧ କରାଯାଉଛି।

ସ୍ୱାକ୍ଷର
ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର
ପ୍ରଧାନ ଆଚାର୍ଯ୍ୟ

ମୋ: ୯୯୩୭୪୮୫୫୫୨, ୯୮୬୧୦୩୪୮୮୮


# ମା' ଆଙ୍କୁଡେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




ବାସୁଦେବପୁର, ୧୮/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିନାୟକପୁର ପଂଚାୟତର ମା ଆଙ୍କୁଡେଶ୍ୱରୀ ପ୍ରଥମ ଅଲ୍ ଓଡିଶା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇ ଯାଇଛି। ଏହି ଖେଳରେ କିଆପଡ଼ାର କଳିଙ୍ଗ ୟୁଥ୍ କ୍ଲବ୍ ଦଶ ଓଭର ଖେଳି ୧୮୨ ରନ୍ ସଂଗ୍ରହ କରିଥଲେ ଓ ଖାନ ସ୍ପୋଟିଂ ସାବରପୁର କୁ ହରାଇ ବିଜୟ ଲାଭ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ ସତ୍ୟ ରଞ୍ଜନ ମଲ୍ଲିକ ଓ ମ୍ୟାନ ଅଫ୍ ଦି ସିରିଜ ହୋଇଥିଲେ ସୁଲେମାନ। ଖେଳ ପରିଚାଳନା କରିଥିଲେ ଅମ୍ପାୟର ରଞ୍ଜନ ପଲାଇ ଓ ଚନ୍ଦନ ବିନ୍ଧାଣୀ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ। ଶ୍ରୀ ବିଶ୍ୱାଳ ଉଭୟ ଦଳର ଖେଳାଳିଙ୍କୁ ଟ୍ରଫି ଓ ଆର୍ଥିକ ରାଶି ସହିତ ପୁରସ୍କାର ପ୍ରଦାନ କରିଥଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ରମାକାନ୍ତ ଦାସ, ରାଜେନ୍ଦ୍ର ବାରିକ୍, ଖଗେନ୍ଦ୍ର ମଲ୍ଲିକ ଓ ଚନ୍ଦନ ଭାଇ । ଧାରା ବିବରଣୀ ପ୍ରଦାନ କରିଥିଲେ ରାକେଶ ବେହେରା।ଏହି ଖେଳ ଅନୁଷ୍ଠାନର ସମ୍ପାଦକ ନୀଳାଦ୍ରି ଦାସ, ସଭାପତି ଗୋପୀ ଭାଇ ଓ ସଦସ୍ୟ ସତ୍ୟ ରଞ୍ଜନ ପଢ଼ିଆରି, ଓମ୍ ପ୍ରକାଶ ମଲ୍ଲିକ, ଚିନୁ ପ୍ରଧାନ, ବାଦଲ ଖାଁ, ଅଜିତ୍ ଜେନା, ଦେବାଶିଷ ଜେନା, ସୂର୍ଯ୍ୟ ପ୍ରକାଶ ବାରିକ ପ୍ରମୁଖ ଯୋଗ ଦେଇଥିଲେ।ସମସ୍ତ ଅତିଥି ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ଓ ପ୍ରେରଣା ଦେଇଥିଲେ ତଥା ସମାଜ ପାଇଁ ଖେଳର ଆବଶ୍ୟକତା ଅଧିକ ରହିଛି ବୋଲି ନିଜ ବକ୍ତବ୍ୟ ରେ ପ୍ରକାଶ କରିଥିଲେ। ଏହି ଖେଳର ଆୟୋଜନ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇ ଥିଲା। ଅନୁଷ୍ଠାନର ସଭାପତି, ସମ୍ପାଦକ ଓ ସମସ୍ତ ସଦସ୍ୟ ଙ୍କୁ ମୁଖ୍ୟ ଅତିଥି ପିଣ୍ଟୁ ପ୍ରଧାନ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ରାକେଶ ଭାଇ ଧାରା ବିବରଣୀ ପ୍ରଦାନ କରିଥିଲେ। ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ରମାକାନ୍ତ ସେବା ଫାଉଣ୍ଡେସନ ର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ଆସନ୍ତା କାଲି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ପାରାଦୀପ ବନ୍ଦର ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ




ପାରାଦୀପ, ୧୮/୩ (ନି.ପ୍ର): ପାରାଦୀପ ବନ୍ଦର ପକ୍ଷରୁ ମଙ୍ଗଳବାର ଦିନ ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା । ମହିଳା ସଶକ୍ତିକରଣ, ଲିଙ୍ଗଗତ ବୈଷମ୍ୟତା ଦୂର ହେଲେ ସମାଜର ବିକାଶ ହୋଇପାରିବ ବୋଲି ମୁଖ୍ୟଅତିଥି ଶ୍ରୀ ଦାସଗୁପ୍ତା କହିଥିଲେ । ପାରାଦୀପ ବନ୍ଦର ସର୍ବଦା ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେଇଆସିଛି । ବନ୍ଦର ପରିଚାଳନାରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସେ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ସଚୀବ କ୍ୟାପଟେନ୍ ଅଲେଖ ଚନ୍ଦ୍ର ସାହୁ, ଆଇସିଏସଏସଆର୍ ଅଭିଜ୍ଞ ଅଧିକାରୀ ସ୍ୱର୍ଣ୍ଣମୟୀ ତ୍ରିପାଠୀ, ସାମାଜିକ କର୍ମ ତାପସୀ ପ୍ରହରାଜ ଯୋଗ ଦେଇ ମହିଳା ଓ ବାଳିକାମାନେ ଲିଙ୍ଗଗତ ବୈଷ୍ୟମତା ଦୂର ହେବା ଉପରେ ଗୁରୁତ୍ୱ ଦେଇଥିଲେ । କର୍ମକ୍ଷେତ୍ରରେ ମହିଳାମାନେ ସୁରକ୍ଷିତ ହେବା ଉପରେ ମଧ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । କର୍ମଜୀବୀ ମହିଳାକକ୍ଷର ଅଧକ୍ଷା ସୁସ୍ମିତା ସାମଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସୁପିତୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ମୂଖ୍ୟଅତିଥି ଶ୍ରୀ ଦାସଗୁପ୍ତା ଉଲ୍ଲେଖନୀୟ ଅବଦାନ ନିମନ୍ତେ ମହିଳା ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ରାସ୍ତା ପ୍ରଶସ୍ତିକରଣ ପାଇଁ ଜବରଦଖଲ ଉଚ୍ଛେଦ

ନୀଳଗିରି , ୧୮/୩ (ନି.ପ୍ର): ବଢୁଥିବା ଜନସଂଖ୍ୟା ଏବଂ ଯାନବାହାନକୁ ସୁଗମ୍ୟ ତଥା ସୁବ୍ୟବସ୍ଥିତ କରିବାପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ରାସ୍ତାର ଉନ୍ନତିକରଣ ଏବଂ ନବୀକରଣ ପାଇଁ କାର୍ଯ୍ୟକରୁଥିବା ବେଳେ ବହୁସ୍ଥାନରେ ଲୋକମାନେ ସରକାରୀ ରାସ୍ତା ସହ ଜାଗାକୁ ଅବରୋଧ କରି ରଖିଥିବାରୁ ରାସ୍ତାକାର୍ଯ୍ୟ ହୋଇପାରୁନାହିଁ। ବାରମ୍ବାର ସରକାରୀ ସ୍ତରରେ ଲୋକଙ୍କୁ ବୁଝାସୁଝା କରାଯାଇଥିଲେ ମଧ ଜବରଦଖଲ ହଟିନଥିଲା। ସୂଚନା ଅନୁଯାୟୀ ନୀଳଗିରି ବ୍ଲକର ଭାଲୁକାଶୁଣି ଠାରୁ ମାଟିଆଳୀ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ପୂର୍ତ୍ତବିଭାଗ କାର୍ଯ୍ୟ ଜାରି ରଖିଥିବା ବେଳେ ନରଣପୁର ଗ୍ରାମର ଉଡାଛକ ଠାରୁ ତାରିଣୀମନ୍ଦିର ପର୍ଯ୍ୟନ୍ତ ସରକାରୀ ଜାଗାକୁ ଜବରଦଖଲକାରୀ ମାନେ ଜବରଦଖଲ କରି ରଖିଥିବାରୁ ବିଭାଗୀୟ ଜେ.ଇ ଓ ଠିକାଦାର ଜବରଦଖଲକରୀଙ୍କ ସହ କଥାବାର୍ତ୍ତା କରି ରାସ୍ତାପାର୍ଶ୍ୱ ସରକାରୀ ଜମି ଛାଡିବାକୁ ଅନୁରୋଧ କରିଥିଲେ ମଧ ଜବରଦଖଲକାରୀ ମାନେ ଜାଗା ଛାଡ଼ିବା ତ ଦୂରରକଥା ପାଲଟା ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ବିଭାଗୀୟ ଜେ.ଇ ଓ ଠିକାଦାର ନୀଳଗିରି ତାହସିଦାରଙ୍କ ଠାରେ ଅଭିଯୋଗ କରିବା ପରେ ଆଜି ନୀଳଗିରି ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ଓ ବରହମପୁର ପୋଲିସ ଏବଂ ପୋଲିସ ଫୋର୍ସ ସହାୟତାରେ ଜଦରଦଖଲକାରୀଙ୍କ ବାଡ଼, କଂକ୍ରିଟଗେଟ ଭଙ୍ଗାଯାଇ ଉଚ୍ଛେଦ କରାଯାଇଥିବା ଦେଖିବାକୁ ମିଳିଛି।

ବୁଧବାର, ମାର୍ଚ୍ଚ ୧୯, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଶେଷ ହେଲା ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଓ ୩୨ ବେଶ

ଜଳେଶ୍ୱର, ୧୮/୩ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ଗ୍ରାମ ପଞ୍ଚାୟତ ସ୍ଥିତ ସାନରାଉତପଡ଼ା ଗ୍ରାମ ସନ୍ନିକଟ ପ୍ରବାହିତ ସୁବର୍ଣ୍ଣରେଖା ନଦୀ ପଠାରେ ଆୟୋଜିତ ୧୧ ଦିନ ଧରି ଚାଲିଥିବା ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଓ ୩୨ ବେଶ ସୋମବାର ହେଉଛି ଅନ୍ତିମ ଦିବସ।ଦୀର୍ଘ ୧୧ ଦିନ ଧରି ୩୨ ବେଶ ନିତିରିତିରେ ପଣ୍ଡିତ ମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯିବା ସହ ପ୍ରତ୍ୟହ ସନ୍ଧ୍ୟାରେ ସନ୍ଧ୍ୟା ଆଳତି ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଆସି ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ଶେଷ ଦିନ ଅର୍ଥାତ୍ ଉଦଯାପନୀ ସନ୍ଧ୍ୟା ରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।ଉକ୍ତ ସଭାରେ ରାଇବଣିଆ ଅଞ୍ଚଳର ବରିଷ୍ଠ ସମାଜସେବୀ ରାସ ବିହାରି ରଣାଙ୍କ ମଞ୍ଚ ଆହ୍ୱାନ ଓ ପରିଚାଳନାରେ ମୁଖ୍ୟ ଅତିଥି ଝାଡ଼ପିମ୍ପଳ ସରପଞ୍ଚ ଜୟକୃଷ୍ଣ ଅଣ୍ଡିଆ, ବରେଣ୍ୟ ଅତିଥି ଭାବେ ପାଇକସିଦା ଆଞ୍ଚଳିକ ସାଧନ କେନ୍ଦ୍ରର ପ୍ରାକ୍ତନ ସଂଯୋଜକ ରାମଚନ୍ଦ୍ର ଜେନା, ପାଇକସିଦା ସିଆରସିସି ଶ୍ରୀକାନ୍ତ ଧଳ, ଚୋରମରା ଉ:ପ୍ରା ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପରମାନନ୍ଦ ନାୟକ, ଜଳେଶ୍ୱର ସହରର ବରିଷ୍ଠ ସମାଜସେବୀ ରାଜେଶ କୁମାର ଖଟୁଆ, ବରିଷ୍ଠ ସମାଜସେବୀ ତଥା ପ୍ରାକ୍ତନ ସରପଞ୍ଚ ମଧୁସୂଦନ ଦତ୍ତ, କୋଟସାହି ଗ୍ରାମ୍ୟ ମୁଖ୍ୟ କାହ୍ନୁ ଦାସ ମହାପାତ୍ର ଓ ଚୋରମରା ଗ୍ରାମ ପଞ୍ଚାୟତର ବରିଷ୍ଠ ସମାଜସେବୀ ମନ୍ତୋଷ କୁମାର କାମିଲା ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିବା ସହ ଦୀର୍ଘ ୧୧ ଦିନ ଧରି ଧୈର୍ଯ୍ୟର ସହିତ ମହୋତ୍ସବ ଓ ୩୨ ବେଶ ଚାଲି ଥିବାରୁ ଆୟୋଜକ ଓ ଅଞ୍ଚଳ ବାସୀଙ୍କୁ ଧନ୍ୟବାଦ୍ ଦେଇଥିଲେ।ଶେଷରେ କମିଟି ପକ୍ଷରୁ ଭଜନ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତିଙ୍କୁ ଉତ୍ତରୀୟ ସମ୍ବର୍ଦ୍ଧନା କରିବା ସହ ଅନ୍ୟ କେତେକ ପ୍ରତିଭାଧାରୀ ବ୍ୟକ୍ତି ବିଶେଷଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା ଏବଂ ମୁଖ୍ୟ ଆୟୋଜକ ବ୍ରଜ ମୋହନ ପ୍ରଧାନଙ୍କୁ ଚୋରମରା ପଞ୍ଚାୟତର ଯୁବ ମଞ୍ଚ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

# ନୀଳଗିରି ଅବକାରୀ ବିଭାଗର ଚଢ଼ାଉ: ୩ଗିରଫ

## ଦେଶୀମଦ ଜବତ ସହ ବିପୁଳ ପରିମାଣରେ ଦେଶୀ ମଦ ଓ ପୋଚ ନଷ୍ଟ

ନୀଳଗିରି , ୧୮/୩ (ନି.ପ୍ର): ନୀଳଗିରି ଅବକାରୀବିଭାଗ ମଙ୍ଗଳବାର ଦିନ ନୀଳଗିରି ଅଞ୍ଚଳରେ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛନ୍ତି। ସୂଚନା ଅନୁସାରେ ବରହମପୁର ଥାନା ଅଧୀନସ୍ଥ ଚାପଲସାହି ଗ୍ରାମରେ ଅତର୍କିତ ଚଢାଉକରି ସୁଭଦ୍ରା ଟୁଡୁ(୪୦) ନାମକ ମହିଳାଙ୍କ ଘରୁ ୯ଲିଟର ଦେଶୀମଦ ଜବତ କରିଥିବା ବେଳେ ଉକ୍ତ ଥାନା ଅନ୍ତର୍ଗତ ଜାମ୍ବଣୀ ଗ୍ରାମର ସାଧୁମଣି ସୋରେନ୍(୩୦) ଠାରୁ ୧୦ଲିଟର, ଏବଂ ଉକ୍ତ ଗ୍ରାମର ପାର୍ବତୀ ସୋରେନ(୩୧)ଙ୍କ ଘରୁ ୧୦ଲିଟର ଦେଶୀମଦ ଜବତ କରିଥିବା ବେଳେ ତିନି ଜଣଙ୍କୁ ଗିରଫ କରାଯାଇଛି।



ସେହିପରି ବଡ଼େଇପଲା ଜଙ୍ଗଲରେ ଗଚ୍ଛିତ ଥିବା ୩୨୦ଲିଟର ଦେଶୀମଦ ସହ ୨୯୫୦ଲିଟର ମହୁଲି ପୋଚକୁ ଅବକାରୀବିଭାଗ ନଷ୍ଟ କରିଛନ୍ତି। ଏହି ଚଢ଼ାଉରେ ଇନ୍ସପେକ୍ଟର କେଶବ ଚନ୍ଦ୍ର ଦାସ, ନୀଳଗିରି ଅବକାରୀ ଓଆଇସି ଜଗନ୍ନାଥ ବେହେରା,ଏ.ପି.ଆର୍ ଟିମ୍ ଓ ଅବକାରୀ ବିଭାଗର କର୍ମଚାରୀ ସାମିଲଥିଲେ। ତିନିଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।

# ଖାଦ୍ୟ ସୁରକ୍ଷାରୁ ବଂଚିତ 'ସୀତା ମୁଣ୍ଡା'

ଉଦଳା , ୧୮/୩ (ନି.ପ୍ର): କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ମୟୂରହୁଡ଼ା ଗ୍ରାମର ଦୃଶ୍ୟ ଏହି ଗ୍ରାମର ବାସିନ୍ଦା ସୁକୁରା ସିଂଙ୍କ ସହଧର୍ମିଣୀ ସିତା ମୁଣ୍ଡା ଖାଦ୍ୟ ସୁରକ୍ଷା ଯୋଜନାରୁ ବଂଚିତ ଥିବାର ଜଣାଯାଇଛି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା 'ସିତା' ମୁଣ୍ଡ ପିଛା ସରକାର ଯୋଗାଇ ଦେଉଥିବା ୫କିଗ୍ରା ଚାଉଳ ପାଇପାରୁନଥିବାର କଥା ଗଣମାଧ୍ୟମକୁ ଜଣାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଲେ ମଧ କେହି କର୍ଣ୍ଣପାତ କରୁନଥିବାର 'ସିତା' ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀ ଓ ଶିଶୁ ନିମନ୍ତେ ବୃତ୍ତିଗତ ଶିକ୍ଷା ଚୟନ, ଅର୍ଥ ଓ ହିସାବ ସମ୍ବନ୍ଧୀୟ କର୍ମଶାଳା

ଭଦ୍ରକ, ୧୮/୩ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ଆନୁକୁଲ୍ୟରେ ଦୋଳସାହି ସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନ ଯୋଗିରୁଷି ଲାଚମନ ଦାସ ଶିଶୁ ଆଶ୍ରମ ଠାରେ ଅନୁଷ୍ଠିତ ହୋଇ ଯାଇଅଛି। ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଡାକ୍ତର ଦେବରାଜ ପାଣିଗ୍ରାହୀ ଯୋଗଦାନ କରି ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁ ମାନେ ମାଟ୍ରିକ ଓ ଯୁକ୍ତ ଦୁଇ ପାଠ୍ୟକ୍ରମ ପରେ ପ୍ରଯୁକ୍ତିଗତ ଶିକ୍ଷା ଯଥା ଆଇ.ଟି. ଆଇ ଓ ଡିପ୍ଲୋମା ଇତ୍ୟାଦି ପାଠ ପଢ଼ିବା ଦ୍ୱାରା ଶିଶୁ ମାନେ ଭବିଷ୍ୟତର ବୃତ୍ତି ଚୟନ ସହଜ ହୋଇପାରିବ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ନିୟୋଜନ ଅଧିକାରିଣୀ ଅନୀତା ନାୟକ ଯୋଗଦେଇ ବିଶ୍ୱ ଦକ୍ଷତା କେନ୍ଦ୍ର ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ଯଥା ସିଲାଇ, ସୌନ୍ଦର୍ଯ୍ୟ ଓ କେଶବିନ୍ୟାସ, ଚିକିତ୍ସା ସହାୟକ ଇତ୍ୟାଦି ଅଠର ବର୍ଷ ପରେ ଶିଶୁ ମାନେ ପ୍ରଶିକ୍ଷଣ ନେଇ କର୍ମ ନିଯୋଜନ ପାଇପାରିବେ, ବୃତ୍ତିଗତ ଶିକ୍ଷା ଦ୍ୱାରା ଶିଶୁମାନେ କୁଶଳୀ ହୋଇ ରୋଜଗାରକ୍ଷମ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଷୟ ବିଶାରଦ ଭାବେ ଭଦ୍ରକ ସରକାରୀ ପଲିଟେକ୍ନିକ୍‌ର ବରିଷ୍ଠ ପ୍ରାଧ୍ୟାପକ ସତ୍ୟଜିତ ଧଳ ଯୋଗଦାନ କରି ଡିପ୍ଲୋମା ଶିକ୍ଷା ଦ୍ୱାରା ଶିଶୁ ମାନେ କୁଶଳୀ ହୋଇ ଭଲ କର୍ମ ନିଯୁକ୍ତିରେ ଯୋଗଦେଇ ପାରିବ। ସଠିକ ବୃତ୍ତିଗତ ଶିକ୍ଷା ଚୟନ ଦ୍ୱାରା ଶିଶୁ ମାନେ ରୋଜଗାରକ୍ଷମ ହୋଇପାରିବେ। ଅଧିକ ସଂଖ୍ୟାରେ ଶିଶୁ ମାନେ ବୈଷୟିକ ଶିକ୍ଷାରେ ଯୋଗଦାନ ନିମନ୍ତେ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ବିଷୟ ବିଶାରଦ ଭାବେ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ସହକାରୀ ପ୍ରଶିକ୍ଷଣ ଅଧିକାରିଣୀ ତମସାରାଣୀ ବେହେରା ଯୋଗଦାନ କରି ମାଟ୍ରିକ ପରୀକ୍ଷା ଉତ୍ତିର୍ଣ୍ଣ ପରେ ଶିଶୁ ମାନେ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ପ୍ରଦାନ କରାଯାଉଥିବା ପ୍ରଶିକ୍ଷଣ ଯଥା ଇଲେକଟ୍ରିଶିୟାନ, କମ୍ପ୍ୟୁଟର, ଫିଟର ଇତ୍ୟାଦିରେ ଶିକ୍ଷାଲାଭ କରି କର୍ମନିଯୁକ୍ତି ପାଇପାରିବେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରଯୁକ୍ତି ଓ ବୃତ୍ତିଗତ ଶିକ୍ଷା ଦ୍ୱାରା ଶିଶୁ ମାନେ କୁଶଳୀ ହୋଇ କର୍ମ ନିଯୁକ୍ତି ପ୍ରାପ୍ତି ନିମନ୍ତେ ନିଜକୁ ପ୍ରସ୍ତୁତ କରିପାରିବେ ବୋଲି ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ବିଶ୍ୱନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ ଶିଶୁ ମାନଙ୍କ ନିମନ୍ତେ ବୈଷୟିକ ଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାଧାରଣ ଶିକ୍ଷା ଦ୍ୱାରା ଶିଶୁ ମାନେ କର୍ମ ନିଯୁକ୍ତି ପାଇବା କଷ୍ଟସାଧ୍ୟ ହୋଇପାରେ ସେ କହିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ଶିଶୁଯତ୍ନ ଅନୁଷ୍ଠାନରେ ଅର୍ଥ ଓ ହିସାବର ସଠିକ ପରିଚାଳନା ସମ୍ବନ୍ଧୀୟ ଏକ ପ୍ରଶିକ୍ଷଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏଥିରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ହିସାବରକ୍ଷକ ଧୀରଜ କୁମାର ବାରିକ ସରକାରଙ୍କ ଅର୍ଥ ସମ୍ବନ୍ଧୀୟ ନିୟମାବଳୀର ସଠିକ ପରିଚାଳନା କରିବା ନିମିତ୍ତ ସୂଚନା ପ୍ରଦାନ କରିଥିଲେ। ଉପୋରକ୍ତ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାର ନଅଗୋଟି ଶିଶୁ ଯତ୍ନ ଅନୁଷ୍ଠାନ ଯଥା ଯୋଗିରଷି ଲାଚମନ ଦାସ ଶିଶୁ ଆଶ୍ରମ, ଗାନ୍ଧୀ ଓଡିଶା ବାଳାଶ୍ରମ, ଉତ୍କଳମଣି ଦରିଦ୍ର ନାରାୟଣ ସେବା ମନ୍ଦିର, ମହାପୁରୁଷ ଆଶ୍ରମ, ଶାନ୍ତି ଆଶ୍ରମ, ଆସିୟାନା, ଫେଲ୍ଲୋସିପ୍, ବାତ୍ସଲ୍ୟ, ମାନବସେବା କନ୍ୟା ଆଶ୍ରମର ଅଧ୍ୟକ୍ଷ, କାଉନ୍ସେଲର, ପ୍ରୋବେଶନ ଅଧିକାରୀ, ହିସାବ ରକ୍ଷକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଓ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁ ମାନେ ଉପସ୍ଥିତ ଥିଲେ। ଏଥିସହିତ ଯୋଗିରଷି ଲାଚମନ ଦାସ ଶିଶୁ ଆଶ୍ରମର ସମ୍ପାଦକ ଲୋକନାଥ ପତି, ଗାନ୍ଧୀ ଓଡ଼ିଶା ବାଳାଶ୍ରମ ର ସମ୍ପାଦକ ଅଶୋକ କୁମାର ଦାସ, ଉତ୍କଳମଣି ଦରିଦ୍ର ନାରାୟଣ ସେବା ମନ୍ଦିରର ସମ୍ପାଦକ ମୁକ୍ତିକାନ୍ତ ନାୟକ ପ୍ରମୁଖ ଯୋଗଦାନ କରିଥିଲେ।




# ଆଜିଠୁ ଜନତା ମଇଦାନରେ ତୋଷାଳି ମେଳା

ଭୁବନେଶ୍ୱର, ୧୮/୩ (ନି.ପ୍ର): ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି ଉନ୍ନବିଂଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା-୨୦୨୫ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଶୁଭ ଉଦଘାଟନ କରିବେ। ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଚଳିତବର୍ଷ ଏହି ମେଳାରେ ୬୫୦ ରୁ ଅଧିକ ଷ୍ଟଲର ଆୟୋଜନ ହୋଇଛି । ଭାରତ ସରକାରଙ୍କ ହସ୍ତଶିଳ୍ପ ବିକାଶ ଆୟୁକ୍ତଙ୍କ ପକ୍ଷରୁ ୧୫୦ଟି ଷ୍ଟଲ, ହସ୍ତତନ୍ତ ବିକାଶ ଆୟୁକ୍ତଙ୍କ ପକ୍ଷରୁ ୫୦ ଟି ଷ୍ଟଲ, ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ୨୫୦ ଷ୍ଟଲ, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ୧୧୦ ଟି ଷ୍ଟଲ ବ୍ୟବସ୍ଥା ହୋଇଛି। ଓଡିଶାର ପାରମ୍ପରିକ ଖାଦ୍ୟ ପାଇଁ ୩୫ ଗୋଟି ଷ୍ଟଲ ରହିବ। ଏତଦ ବ୍ୟତୀତ ବିଭିନ୍ନ ଶିକ୍ଷାନୁଷ୍ଠାନ, ଭାରତ ତଥା ଓଡିଶା ସରକାରଙ୍କ ଅଧିନସ୍ଥ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ଭିତିକ ସଂସ୍ଥାମାନେ ବିଭିନ୍ନ ଷ୍ଟଲରେ ଦର୍ଶକମାନଙ୍କୁ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଷୟରେ ଅବଗତ କରିବେ । ୨୫୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ପ୍ରସ୍ତୁତ ହୋଇଛି ଥିମ ପାଭିଲିଅନ୍ "ଶିଳ୍ପ ସୃଜନୀ ।" ଦିବା ୩.୦୦ ଘଟିକା ଠାରୁ ରାତ୍ର ୧୦.୦୦ ଘଟିକା ପର୍ଯ୍ୟନ୍ତ ଷ୍ଟଲ ଖୋଲା ରହିବ । ପ୍ରତ୍ୟେକ ଦିନ ସନ୍ଧ୍ୟା ୬ ରୁ ରାତ୍ର ୯.୩୦ ଘଟିକା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ରାଜ୍ୟର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପକୁ ନେଇ "ଫ୍ୟାସନ ସୋ"ର ମଧ କରାଯିବ। ଚଳିତ ବର୍ଷ ମେଳାରେ ୩୦ ଲକ୍ଷ ଜନ ସମାବେଶ ସହିତ ୨୮ କୋଟି ଟଙ୍କାର ସାମଗ୍ରୀ ବିକ୍ରି ହେବ ବୋଲି ଆଶା କରାଯାଉଛି । ତୋଷାଳି ଜାତୀୟ ମେଳା ପରିସରରେ ସମସ୍ତ ବ୍ୟବସ୍ଥା ଯଥା ଦମକଳ ବାହିନୀ, ନିରାପତା ସହାୟତା, ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀ, ପ୍ରାଥମିକ ଚିକିତ୍ସା ସେବା, ଆମ୍ବୁଲାନ୍ସ ସେବା, ପାନୀୟ ଜଳ, ଶୌଚାଳୟ, ଏଟିଏମ୍ କାଉଣ୍ଟରର ସୁବିଧା କରାଯାଇଛି । ମହିଳା କାରିଗର ଓ ବୁଣାକାରମାନଙ୍କ ନିମନ୍ତେ ମାଗଣା ରହଣି ତଥା ପରିବହନ ସୁବିଧା ଆଦିର ବ୍ୟବସ୍ଥା କରାଯାଇଛି । ହୁଇଲ ଚେୟାର ସହ ଦିବ୍ୟାଙ୍ଗ ଓ ବୟସ୍କ ପରିଦର୍ଶକଙ୍କ ପାଇଁ ଏକ ସ୍ୱତନ୍ତ୍ର ହେଲ୍ପ ଡେସ୍କର ବ୍ୟବସ୍ଥା କରାଯାଇଛି। ଦିବ୍ୟାଙ୍ଗ ଓ ମହିଳା ପରିଦର୍ଶକମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଶୌଚାଳୟର ବନ୍ଦୋବସ୍ତ ହୋଇଛି । ସର୍ବୋପରି ମା' ଓ ଶିଶୁଙ୍କ ପାଇଁ ଏକ ସ୍ୱତନ୍ତ୍ର ଶିଶୁ ଯତ୍ନ ଗୃହର ପରିକଳ୍ପନା କରାଯାଇଅଛି । ଭାରତ ସରକାରଙ୍କ ହସ୍ତତନ୍ତ ମନ୍ତ୍ରାଳୟର ବିକାଶ ଆୟୁକ୍ତ (ହସ୍ତଶିଳ୍ପ) ଓ ବିକାଶ ଆୟୁକ୍ତ (ହସ୍ତତନ୍ତ), ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଏବଂ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ସିଡାକ)ର ମିଳିତ ସହଭାଗିତାରେ ଏହି ମେଳା ଆୟୋଜନ ହେଉଛି । ଏହି ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର, ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ, ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ, ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ବିଶାଳ ନିଯୁକ୍ତି ମେଳା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୧୮/୩ (ନି.ପ୍ର): ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ବାଲେଶ୍ୱର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆସନ୍ତା ତା ୨୮.୦୩.୨୦୨୫ ରିଖ ସ୍ଥାନୀୟ ନୋସି ବିଜନେସ ପାର୍କଠାରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହେବାକୁ ଯାଉଅଛି ଓ ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଉକ୍ତ ବୈଠକରେ ଭାରପ୍ରାପ୍ତ ଉପଜିଲ୍ଲାପାଳ ବାଲେଶ୍ୱର ଡ଼ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଶ୍ରୀ ଗତିକୃଷ୍ଣ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ, ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମୀରଂଜିତ ଦଳ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ବେସରକାରୀ, ଘରୋଇ ଅନୁଷ୍ଠାନ, ଶିଳ୍ପଅନୁଷ୍ଠାନର ପଦାଧିକାରୀମାନେ ଉପସ୍ଥିତ ଥିଲେ । ଏହି ନିଯୁକ୍ତି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରର ମୋଟ ୪୦ ଗୋଟି ବେସରକାରୀ, ଘରୋଇ ଅନୁଷ୍ଠାନ, ଶିଳ୍ପଅନୁଷ୍ଠାନ, ନିଯୁକ୍ତିଦାତା ଯୋଗ ଦେଇ ପ୍ରାର୍ଥୀପ୍ରାର୍ଥୀନୀଙ୍କୁ ଚୟନକରି ସିଧା ସଳଖ ନିଯୁକ୍ତି ପ୍ରଦାନ କରିବେ ବୋଲି ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି ଓ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ତାଲିମ ପ୍ରଦାନକାରୀ ସଂସ୍ଥା ମଧ ଯୋଗଦେଇ ଦେୟ ମୁକ୍ତ ତାଲିମ ପାଇଁ ଚୟନ କରି ତାଲିମ ପରେ ନିଯୁକ୍ତି ପ୍ରଦାନ କରିବେ ବୋଲି ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି ଓ ୧୮ ରୁ ୩୫ ବର୍ଷ ମଧ୍ୟରେ ଥିବା ପଞ୍ଚମ ପାସ ଠାରୁ ଉର୍ଦ୍ଧ୍ୱ, ମେଟ୍ରିକ, ଯୁକ୍ତ ଦୁଇ, ସ୍ନାତକ, ଆଇ.ଟି.ଆଇ, ଡିପ୍ଲୋମା ପାସ କରିଥିବା ପ୍ରାର୍ଥୀପ୍ରାର୍ଥୀନୀ ମାନେ ନିଯୁକ୍ତି ମେଳାରେ ଭାଗନେଇ ପାରିବେ ଓ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର, ପାସପୋର୍ଟ ଫଟୋ, ଆଧାର କାର୍ଡ ସହିତ ବାଲେଶ୍ୱର ଜିଲ୍ଲାର ଇଚ୍ଛୁକ ପ୍ରାର୍ଥୀପ୍ରାର୍ଥୀନୀମାନେ ବହୁଳ ସଂଖ୍ୟାରେ ଯୋଗଦେଇ ଉକ୍ତ ନିଯୁକ୍ତି ମେଳାରେ ନିଯୁକ୍ତିର ସୁଯୋଗ ନେବାକୁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି ।

# ଆଧାର ନାହିଁ ବୋଲି ନେଲେ ନାହିଁ ଆଡ଼ମିସନ: ଆଦୌ ବିଦ୍ୟାଳୟର ମାଟି ମାଡ଼ିପାରିଲେ ନାହିଁ 'ରାତୁ'

ଉଦଳା , ୧୮/୩ (ନି.ପ୍ର): କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ମୟୂରହୁଡ଼ା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ରାୟାଁ ମାର୍ଣ୍ଡି ଓ ତାଙ୍କର ସହଧର୍ମିଣୀ ବାଙ୍ଗି ମାର୍ଣ୍ଡିଙ୍କର ୮ ବର୍ଷ ବୟସର ପୁତ୍ର 'ରାତୁ' ଏ ପର୍ଯ୍ୟନ୍ତ ବିଦ୍ୟାଳୟର ମାଟି ମାଡ଼ି ପାରିନଥିବାର ଖବର ଆମର ହସ୍ତଗତ ହୋଇଛି । ଖବର ନେବାରୁ ଜଣାଯାଇଛି 'ରାତୁ' ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରରୁ ପାଠ ଶେଷ କରିଛନ୍ତି ।



ପରେ ବିଦ୍ୟାଳୟକୁ ନାମ ଲେଖାଇବାକୁ ଯିବାରୁ ଦାୟିତ୍ୱରେ ଥିବା କାର୍ଯ୍ୟରତ ଶିକ୍ଷକ ଆଧାର କାର୍ଡ଼ ମାଗିଲେ । 'ରାତୁ' ଆଧାର କାର୍ଡ଼ ଦେଖାଇ ନପାରିବାରୁ ନାମ ଲେଖା ଯାଇପାରିବ ନାହିଁବୋଲି ଶିକ୍ଷକ ରୋକ ଠୋକ ମନା କରି ବିଦା କରିଦେଇଥିବାର କଥା ପରିବାରର ଲୋକେ ଗଣମାଧ୍ୟମକୁ ଜଣାଇଛନ୍ତି । ସେହିପରି ପରିବାରକୁ ମିଳୁଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ମଧ 'ରାତୁ' ବଂଚିତ ଥିବାର ଜଣାଯାଇଛି । ବିଭାଗୀୟ କର୍ତୃପକ୍ଷ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଛିନ୍‌ତାଇଙ୍କ ଗୁଳିକାଣ୍ଡରେ ଯୁବକ ଗୁରୁତର



ବସ୍ତା , ୧୮/୩ (ନି.ପ୍ର): ଥାନା ଚକୁରାଇ ଗ୍ରାମ ରେ ବିଳମ୍ବିତ ରାତିରେ ଗୁଳି କାଣ୍ଡ , ଛିନତାଇ ଅଭିଯୋଗ। ସୂଚନା ଅନୁସାରେ ନୀମା ଗ୍ରାମ ର ବଂଶୀଧର ଜେନାଙ୍କ ୨୬ ବର୍ଷ ର ପୁଅ ସୁଧାଂଶୁ ସେଖର ଜେନା ଏବଂ ତାଙ୍କର ସମ୍ପର୍କୀୟ ଭାଇ ସହିତ ମୁକୁଳୁସି ଗ୍ରାମ ରେ ଥିବା ଭଉଣୀ ଘର କୁ ଆସି ରାତି ପ୍ରାୟ ଏଗାରଟା ସମୟ ରେ ଗ୍ରାମ୍ୟ ରାସ୍ତା ମୁକୁଳୁଶି ରୁ ଚକୁରାଇ ଦେଇ ନିମା ଯାଉଥିବା ବେଳେ, ହଠାତ୍ ଦୁଇଟି ବାଇକ୍ ରେ ତିନି ଜଣ ଯୁବକ ଶ୍ରୀ ଜେନା ଙ୍କ ଗାଡ଼ି କୁ ଅଟକ କରି, ଗାଡ଼ି, ମୋବାଇଲ ଫୋନ, ଏବଂ ମନିପସ ଛଡ଼ାଇବାକୁ ଚେଷ୍ଟା କରିଥିଲେ। ହେଲେ ଶ୍ରୀ ଜେନା ଗାଡ଼ି ନ ଛାଡ଼ିବା ରୁ ଦୁବୃର୍ତ୍ତ ମାନେ ଶ୍ରୀ ଜେନା ଙ୍କ ଗୋଡ କୁ ଗୁଳି କରି ଫେରାର ହୋଇ ଯାଇଥିଲେ। ତେବେ ରାତି ଅଧରେ ଗୁରୁତର ଯୁବକଙ୍କୁ ଉଦ୍ଧାର କରି ବସ୍ତା ମେଡିକାଲ କୁ ଅଣା ଯାଇଥିବା ବେଳେ ଅଧିକ ଗୁରୁତର ଥିବାରୁ ବାଲେଶ୍ୱର ମେଡିକାଲ କୁ ସ୍ଥାନାନ୍ତର କରାଯାଇଛି। ବସ୍ତା ପୋଲିସ ଘଟଣା ର ତଦନ୍ତ ଜାରି ରଖିଛନ୍ତି।

# ଶୂନ୍ୟ କାଳରେ ନାରୀ ନିର୍ଯାତନା ଓ ଆଇନ ଶୃଙ୍ଖଳା କଥା ଉଠାଇଲା କଂଗ୍ରେସ

ଭୁବନେଶ୍ୱର, ୧୮/୩ (ନି.ପ୍ର): ଶୂନ୍ୟକାଳରେ କଂଗ୍ରେସ ବିଧାୟକ ମାନେ ରାଜ୍ୟରେ ବଢୁଥିବା ନାରୀ ନିର୍ଯ୍ୟାତନା ଓ ଆଇନ ଶୃଙ୍ଖଳାୀ ପରିସ୍ଥିତିକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଏହି ପ୍ରସଙ୍ଗକୁ ନେଇ ଗୃହ କମିଟି ଗଠନ କରିବାକୁ କଂଗ୍ରେସ ବିଧାୟକ ମାନେ ଦାବି କରିଛନ୍ତି । ଆଜି ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି ୨୦୦୦ ରୁ ୨୦୨୪ ମଧ୍ୟରେ ୪୪, ୮୨୩ ଜଣ ନିଖୋଜ ହୋଇଛନ୍ତି । ୨୦୨୪ ଜୁନ ରୁ ଏଇ ୮ ମାସ ମଧ୍ୟରେ ୧୮୦୦୧ ନାରୀ ନିର୍ଯାତନା ମାମଲା ସାମ୍ନା କୁ ଆସିଛି । ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଛି । ହୋଲି ରେ ବେଧଡକ ମଦ ବିକ୍ରି ଚାଲିଛି, ମୁଣ୍ଡ ଗଡୁଛି । ନାରୀ ସୁରକ୍ଷା ପାଇଁ ସର୍ବ ଦଳୀୟ ବୈଠକ ଡାକି ଗୃହ କମିଟି ଗଠନ କରିବାକୁ ଦାବୀ କରିଛନ୍ତି ।

# ମଣିପୁରରେ ଚାରିଜଣ ଉଗ୍ରବାଦୀ ଏବଂ ମାଦକ ପଦାର୍ଥ ବ୍ୟବସାୟୀ ଗିରଫ


ଇମ୍ଫାଲ, ୧୮/୩ - ମଣିପୁରରେ ସୁରକ୍ଷାବାହିନୀ ଏବଂ ପୋଲିସ ଭିନ୍ନ ଭିନ୍ନ ଅପରେସନରେ ଚାରିଜଣ ଉଗ୍ରବାଦୀ ଏବଂ ମାଦକ ପଦାର୍ଥର ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି।ରାଜ୍ୟରେ ମାଦକ ପଦାର୍ଥ ବିରୋଧରେ ଅଭିଯାନ ତୀବ୍ର କରିଦିଆଯାଇଛି।ଗିରଫ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଉଛି।ଏହି ସୁଚନା ଆଜି ସକାଳେ ପୋଲିସ ଦେଇଛି।ପୋଲିସ କହିଛି ଯେ ବିଷ୍ଣୁପୁର ଜିଲ୍ଲାରେ ସୁରକ୍ଷାବାହିନୀ କେସୀପୀ (ପୀଡବ୍ଲୁଜୀ)ର ଏକ ସକ୍ରିୟ କ୍ୟାଡର ଖୁନ୍ଦ୍ରକପମ ମାଇକଲ ସିଂହ (୩୩)ଙ୍କୁ ନିଙ୍ଗଥେଖୋଙ୍ଗ ଖା କେଇରୁଙ୍ଗବମ ଲୋକାଇରୁ ଗିରଫ କରିଛି।ପଚରାଉଚରାବେଳେ ସେ ସାଙ୍ଗାଇପ୍ରୁ ଏଫସୀଆଇ ଗୋଦାମ ଅଞ୍ଚଳରେ ଏକ ୯ ଏମଏମ ପିସ୍ତଲ ଏବଂ କିଛି ଗୁଳି ଲୁଚାଇଥିବା ସ୍ୱୀକାର କରିଛନ୍ତି।ତାଙ୍କ ନିକଟରୁ ୯ ଏମଏମ ପିସ୍ତଲ (ଏକ) ଖାଲି ମ୍ୟାଗାଜିନ ସହିତ,୯ ଏମଏମର ଚାରୋଟି ଗୁଳି ,୯ ଏମଏମର ଏକ ଖାଲି ଖୋଳ ,ଗୋଟିଏ ଏକେ-୪୭ର ଜୀବନ୍ତ ଗୁଳି,୭.୬୨ ଏମଏମର ଏକ ଜୀବନ୍ତ ଗୁଳି,.୩୦୩ର ଦୁଇଟି ଜୀବନ୍ତ ଗୁଳି,ଗୋଟିଏ ମୋବାଇଲ ଫୋନ ଏବଂ ଦୁଇଟି ସିମ କାର୍ଡ ତଥା ଆଧାର କାର୍ଡ ଜବତ କରାଯାଇଛି।

# ଅହମ୍ମଦାବାଦରେ ଶେୟାର ବଜାରରେ ଭେଟେରାନ ମେଘ ଶାହାଙ୍କ ଫ୍ଲାଟରୁ ୮୭ କିଗ୍ରା ସୁନା ଏବଂ ଏକ କୋଟି ଟଙ୍କାରୁ ଅଧିକ ନଗଦ ଜବତ

ଅହମ୍ମଦାବାଦ, ୧୮/୩ (ନି.ପ୍ର): -ଗୁଜୁରାଟର ଆତଙ୍କବାଦ ସ୍କ୍ୱାର୍ଡ (ଏଟିଏସ) ଏବଂ ରାଜସ୍ୱ ଗୁପ୍ତଚର ନିର୍ଦ୍ଦେଶାଳୟ (ଡିଆରଆଇ) ଅହମ୍ମଦାବାଦର ପାଲଡୀ ଅଞ୍ଚଳରେ ଅବିଷ୍କାର ଫ୍ଲାଟରେ ଚଢାଉ କରି ୮୭.୯୦୦ କିଲୋଗ୍ରାମ ସୁନା ଏବଂ ୧.୩ କୋଟି ଟଙ୍କାର ଅଧିକ ନଗଦ ଟଙ୍କା ଜବତ କରିଛନ୍ତି।ଏହି ପୁନରୁଦ୍ଧାର ଶେୟାର ବଜାରର ଭେଟେରାନ ମହେନ୍ଦ୍ର ଶାହ ଏବଂ ତାଙ୍କ ପୁଅ ମେଘ ଶାହାଙ୍କ ଫ୍ଲାଟରୁ କରାଯାଇଛି।ଏହି ସଫଳତା ଡିଆରଆଇ ଏବଂ ଏଟୀଏସର ମିଳିତ ଅଭିଯାନରେ ମିଳିଛି।ଏଜେନ୍ସିର କହିବା କଥା ଯେ ଅହମ୍ମଦାବାଦରେ ହୋଇଥିବା ଏହି ପୁନରୁଦ୍ଧାର ସଂଯୋଗ ମୁମ୍ବାଇ ପର୍ଯ୍ୟନ୍ତ ବ୍ୟାପିଛି।ମୁମ୍ବାଇରେ ରହୁଥିବା ଏବଂ ଡବ୍ବା ଟ୍ରେଣ୍ଡିଙ୍ଗ ସହ ଜଡିତ ମେଘ ଶାହା ନାମକ ଯୁବକ ଡବ୍ବା ଟ୍ରେଣ୍ଡିଙ୍ଗରୁ ଅର୍ଜିତ ଟଙ୍କାରୁ କିଣାଯାଇଥିବା ସୁନାକୁ ଲୁଚାଇବା ପାଇଁ ଅହମ୍ମଦାବାଦରେ ଏକ ଫ୍ଲାଟଭଡାରେ ରଖିଥିଲେ।ହର୍ଷଦ ମେହତାଙ୍କ ପରି ମେଘ ଶାହା ମଧ ଶେୟର ବଜାରରେ ଛୋଟ ସ୍କ୍ରିପ୍ଟ କାରବାର କରି କେନ୍ଦ୍ରୀୟ ଏଜେନ୍ସୀଗୁଡିକର ନଜରରେ ଆସିଥିଲେ।

# ଡିଜାଇନ୍ ପାଇଁ ପ୍ରବେଶିକା ପରୀକ୍ଷାରେ ସଫଳ ହେଲେ କୌଶିକ

ବାସୁଦେବପୁର, ୧୮/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାଲି ମେଦ ପଂଚାୟତର ପାନପୁର ଗ୍ରାମରେ ଡିଜାଇନ୍ ପାଇଁ ସ୍ନାତକ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଛନ୍ତି କୌଶିକ କୁଶଲ୍ ଭୋଇ। ତାଙ୍କର ପିତା ମାନସ ରଞ୍ଜନ ଭୋଇ ଓ ମାତା ଦୀପ୍ତି ରଞ୍ଜନ ଭୋଇ। ବର୍ତ୍ତମାନ ସେମାନେ ପରିବାର ସହିତ ବାସକରୁଛନ୍ତି ଜା ମସେଦପୁର ଝାଡ଼ଖଣ୍ଡ ରେ। ଟଉରରଉ ଡିଜାଇନ୍ ପାଇଁ ସ୍ନାତକ ସାଧାରଣ ପ୍ରବେଶିକା ପରୀକ୍ଷାରେ ସର୍ବ ଭାରତୀୟ ସ୍ତରରେ ୯ ନମ୍ବର ରେଙ୍କ ରଖିଛନ୍ତି କୌଶିକ। ଯାହା ସମସ୍ତ ଙ୍କ ପାଇଁ ଏକ ଖୁସିର ଖବର । ପରୀକ୍ଷା କେନ୍ଦ୍ର ଥିଲା ଭୁବନେଶ୍ୱର। ପନ୍ଦର ହଜାର ଚାରି ଶହ ଆଠ ପିଲା ପରୀକ୍ଷା ଦେଇଥିଲେ।ଆଇଆଇଟି ଫର୍ ଡି ଡି ଇ ଏସ କଲେଜ୍ ପାଇଛନ୍ତି ସ୍ନାତକ ଡିଜାଇନର କୌଶିକ କୁଶଳ ଭୋଇ। କୌଶିକଙ୍କ ଜେଜେ ବାପା କବି ଓ ସାହିତ୍ୟିକ ଦିବାକର ଭୋଇ ଓ ଜେଜେ ମାଆ ଶଶିକଳା ଭୋଇ। କୌଶିକଙ୍କୁ ଭବିଷ୍ୟତ ଲକ୍ଷ୍ୟ କଥା ପଚାରିଲେ ସେ କୁହନ୍ତି ମୁଁ ଚାହୁଁଛି ମୋର ଡିଜାଇନ୍ କେବଳ ଦେଶ ବ୍ୟାପୀ ନୁହେଁ ସମଗ୍ର ପୃଥିବୀ ସାରା ବିକଶିତ ହେଉ। କୌଶିକ ଖୁବ୍ ସୁନ୍ଦର ପ୍ରିମିୟମ ହସ୍ତ ଶିଳ୍ପ ଚିତ୍ର ଆଙ୍କିଥାନ୍ତି ଓ ପେନ୍ସିଲ ସ୍କେଚ କରିଥାନ୍ତି। ଏହି ସଫଳତା ପାଇଁ କୌଶିକ ଙ୍କୁ ସମସ୍ତେ ଅଭିନନ୍ଦନ ଜଣାଇଛନ୍ତି ଓ ତାଙ୍କ ପରିବାର ବର୍ଗ ଖୁବ୍ ଆନନ୍ଦିତ ଅଛନ୍ତି।



❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida